# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ଜୁଲାଇ ୨୬/୨୦୨୨ (୧୪ ପୃଷ୍ଠା) | Balasore, Tuesday, July 26/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଟୁର୍ ଡି' ଫ୍ରାନ୍ସ ଜିତିଲେ ଭିଙ୍ଗେଗାର୍ଡ**

ଡେନମାର୍କର ଜୋନାସ ଭିଙ୍ଗେଗାର୍ଡ ପ୍ରଥମ ଥର ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍ ଜିତିଛନ୍ତି।

୧୪

୧୦

**କ୍ୟାଟ୍ରିନାଙ୍କୁ ହତ୍ୟା ଧମକ ଦେଇ ଅଭିନେତା ଗିରଫ**

ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ଓ ସ୍ୱାମୀ ଭିକି କୌଶାଲଙ୍କୁ ହତ୍ୟା ଧମକ ଦେଇଥିବା ଅଭିନେତା ମନଭିନ୍ଦର ସିଂ ଗିରଫ ହୋଇଛନ୍ତି।



# ଝିଅ ଅଳିଆ, ପୁଅ ଅରୁଆ

ହିନ୍ଦୁ ପିଲାଙ୍କୁ ସରସ୍ୱତୀ ଓ ଲକ୍ଷ୍ମୀପୂଜାଠାରୁ ଆରମ୍ଭକରି ଗ୍ରାମର ଇଷ୍ଟ ଦେବୀଙ୍କ ପର୍ଯ୍ୟନ୍ତ ସବୁବେଳେ ମାତୃଶକ୍ତିକୁ ମନେ ପକାଇବା ପାଇଁ ଅନେକ ଯୁଗ ଧରି କୁହାଯାଇଆସୁଛି। ଅପରାଧ ଦୁନିଆକୁ ଦେଖିଲେ, ସମ୍ଭବତଃ ଭାରତବର୍ଷରେ ମହିଳା ଏବଂ ଝିଅଙ୍କୁ, ଏପରିକି ଶିଶୁକନ୍ୟାଙ୍କୁ ବଳାତ୍କାର, ହତ୍ୟା ଓ ଅନ୍ୟ ସବୁ ପ୍ରକାରର ନିର୍ଯାତନା ଦିଆଯାଉଥିବା ବିଷୟ ପ୍ରତ୍ୟେକ ଭାରତୀୟ ନିକଟରୁ ହୃଦ୍‌ବୋଧ କରିଆସୁଛନ୍ତି। ମା' କାଳୀଙ୍କୁ ନେଇ ରାଜନୀତି କରିବାରେ ଆମେ ସମସ୍ତେ ଆଗଧାଡ଼ିରେ। ତେବେ କ୍ୱଚିତ ଲୋକ କାଳୀଙ୍କ ଅବତାର ପଛରେ ଥିବା ଚିନ୍ତାକୁ ବୁଝିବାକୁ ଚେଷ୍ଟା କରନ୍ତି।

## ତଥାଗତ ସତପଥୀ

ଭାରତରେ ମହିଳାଙ୍କୁ ମାତୃଶକ୍ତି ଭାବେ ଅଭିହିତ କରାଯାଇ ସମ୍ମାନ ଦିଆଯାଉଛି ବୋଲି କୁହାଯାଏ। କିନ୍ତୁ ବାସ୍ତବରେ ମହିଳାମାନେ ସର୍ବାଧିକ ନିର୍ଯାତନାର ଶିକାର ହେଉଛନ୍ତି। ଜାତୀୟ ଅପରାଧ ରେକର୍ଡସ ବ୍ୟୁରୋ (ଏନ୍‌ସିଆର୍‌ବି) ୨୦୨୦ ରିପୋର୍ଟ ଅନୁଯାୟୀ ମହିଳାଙ୍କ ଉପରେ ଅତ୍ୟାଚାର ହାର ପୂର୍ବ ବର୍ଷ ତୁଳନାରେ ୮.୩ ପ୍ରତିଶତ ହ୍ରାସ ପାଇଥିବା ସୂଚନା ଦିଆଯାଉଥିଲେ ମଧ୍ୟ ଏହାର ପ୍ରକୃତ ହାର କାହିଁରେ କେତେ ଅଧିକ ରହୁଛି। ଅପରାଧ କମ୍ କରି ଦେଖାଇବା କେବଳ ସରକାରଙ୍କ ଭାବମୂର୍ତ୍ତି ନିର୍ମଳ ରଖିବା ପାଇଁ ଅସତ୍ୟ ପ୍ରଚାର ବୋଲି ସମସ୍ତେ ବୁଝିପାରୁଛନ୍ତି। ପ୍ରକୃତରେ ଘରୋଇ ହିଂସାରେ ମହିଳାମାନେ ସର୍ବାଧିକ ଶିକାର ହେଉଛନ୍ତି। ଏପରି କି ଶିଶୁକନ୍ୟାମାନଙ୍କ ଉପରେ ବିଭିନ୍ନ ଢଙ୍ଗରେ ଅତ୍ୟାଚାର କରାଯାଉଛି। ଦେଖିବାକୁ ଗଲେ ମହିଳାଙ୍କ ଦ୍ୱାରା ଘଟାଯାଉଥିବା ଅପରାଧର ସଂଖ୍ୟା ଅତି ଗୌଣ। ଭାରତର କାରାଗାରଗୁଡ଼ିକର ତଥ୍ୟ ନେଲେ ମହିଳା କଏଦୀଙ୍କ ସଂଖ୍ୟା ଯଥେଷ୍ଟ କମ୍। ତେବେ ସାମାଜିକ ବ୍ୟବସ୍ଥାରେ ଘରୋଇ ହିଂସା, ବଳାତ୍କାର, ଅସଦାଚରଣ ଭଳି ଘଟଣାରେ ପ୍ରଥମେ ମହିଳାଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଉଥିବା ଦେଖାଯାଉଛି। କୌଣସି ସ୍ଥାନରେ ଜଣେ ଯୁବତୀ ଅସଦାଚରଣ ବା ବଳାତ୍କାରର ଶିକାର ହେଉଥିଲେ ସାଧାରଣରେ ସମ୍ପୃକ୍ତା ଯୁବତୀଙ୍କ ଦୋଷ ଖୋଜାଯାଇଥାଏ। ଉତ୍ତେଜକ ପୋଷାକ ପିନ୍ଧିଥିବାରୁ ଯୁବକମାନେ ଏଭଳି କାଣ୍ଡ ସୃଷ୍ଟି କଲେ ବୋଲି କଥା ଶୁଣିବାକୁ ମିଳେ। କେହି କେହି କହିଥାଆନ୍ତି ଝିଅମାନେ ସଞ୍ଜଣା ବଜାୟ ରଖୁ ନ ଥିବା ଓ ପୁରୁଷ ବନ୍ଧୁଙ୍କ ସହ ଅତ୍ୟଧିକ ମିଳାମିଶା କରୁଥିବାରୁ ବିପଦରେ ପଡ଼ିଲେ। ଅନ୍ୟପକ୍ଷରେ ପୁରୁଷଙ୍କ ଉପରେ ସେଭଳି ଅଭିଯୋଗ ଆସି ନ ଥାଏ। ଏହାର ମୁଖ୍ୟ କାରଣ ହେଉଛି ମହିଳାଙ୍କୁ ନ୍ୟୂନ କରି ଦେଖିବାର ମାନସିକତାରୁ ଆମ ଦେଶ ଆଗକୁ ଉଠିପାରୁନାହିଁ।

ସାମ୍ପ୍ରତିକ ସମୟକୁ ଦେଖିଲେ ସମସ୍ତଙ୍କ ମନେଥିବା ଭଳି ଉଦାହରଣ ହେଉଛି ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟା ଓ ତତ୍ ପରବର୍ତ୍ତୀ ଘଟଣାକ୍ରମ। ସୁଶାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ବାନ୍ଧବୀ ରିୟା ଚକ୍ରବର୍ତ୍ତୀଙ୍କ ଉପରେ ସବୁ ଦୋଷ ଲଦି ଦିଆଗଲା। କୁହାଗଲା ରିୟା ତାଙ୍କୁ ନିଶା ଦେଇ ଖରାପ କରିଦେଇଥିଲେ। ଏପରି କି ନିଶା ସେବନ ଓ କାରବାର ଅଭିଯୋଗରେ ରିୟାଙ୍କୁ ଜେଲ ଯିବାକୁ ପଡ଼ିଲା। ଘଟଣାକୁ ଭଲ ଭାବେ ତର୍ଜମା ନ କରି ଗଣମାଧ୍ୟମ ବିଶେଷକରି ସୋସିଆଲ ମିଡିଆରେ ରିୟାଙ୍କୁ ଫାଶୀ ଦିଆଯାଉ ବୋଲି କେତେକେ ଦାବି କଲେ। ଏହି ମହିଳାଙ୍କ ଯୋଗୁ ଜଣେ ଭଲ ଷ୍ଟାରଙ୍କ ପ୍ରାଣହାନି ଘଟିଲା ବୋଲି କୁହାଗଲା। ଏବେ ଆଞ୍ଚଳିକ ସ୍ତରରେ ଦେଖିଲେ ଓଡ଼ିଆ ସିନେମା ଅଭିନେତା ବାବୁସାନ ଓ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ଘଟଣା ଚର୍ଚ୍ଚାକୁ ଆସିଛି। ବାବୁସାନଙ୍କ ସ୍ତ୍ରୀ ତୃପ୍ତି ଶତପଥୀ ନିକଟରେ ବାବୁସାନ ଓ ପ୍ରକୃତି ମିଶ୍ର ଏକ ଗାଡ଼ିରେ ଏୟାରପୋର୍ଟ ଯାଉଥିବା ବେଳେ ସେମାନଙ୍କୁ ବାଟରେ ଅଟକାଇ ବାଡ଼େଇଥିଲେ। ସ୍ୱାମୀଙ୍କ ଉପରେ କର୍ତ୍ତୃତ୍ୱ ନ ଥିବା ବେଳେ

> **ଏହା ସତ୍ୟ ଯେ, ଅଳ୍ପ କେତେକ ଦୁଷ୍ଟ ମହିଳା ଦେଶର ଆଇନକୁ ଅପବ୍ୟବହାର କରି ପରିବାରକୁ ଧୂଳିସାତ୍ କରିଦେଉଛନ୍ତି। କିନ୍ତୁ ସେମାନଙ୍କର ମୋଟ ସଂଖ୍ୟାକୁ ପୁରୁଷଙ୍କ ଅନ୍ୟାୟ ସହ ତୁଳନା କଲେ ତାହା, ହୁଏତ, ମାଇକ୍ରୋସ୍କୋପ୍‌ରେ ମଧ୍ୟ ଦିଶିବ ନାହିଁ।**

ନିଜ ଘର ଭାଙ୍ଗିବାରେ ପ୍ରକୃତି ମିଶ୍ରଙ୍କୁ ଦାୟୀ କରି ସର୍ବସାଧାରଣ ସ୍ଥାନରେ ତୃପ୍ତି ଯେଭଳି ବ୍ୟବହାର କଲେ ସେହି ଦୃଶ୍ୟ ଏବେ ଚାରିଆଡ଼େ ପ୍ରସାରିତ ହୋଇଛି। ହେଲେ ଲୋକେ ଏସବୁ କଳି ସକାଶେ ପ୍ରକୃତି ମିଶ୍ରଙ୍କୁ ଦାୟୀ କରୁଛନ୍ତି। କୁହାଯାଉଛି ବାବୁସାନ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଏବଂ ପ୍ରକୃତି ତାଙ୍କୁ ବ୍ଲାକ୍‌ମେଲ କରୁଥିଲେ। ଅଧିକାଂଶ ଘଟଣାରେ ଏପରି ଆଲୋଚନାରେ ସମ୍ପୃକ୍ତ ପୁରୁଷ ନୀରବ ରହିଯାଆନ୍ତି। ଖୁସିର କଥା ବାବୁସାନ ସାହସ ପ୍ରଦର୍ଶନ କରି କହିଛନ୍ତି, କେହି ତାଙ୍କୁ ବ୍ଲାକ୍‌ମେଲ କରୁନାହାନ୍ତି। ଅନ୍ୟପକ୍ଷରେ ବାବୁସାନଙ୍କ ପରିବାର ପ୍ରତି ସହାନୁଭୂତି ଦେଖାଇ କେତେ ଜଣ ମତ ଦେଉଛନ୍ତି ତାଙ୍କର ସ୍ତ୍ରୀ ଓ ସାନ ପୁଅଟିଏ ଥିବାରୁ ପ୍ରକୃତି ଯାହା କରିଛନ୍ତି ତାହା ଭୁଲ। ଏହିଠାରେ ଆଉ ଏକ ଘଟଣାକୁ ଦେଖାଯାଇପାରେ। କିଛି ଦିନ ପୂର୍ବରୁ ଟୁଙ୍ଗୁରୁ ଭୋଳ ଓ ବର୍ଷା ନାମ୍ନୀ ଜଣେ ମହିଳାଙ୍କ ପ୍ରେମ ସମ୍ପର୍କକୁ ନେଇ ସୋସିଆଲ ମିଡିଆରେ ଜୋରଦାର ଚର୍ଚ୍ଚା ହୋଇଥିଲା। କୁହାଯାଇଥିଲା ଗୋଟେ ଭେଣ୍ଡିଆ ପାଇଁ ଦୁଇଟି ଛୁଆର ମା' ଘର ଛାଡ଼ିଦେଇଥିଲେ। ସେହି ମହିଳାଙ୍କୁ ଘଟଣା ପାଇଁ ଦାୟୀ କରାଯାଇ ତାଙ୍କୁ ସୋସିଆଲ ମିଡିଆରେ ବହେ ଗାଳି କରାଯାଥିଲା। ଏହି ଆଗୁଆ ଧାଡ଼ିର ପଳେ ମତଦାତା ସବୁବେଳେ ଭୁଲି ଯାଆନ୍ତି ଯେ, ଦୁଇ ହାତରେ ତାଳିବାଜେ।

ଏହିଭଳି ଅନେକ ଘଟଣା ଦେଖିଲେ ସତେଯେମିତି ପୁଅମାନେ ଗୋଟାପଣେ ଅରୁଆ ଚାଉଳ। କେବଳ ଝିଅମାନେ ଅଳିଆ। ରାସ୍ତାକଡ଼ରେ ଛିଡ଼ା ହୋଇ ମଦ୍ୟପାନ କରିବା, ମାତାପିତାଙ୍କ ଅର୍ଥ ନଷ୍ଟ କରି ପାଠପଢ଼ା ସମୟରେ କ୍ଷୁଦ୍ର ରାଜନୀତିରେ ବୁଡ଼ି ରହିବା, ଗୁଣ୍ଡାମି କରି ବଟି ଆଦାୟ ପର୍ଯ୍ୟନ୍ତ ବୃତ୍ତିଗତ ସଫଳତା ପାଇବା ସତ୍ତ୍ୱେ ବିଭିନ୍ନ ଫେଚ୍‌କାମି କରୁଥିବା ପୁରୁଷ କୌଣସି ଭାବେ କ୍ଷମଣୀୟ ନୁହେଁ। ଭାରତୀୟ ସମାଜରେ ପୁରୁଷଙ୍କ ପ୍ରତି ଏକ ଶକ୍ତିଶାଳୀ ମନୋଭାବ କାର୍ଯ୍ୟ କରିଆସୁଛି। ଏହା ସତ୍ୟ ଯେ, ଅଳ୍ପ କେତେକ ଦୁଷ୍ଟ ମହିଳା ଦେଶର ଆଇନକୁ ଅପବ୍ୟବହାର କରି ପରିବାରକୁ ଧୂଳିସାତ୍ କରିଦେଉଛନ୍ତି। କିନ୍ତୁ ସେମାନଙ୍କର ମୋଟ ସଂଖ୍ୟାକୁ ପୁରୁଷଙ୍କ ଅନ୍ୟାୟ ସହ ତୁଳନା କଲେ ତାହା, ହୁଏତ, ମାଇକ୍ରୋସ୍କୋପ୍‌ରେ ମଧ୍ୟ ଦିଶିବ ନାହିଁ।

# 'ଗରିବ ସ୍ୱପ୍ନକୁ ପୂରଣ କରିପାରେ'

## ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେଲେ ଦ୍ରୌପଦୀ ମୁର୍ମୁ

ନୂଆଦିଲ୍ଲୀ, ୨୫।୭

ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ। ଓଡ଼ିଶାର ମହାନ୍ ସନ୍ଥକବି ଭୀମଭୋଇଙ୍କ ଏହି ବାଣୀ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଗୁଞ୍ଜରିତ ହୋଇଛି। ସୁଯୋଗ୍ୟା ଓଡ଼ିଆ ସନ୍ତାନ ଦ୍ରୌପଦୀ ମୁର୍ମୁ ସୋମବାର ଭାରତର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଦେଇଥିବା ଅଭିଭାଷଣରେ ଭୀମଭୋଇଙ୍କ ଏହି ମର୍ମସ୍ପର୍ଶୀ ଉକ୍ତିକୁ ଉଚ୍ଚାରଣ କରି ଓଡ଼ିଶାକୁ ଗର୍ବିତ କରିଛନ୍ତି। ଦେଶର ପ୍ରଥମ ଆଦିବାସୀ ଏବଂ ଦ୍ୱିତୀୟ ମହିଳା ରାଷ୍ଟ୍ରପତି ଗୌରବ ଅର୍ଜନ କରିଛନ୍ତି ଦ୍ରୌପଦୀ। ଆଜିର ଦିନ ପ୍ରମାଣିତ କରୁଛି ଯେ, ଦେଶର ଜଣେ ଗରିବ ସ୍ୱପ୍ନ ଦେଖି ତାହାକୁ ପୂରଣ କରିପାରେ ବୋଲି ସେ ଅଭିଭାଷଣରେ କହିଛନ୍ତି।

ଗତ ୨୧ ତାରିଖରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଦ୍ରୌପଦୀଙ୍କୁ ସୋମବାର ପୂର୍ବାହ୍ନରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏନ୍.ଭି. ରମନା ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ସମୟରେ ମଞ୍ଚାସୀନ ଥିଲେ ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏବଂ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା। ଶପଥଗ୍ରହଣ ପରେ ମଞ୍ଚରେ ରାଷ୍ଟ୍ରପତିଙ୍କ ପାଇଁ ଉଦ୍ଦିଷ୍ଟ ଆସନକୁ କୋବିନ୍ଦଙ୍କଠାରୁ ଅଳଙ୍କୃତ କରି ଦ୍ରୌପଦୀ ହିନ୍ଦୀରେ ଅଭିଭାଷଣ ଦେବାବେଳେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରିଛନ୍ତି। ସେ ହେଉଛନ୍ତି ଦେଶର ପ୍ରଥମ ରାଷ୍ଟ୍ରପତି, ଯାହାଙ୍କର ଜନ୍ମ ସ୍ୱାଧୀନ ଭାରତରେ ହୋଇଛି ବୋଲି ସେ କହିଛନ୍ତି। ତାଙ୍କୁ ଏଭଳି ସମୟରେ ସର୍ବୋଚ୍ଚ ସାମ୍ବିଧାନିକ ପଦବୀର ଗୁରୁଦାୟିତ୍ୱ ମିଳିଛି, ଯେତେବେଳେ କି ଦେଶ ତା'ର ସ୍ୱାଧୀନତାର ୭୫ତମ ଅମୃତ ମହୋତ୍ସବ ପାଳନ କରୁଛି। କିଛିଦିନ ପରେ ଦେଶ ସ୍ୱାଧୀନତାର ୭୫ ବର୍ଷ ପୂରଣ କରିବ। ଏହା ଏକ ଅପୂର୍ବ ସଂଯୋଗ ଯେ ଦେଶ ଯେତେବେଳେ ସ୍ୱାଧୀନତାର ୫୦ ବର୍ଷ ପୂରଣ କରୁଥିଲା, ସେତେବେଳେ ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ଆଉ ଆଜି ସ୍ୱାଧୀନତାର ୭୫ବର୍ଷରେ ତାଙ୍କୁ ନୂତନ ଦାୟିତ୍ୱ ନିର୍ବାହ କରିବାକୁ ସୁଯୋଗ ମିଳିଛି। ଦେଶର ସବୁ ନାଗରିକଙ୍କ ଆଶା ଏବଂ ଆକାଂକ୍ଷାକୁ ପୂରଣ କରିବେ ବୋଲି ଦ୍ରୌପଦୀ ☞ପୃଷ୍ଠା-୪



ନୂଆଦିଲ୍ଲୀସ୍ଥିତ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏନ୍.ଭି. ରମନା ଶପଥ ପାଠ କରାଉଛନ୍ତି।

# ବାହାରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

### ମଙ୍କିପକ୍ସ ଭୟ: ୭୫ ଦେଶକୁ ବ୍ୟାପିଲାଣି

ଭୁବନେଶ୍ୱର, ୨୫।୭(ବ୍ୟୁରୋ)

ଓଡ଼ିଶାରେ ମଙ୍କିପକ୍ସ ଭୂତାଣୁ ଚିହ୍ନଟ ହୋଇନାହିଁ। କିନ୍ତୁ କେନ୍ଦ୍ର ଦେଇଥିବା ଆଡ୍‌ଭାଇଜରି ଅନୁସାରେ ସରକାର ସତର୍କ ଅଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ମଙ୍କିପକ୍ସ ନେଇ ସବୁ ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ବିଶେଷଜ୍ଞ ଡାକ୍ତରମାନଙ୍କୁ ସଚେତନ କରାଯିବା ସହିତ ଗାଇଡ୍‌ଲାଇନ ବିଷୟରେ ପୂର୍ବରୁ ଅବଗତ କରାଯାଇଛି। ଯେଉଁମାନେ ବାହାରୁ ଆସୁଛନ୍ତି, ସେମାନଙ୍କ ଉପରେ ନଜର ରଖିବାକୁ ଜିଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନଙ୍କର ଲକ୍ଷଣ ଥିବ ସେମାନଙ୍କୁ କିଭଳି ପରୀକ୍ଷା କରାଯିବ ସେନେଇ ଆର୍‌ଏମ୍‌ଆର୍‌ସି ସହିତ ଆଲୋଚନା କରାଯାଇଛି। ଆର୍‌ଏମ୍‌ଆର୍‌ସି ନମୁନା ପରୀକ୍ଷା କରିବାର ଦାୟିତ୍ୱ ନେଇଛି। ସାରା ଦେଶରେ ଆର୍‌ଏମ୍‌ଆର୍‌ସି ସମେତ ୧୫ ସ୍ଥାନରେ ମଙ୍କିପକ୍ସ ପରୀକ୍ଷା କରାଯାଉଛି। ସ୍ମଲ୍ ପକ୍ସ ଭଳି ଯଦି ଲକ୍ଷଣ ଆସୁଛି, ଟେଷ୍ଟ କରିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ଅପରପକ୍ଷେ ଭାରତ ସମେତ ୭୫ ଦେଶକୁ ଏହି ସାଂଘାତିକ ଭୂତାଣୁ ବ୍ୟାପିଗଲାଣି। ୧୬ ହଜାରରୁ ଅଧିକ ଏହାଦ୍ୱାରା ଆକ୍ରାନ୍ତ ହୋଇଥିବାବେଳେ ୫ ଜଣଙ୍କ ଜୀବନ ଗଲାଣି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମଙ୍କିପକ୍ସକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍କଟ ବା ୱାଲର୍ଡ ହେଲ୍‌ଥ ଏମର୍ଜେନ୍ସି ଘୋଷଣା କରିଛି। ସେପଟେ ମଙ୍କିପକ୍ସ ଭୂତାଣୁ କେରଳ ପରେ ଦିଲ୍ଲୀ ଛୁଇଁ ଥିବାରୁ ଏବେ ଭୟ ବଢ଼ିଛି। ☞ପୃଷ୍ଠା-୪






# କାମ ସରିନି, ମାଟିତଳୁ ଉଠିଗଲା ପାଇପ୍

### ଗଙ୍ଗାଧର ମେହେର ଉଠାଜଳସେଚନ ପ୍ରକଳ୍ପ

ପ୍ରେମାନନ୍ଦ ଖମାରି

ବରଗଡ଼ ଅଫିସ୍, ୨୫।୭

ବରଗଡ଼ ଓ ସୁବର୍ଣ୍ଣପୁର ଜିଲା ଅଧୀନ ୧୪୧ଗ୍ରାମର ୩୧,୩୫୦ହେକ୍ଟର ମରୁଡ଼ିଗ୍ରସ୍ତ ଚାଷଜମିକୁ ଜଳଯୋଗାଣ ପାଇଁ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ କାମ ଚାଲିଛି। ଏହାଦ୍ୱାରା ଅଣଜଳସେଚିତ ଜମିକୁ ପାଣି ମାଡ଼ିବ ବୋଲି ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ମାତ୍ର ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଯେଭଳି ଚାଲିଛି, ତାହା ଚାଷୀ ଏବଂ ଅଞ୍ଚଳବାସୀଙ୍କୁ ଏବେ ନିରାଶ କରିଛି। ବରଗଡ଼ ସହର ଉପକଣ୍ଠ ପଥର୍ଲା ଗ୍ରାମ ଦେଇ ପ୍ରକଳ୍ପ ପାଇଁ ଗତ କିଛିଦିନ ତଳେ ମାଟିତଳେ ବିଛାଯାଇଥିବା ପାଇପ୍ ସାମାନ୍ୟ ବର୍ଷାରେ ଉପରକୁ ଉଠି ଯାଇଛି। ଏଭଳି ହେଲେ ଧାର୍ଯ୍ୟ ସମୟସୀମା ମଧ୍ୟରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ☞ପୃଷ୍ଠା-୪



ପଥର୍ଲା ଗ୍ରାମ ନିକଟରେ ଉପରକୁ ଉଠିଯାଇଥିବା ପାଇପ୍।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୬ ଜୁଲାଇ, ୨୦୨୨



# ବିଲ୍‌ରେ ବାଜିବ ଦ୍ରୌପଦୀଙ୍କ ମୋହର

## ରାଷ୍ଟ୍ରପତିଙ୍କ କ୍ଷମତା

**ନୂଆଦିଲ୍ଲୀ, ୨୫।୭**

ସ୍ୱାଧୀନୋତ୍ତର ଭାରତରେ ଜନ୍ମିତ ତଥା ପ୍ରଥମ ଆଦିବାସୀ ମହିଳା ଭାବେ ଶପଥ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଏବଂ ଦେଶର ଇତିହାସରେ ନୂଆ ପର୍ବ ଯୋଡ଼ିଛନ୍ତି। ଭାରତ ଏହାର ସର୍ବକନିଷ୍ଠ ରାଷ୍ଟ୍ରପତିଙ୍କୁ ପାଇଛି। ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଧିଷ୍ଠିତ ହୋଇଥିବା ୬୪ ବର୍ଷୀୟା ଦ୍ରୌପଦୀ ମୁର୍ମୁଙ୍କ ହାତରେ ଏକାଧିକ ଅସାଧାରଣ କ୍ଷମତା ରହିଛି। କୌଣସି ପ୍ରସଙ୍ଗରେ ସରକାର ଆଇନ ଆଣିଲେ କିମ୍ବା ନିଷ୍ପତ୍ତି ନେଲେ ରାଷ୍ଟ୍ରପତିଙ୍କ ବିନା ମୋହରରେ ତାହା କାର୍ଯ୍ୟକାରୀ ହୋଇପାରି ନ ଥାଏ। ସମ୍ବିଧାନ ପ୍ରଦତ୍ତ କ୍ଷମତା ବ୍ୟତୀତ ସେ କେତେକ ନିଷ୍ପତ୍ତି ତାଙ୍କ ବିବେକ ଅନୁସାରେ ନେଇପାରିବେ ଏବଂ କେତେକ କ୍ଷେତ୍ରରେ ଭିଟୋ ପାୱାର ମଧ୍ୟ ବ୍ୟବହାର କରିପାରିବେ।

ଦେଶର ପଞ୍ଚଦଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଅଧ୍ୟାଦେଶ ଜାରି କରିବାର କ୍ଷମତା ରହିଛି। ଫାଶୀ କିମ୍ବା କଠୋର ଦଣ୍ଡାଦେଶ ପାଇଥିବା ଦୋଷୀଙ୍କୁ ସେ କ୍ଷମା ଦେଇପାରିବେ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟର ପରାମର୍ଶ କ୍ରମେ ସେ ଆବଶ୍ୟକସ୍ଥଳେ ଦେଶରେ ଜରୁରୀସ୍ଥିତି ଘୋଷଣା କରିପାରିବେ। ସାମ୍ବିଧାନିକ ମୁଖ୍ୟ ଭାବେ ସେ ହେଉଛନ୍ତି ସମ୍ବିଧାନର ସଂରକ୍ଷକ। ପାର୍ଲାମେଣ୍ଟର ଅଧିବେଶନ ଡକାଇବା କ୍ଷମତା ରାଷ୍ଟ୍ରପତିଙ୍କ ନିକଟରେ ରହିଛି। ସଶସ୍ତ୍ର ସେନାର ସେ ହେଉଛନ୍ତି ସୁପ୍ରିମ କମାଣ୍ଡର। କେନ୍ଦ୍ରର କାର୍ଯ୍ୟକାରୀ ଶକ୍ତି ରାଷ୍ଟ୍ରପତିଙ୍କଠାରେ ନିହିତ। ଦ୍ରୌପଦୀ ମୁର୍ମୁ ତାହାକୁ ସିଧାସଳଖ କିମ୍ବା ସମ୍ବିଧାନ ଅନୁସାରେ ଅଧିକାରୀଙ୍କ ମାଧ୍ୟମରେ ପ୍ରୟୋଗ କରିପାରିବେ। କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତିକ୍ରମେ ସେ ଲୋକ ସଭାକୁ ଭଙ୍ଗ କରିପାରିବେ। ପାର୍ଲାମେଣ୍ଟ ଅଧିବେଶନ ଚାଲି ନ ଥିବାବେଳେ ରାଷ୍ଟ୍ରପତି ଯେ କୌଣସି ସମୟରେ ଅଧ୍ୟାଦେଶ ଆଣିପାରିବେ। ସେ ବିତ୍ତୀୟ ଏବଂ ଆର୍ଥିକ ବିଲ୍ ଆଣିବା ପାଇଁ ସୁପାରିସ କରିବା ସହ ବିଧେୟକଗୁଡ଼ିକୁ ସ୍ୱୀକୃତି ଦେଇପାରିବେ। କେତେକ ଘଟଣାରେ ଦଣ୍ଡ ପାଇଥିବା କୌଣସି ବ୍ୟକ୍ତିଙ୍କ ଦଣ୍ଡବିଧାନ କୋହଳ କରିବା, କ୍ଷମା ପ୍ରଦାନ କରିବା କିମ୍ବା ଦଣ୍ଡକୁ ଖାରଜ କରିବା ଭଳି କ୍ଷମତା ଦ୍ରୌପଦୀ ମୁର୍ମୁଙ୍କ ପାଖରେ ରହିବ। କୌଣସି ରାଜ୍ୟରେ ସାମ୍ବିଧାନିକ ସଙ୍କଟ ଦେଖାଦେଲେ ରାଷ୍ଟ୍ରପତି ନିଜେ ସେଠାକାର ସରକାରଙ୍କ ଦାୟିତ୍ୱ ନେଇପାରିବେ। ଯୁଦ୍ଧ ଭଳି ପରିସ୍ଥିତିରେ, ଦେଶ କିମ୍ବା କୌଣସି ଭାଗରେ ସୁରକ୍ଷା ବ୍ୟବସ୍ଥା ପ୍ରତି ବିପଦ ଉପୁଜିଲେ କିମ୍ବା ବିଦ୍ରୋହ କାରଣରୁ ସ୍ଥିତି ଅନିୟନ୍ତ୍ରିତ ହୋଇଗଲେ ରାଷ୍ଟ୍ରପତି ଜରୁରିକାଳୀନ ସ୍ଥିତି ଘୋଷଣା କରିପାରିବେ।



ରାଷ୍ଟ୍ରପତି ଭବନରେ ତିନିବାହିନୀର ଗାର୍ଡ ଅଫ୍ ଅନରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିରୀକ୍ଷଣ କରୁଛନ୍ତି।


ପାର୍ଲାମେଣ୍ଟର ସେଣ୍ଟ୍ରାଲ୍ ହଲ୍‌ରେ ଶପଥଗ୍ରହଣ ଉତ୍ସବ ଅବସରରେ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିକଟରେ ଅଛନ୍ତି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଅନ୍ୟ ବରିଷ୍ଠ ଅତିଥି।


ପାର୍ଲାମେଣ୍ଟ ସେଣ୍ଟ୍ରାଲ୍ ହଲ୍‌ରେ ଅନୁଷ୍ଠିତ ଶପଥଗ୍ରହଣ ଉତ୍ସବ ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂ ଓ ଅନ୍ୟ ଅତିଥିବୃନ୍ଦ।

## ରାଷ୍ଟ୍ରପତିଙ୍କ ବାହନ

**ନୂଆଦିଲ୍ଲୀ, ୨୫।୭**

ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ଦ୍ରୌପଦୀ ମୁର୍ମୁ। ଦେଶର ପ୍ରଥମ ନାଗରିକ ଭାବେ ତାଙ୍କୁ ମିଳିବ ପଦମର୍ଯ୍ୟାଦା। ସୁରକ୍ଷା ଏବଂ ସମ୍ମାନ ଦୃଷ୍ଟିକୋଣରୁ ଯୋଗାଇ ଦିଆଯିବ ସର୍ବୋତ୍ତମ ସୁବିଧା। ଯାତାୟାତଠାରୁ ଆରମ୍ଭ କରି ଖାଦ୍ୟପେୟ ଯାଏ ରଖାଯିବ ସ୍ୱତନ୍ତ୍ର ଧ୍ୟାନ। ଏସବୁ ଭିତରେ ପୁଣି ଥରେ ଚର୍ଚ୍ଚାକୁ ଆସିଛି ରାଷ୍ଟ୍ରପତି ଚଢୁଥିବା ବିଳାସମୟ ଗାଡ଼ି 'ମର୍ସିଡିଜ୍ ବେଞ୍ଜ୍ ଏସ୍-୬୦୦ ପୁଲମାନ୍ ଗାର୍ଡ'। ଏହା ଭାରତର ସର୍ବୋତ୍ତମ ସୁରକ୍ଷିତ ବାହନଗୁଡ଼ିକ ମଧ୍ୟରୁ ଅନ୍ୟତମ।

ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସେବା ଯୋଗାଇ ଆସୁଥିଲା 'ମର୍ସିଡିଜ୍ ବେଞ୍ଜ୍ ଏସ୍-୬୦୦ ପୁଲମାନ୍ ଗାର୍ଡ'। ଏବେ ନୂତନ ରାଷ୍ଟ୍ରପତି ମୁର୍ମୁଙ୍କ ସେବାରେ ଏହାକୁ ନିୟୋଜିତ କରାଯିବ। ରାଷ୍ଟ୍ରପତି ଯେଉଁ ଗାଡ଼ି ଚଢ଼ିବେ, ତାହାର ବୈଶିଷ୍ଟ୍ୟ ଯେତିକି ଚର୍ଚ୍ଚିତ ସେତିକି ତାତ୍ପର୍ଯ୍ୟପୂର୍ଣ୍ଣ ମଧ୍ୟ।

ରାଷ୍ଟ୍ରପତିଙ୍କ ବାହନ ଭାବେ ପରିଚିତ 'ମର୍ସିଡିଜ୍ ବେଞ୍ଜ୍ ଏସ୍-୬୦୦ ପୁଲମାନ୍ ଗାର୍ଡ'କୁ ୨୦୧୫ରେ କ୍ରୟ କରାଯାଇଥିଲା। ଏହାର ମୂଲ୍ୟ ୮.୯ କୋଟି ଟଙ୍କା। ତେବେ ପରବର୍ତ୍ତୀ ସମୟରେ ଏଥିରେ ଅତ୍ୟାଧୁନିକ ବ୍ୟବସ୍ଥା, ସୁରକ୍ଷିତ ଉପକରଣ ସଂଯୁକ୍ତ କରାଯାଇଛି। ଏହା ବିସ୍ଫୋରକ ପ୍ରତିରୋଧୀ ହୋଇଥିବାବେଳେ 'ଭିଆର୍-୯' ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଏହି ଦାମୀ ଗାଡ଼ି ୨ ମିଟର ଦୂରରୁ ୧୫ କିଲୋଗ୍ରାମ ଯାଏ ବିପଜ୍ଜନକ ବିସ୍ଫୋରକର ସମ୍ମୁଖୀନ ହେବାରେ ସକ୍ଷମ। ଏଥିସହ ୭.୪୨ X ୫୧ ମିଲିମିଟର ଯାଏ ଗୁଳି ପ୍ରତିରୋଧୀ। ଏପରି କି ଏକେ-୪୭ ବନ୍ଧୁକର ଗୁଳି ମଧ୍ୟରେ ଏହାକୁ ପାର୍ କରିପାରିବ ନାହିଁ। ଏହାର ଚକାଗୁଡ଼ିକ ମଧ୍ୟ ବୁଲେଟ୍‌ପ୍ରୁଫ୍।



'ମର୍ସିଡିଜ୍ ବେଞ୍ଜ୍ ଏସ୍-୬୦୦ ପୁଲମାନ୍ ଗାର୍ଡ'

ଏହାର ଆଭ୍ୟନ୍ତରୀଣ ଡିଜାଇନ ସ୍ୱତନ୍ତ୍ର ପ୍ରକାରର। ଏଥିରେ ଅକ୍ସିଜେନ ବ୍ୟବସ୍ଥା, ଅଟୋମେଟେଡ୍ ଲକ୍ କଣ୍ଟ୍ରୋଲ୍, ଜରୁରିକାଳୀନ ଆଲାର୍ମ ସମେତ ଅନ୍ୟାନ୍ୟ ସୁବିଧା ରହିଛି। ମୁହାଁମୁହିଁ ଭାବେ ଏଥିରେ ୪ଜଣ ବସିପାରିବେ।

ଗାଡ଼ିରେ ଯେଉଁ ଅକ୍ସିଜେନ ସୁବିଧା ଉପଲବ୍ଧ, ତାହା ପଛରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି। ଯଦି କୌଣସି ସମୟରେ ଗାଡ଼ି ଦୁର୍ଘଟଣାର ସମ୍ମୁଖୀନ ହୁଏ କିମ୍ବା ରାସାୟନିକ ଗ୍ୟାସ୍ ପ୍ରୟୋଗ କରାଯାଏ, ତେବେ ଏହା କାମରେ ଆସିବ। ଏହି ବ୍ୟବସ୍ଥା ସ୍ୱୟଂଚାଳିତ ଭାବେ ଦୀର୍ଘ ସମୟ ଯାଏ ନିରନ୍ତର ଅକ୍ସିଜେନ ଯୋଗାଣ କରି ଜୀବନ ରକ୍ଷାରେ ସହାୟକ ହେବ। ଜରୁରୀ ପରିସ୍ଥିତି ଉପୁଜିଲେ ଗାଡ଼ିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଆପେଆପେ ସଙ୍କେତ ଚାଲିଯାଏ। ଏହା ଭିତରେ ଦୁଇଟି ଦୁର୍ଘଟଣା ପ୍ରତିରୋଧୀ ଏୟାର ବ୍ୟାଗ୍ ଲଗାଯାଇଛି। ସେହିପରି ପଛପାର୍ଶ୍ୱରେ ସ୍ୱତନ୍ତ୍ର ଭାବେ ୱିଣ୍ଡୋବ୍ୟାଗ୍ ଖଞ୍ଜାଯାଇଛି। ତେବେ ସୁରକ୍ଷା ଦୃଷ୍ଟିରୁ ରାଷ୍ଟ୍ରପତିଙ୍କ ଏହି ବାହନ ସମ୍ପର୍କିତ ସବିଶେଷ ସୂଚନା ସାର୍ବଜନୀନ କରାଯାଇନାହିଁ।

## ଶୁଭେଚ୍ଛା ଜଣାଇଲେ ବିଶ୍ୱନେତା

**ନୂଆଦିଲ୍ଲୀ, ୨୫।୭:** ଭାରତର ପଞ୍ଚଦଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଶ୍ୱ ନେତାମାନେ ଶୁଭେଚ୍ଛା ଜଣାଇଛନ୍ତି। ଚାଇନା, ରୁଷିଆ, ଶ୍ରୀଲଙ୍କା, ନେପାଳ ସମେତ ବହୁ ରାଷ୍ଟ୍ରର ମୁଖ୍ୟମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ସହଯୋଗ ଆଶା କରିଛନ୍ତି।


ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତାଙ୍କ ଭାରତ ପ୍ରତିପକ୍ଷ ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତ-ଚାଇନା ସମ୍ପର୍କକୁ ସେ ଗୁରୁତ୍ୱ ଦିଅନ୍ତି। ପାରସ୍ପରିକ ରାଜନୈତିକ ବିଶ୍ୱାସ ବଢ଼ାଇବା ସହ ବ୍ୟବହାରିକ ସହଯୋଗକୁ ମଜଭୁତ କରିବା ଏବଂ ମତପାର୍ଥକ୍ୟ ଭୁଲି ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଦିଗରେ ଦ୍ରୌପଦୀ ମୁର୍ମୁଙ୍କ ସହ କାମ କରିବାକୁ ସେ ଇଚ୍ଛୁକ ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି।


ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମୁର୍ମୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତ ସହ ବିଶେଷ ରଣନୈତିକ ଭାଗୀଦାରିକୁ ରୁଷିଆ ସର୍ବଦା ଗୁରୁତ୍ୱ ଦେଇଆସିଛି। ରାଷ୍ଟ୍ରମୁଖ୍ୟ ଭାବେ ଦ୍ରୌପଦୀଙ୍କ କାର୍ଯ୍ୟ ଦୁଇ ବନ୍ଧୁରାଷ୍ଟ୍ରଙ୍କ ହିତସାଧନ କରିବ ଏବଂ ବୈଶ୍ୱିକ ସ୍ଥିରତା ଓ ଶାନ୍ତି ବଜାୟ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ପୁଟିନ୍ ଆଶାବ୍ୟକ୍ତ କରିଛନ୍ତି।


ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ତାଙ୍କ ଭାରତ ପ୍ରତିପକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦ୍ରୌପଦୀ ମୁର୍ମୁଙ୍କ ନେତୃତ୍ୱରେ ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜଭୁତ ହେବ। ଏହି ଆଶାରେ ମୁର୍ମୁଙ୍କ ସହ କାର୍ଯ୍ୟ କରିବାକୁ ସେ ଆଶାବାଦୀ ବୋଲି ୱିକ୍ରମସିଂଘେ କହିଛନ୍ତି।


ନେପାଳ ପ୍ରଧାନମନ୍ତ୍ରୀ ଶେର ବାହାଦୂର ଦେଉବା ଟୁଇଟ୍ କରି ତାଙ୍କ ସରକାର ଓ ଦେଶବାସୀଙ୍କ ପକ୍ଷରୁ ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆସନ୍ତା ଦିନରେ ନେପାଳ ଓ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ମଜଭୁତ ହେବ ବୋଲି ସେ ନିଶ୍ଚିତ ଥିବା ପ୍ରକାଶ କରିଛନ୍ତି।


ମାଳଦ୍ୱୀପ ରାଷ୍ଟ୍ରପତି ଇବ୍ରାହିମ୍ ମହମ୍ମଦ ସୋଲିହ ଭାରତର ରାଷ୍ଟ୍ରପତି ମୁର୍ମୁଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଦକ୍ଷତା ଏବଂ ଅଭିଜ୍ଞତା ଭାରତକୁ ନିଃସନ୍ଦେହରେ ଆହୁରି ଶୀର୍ଷକୁ ନେବେ ବୋଲି କହିଛନ୍ତି। ଏଥିସହ ତାଙ୍କ ନେତୃତ୍ୱରେ ମାଳଦ୍ୱୀପ ଏବଂ ଭାରତ ମଧ୍ୟରେ ସମ୍ପର୍କ ଆହୁରି ଘନିଷ୍ଠ ହେବ ବୋଲି ଇବ୍ରାହିମ୍ ଟୁଇଟ କରିଛନ୍ତି।

## ସାନ୍ତାଳୀ ଶାଢ଼ି (ଝେଲ) ପିନ୍ଧି ଶପଥ ନେଲେ

ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ସୋମବାର ଶପଥ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ପ୍ରଥମ ଆଦିବାସୀ ଏବଂ ସର୍ବୋଚ୍ଚ ପଦବୀରେ ନିର୍ବାଚିତ ହୋଇଥିବା ଦ୍ୱିତୀୟ ମହିଳା। ରାଷ୍ଟ୍ରପତିଭାବେ ଶପଥ ଗ୍ରହଣ କରିବାବେଳେ ଦ୍ରୌପଦୀ ପାରମ୍ପରିକ ସାନ୍ତାଳୀ ଶାଢ଼ି (ଝେଲ) ପିନ୍ଧିଥିଲେ। ଏହି ଶାଢ଼ି ଓ ପାରମ୍ପରିକ ଆରିସା ପିଠା ନେଇ ତାଙ୍କ ସାନ ଭାଇ ଭାଉଜ ରାଇରଙ୍ଗପୁରରୁ ଶନିବାର ଦିଲ୍ଲୀ ଯାଇଥିଲେ। ଦ୍ରୌପଦୀ ପିନ୍ଧିଥିବା ଧଳା ଶାଢ଼ିରେ ଲାଲ ଓ ସବୁଜ ରଙ୍ଗର ବର୍ଡର ସହ ଟେମ୍ପଲ ପ୍ରିଣ୍ଟ ରହିଛି। ବୁଣାକାରମାନେ ରଙ୍ଗିନ ସୂତାରେ ଏହି ସାନ୍ତାଳୀ (ଝେଲ) ଶାଢ଼ି ତିଆରି କରିଥାନ୍ତି। ସାନ୍ତାଳୀ ସମ୍ପ୍ରଦାୟର ମହିଳାମାନେ ଏହି ଶାଢ଼ିକୁ ବିଶେଷ ଉତ୍ସବରେ ପିନ୍ଧିଥାଆନ୍ତି। ସାନ୍ତାଳୀ ଶାଢ଼ି କେବଳ ଓଡ଼ିଶା ନୁହେଁ ବରଂ ପଡ଼ୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆସାମ ସମେତ ଅନ୍ୟ ରାଜ୍ୟରେ ମଧ୍ୟ ପ୍ରଚଳିତ। ପୂର୍ବ କାଳରେ, ଏହି ଶାଢ଼ିଗୁଡ଼ିକରେ ଧନୁତୀରର ଡିଜାଇନ୍ ରହୁଥିଲା। କିନ୍ତୁ ଏବେ ଏହି ଶାଢ଼ିରେ ମୟୂର, ଫୁଲ ଆଦି ଡିଜାଇନ୍ ରହୁଛି। ପ୍ରକାଶ ଯେ, ନାମ ଘୋଷଣା ପରଠାରୁ ୧୩ଥର ଝେଲ ପିନ୍ଧିଲେଣି ରାଷ୍ଟ୍ରପତି।

## ଭାଜପାର ଏଜେଣ୍ଡା ପୂରଣ କରିଛନ୍ତି କୋବିନ୍ଦ: ମେହବୁବା ମୁଫ୍‌ତି

ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଟାର୍ଗେଟ୍ କରିଛନ୍ତି ଜମ୍ମୁକଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି। କୋବିନ୍ଦ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଭାଜପାର ଏଜେଣ୍ଡା ପୂରଣ କରିବା ପାଇଁ ସମ୍ବିଧାନର ମର୍ଯ୍ୟାଦାକୁ ଅନେକ ଥର କ୍ଷୁଣ୍ଣ କରିଛନ୍ତି ବୋଲି ମୁଫ୍‌ତି କହିଛନ୍ତି। ସୋମବାର ନୂଆ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ଶପଥ ଗ୍ରହଣ କରିବା ପରେ ମୁଫ୍‌ତି କୋବିନ୍ଦଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଧାରା ୩୭୦, ନାଗରିକତ୍ୱ ଆଇନ ହେଉ କି ସଂଖ୍ୟାଲଘୁ ଓ ଦଳିତଙ୍କୁ ଟାର୍ଗେଟ ହେଉ, କୋବିନ୍ଦ ଭାଜପାର ଏଜେଣ୍ଡାକୁ ଗୁରୁତ୍ୱ ଦେଇ ସମ୍ବିଧାନକୁ ବେଖାତିର କରିଛନ୍ତି ବୋଲି ମୁଫ୍‌ତି ଟୁଇଟ୍ ଯୋଗେ କହିଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ ମୁଫ୍‌ତିଙ୍କ ମନ୍ତବ୍ୟକୁ ଖଣ୍ଡନ କରିଛନ୍ତି। ଆମେ ଏଭଳି ମନ୍ତବ୍ୟକୁ ଗୁରୁତ୍ୱ ଦେଉନାହୁଁ ବୋଲି ରିଜିଜୁ କହିଛନ୍ତି।

## ଯୋଗଦେଲେନି ନୀତୀଶ



ଭାଜପା ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମଧ୍ୟରେ ଥିବା ବିବାଦ ସୋମବାର ପୁଣି ପଦାକୁ ଆସିଛି। ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁ ଶପଥ ନେବାବେଳେ ପାର୍ଲାମେଣ୍ଟରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଯୋଗ ନ ଦେବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପ୍ରତିକ୍ରିୟାରେ ଜେଡିୟୁ ସଂସଦୀୟ ବୋର୍ଡ ମୁଖ୍ୟ ଉପେନ୍ଦ୍ର କୁଶୱାହା କହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ କାର୍ଯ୍ୟକ୍ରମରେ ଯୋଗଦେବା ବାଧ୍ୟତାମୂଳକ ନୁହେଁ। ଏନ୍‌ଡିଏ ରାଷ୍ଟ୍ରପତି ଭାବେ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଜେଡିୟୁ ତାଙ୍କୁ ସମର୍ଥନ ଦେବା ପାଇଁ ଘୋଷଣା କରିଥିଲା। ଶପଥଗ୍ରହଣ ଉତ୍ସବରେ ଯୋଗଦେବା କେବଳ ଏକ ଔପଚାରିକତା। ବିହାରରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଥିବାରୁ ଦିଲ୍ଲୀ ଯାଇ ଏହି ସମାରୋହରେ ଯୋଗଦେବା ଜରୁରୀ ନୁହେଁ ବୋଲି କୁଶୱାହା କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନ ଉପଲକ୍ଷେ ଉଚ୍ଚସ୍ତରୀୟ ବୈଠକ ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ଏବଂ ଅମିତ ଶାହା ପାଟନା ଯିବା କାର୍ଯ୍ୟକ୍ରମ ଉପରେ କୁଶୱାହା କହିଛନ୍ତି, ବିହାରରେ ନୀତୀଶ କୁମାର ହେଉଛନ୍ତି ସବୁଠାରୁ ବଡ଼ ନେତା। ଅନ୍ୟ କୌଣସି ଦଳର ଶୀର୍ଷ ନେତା ବିହାର ଆସିବା ତାଙ୍କ ପାଇଁ ସେତେ ଗୁରୁତ୍ୱ ରଖେନାହିଁ। କୁଶୱାହାଙ୍କ ଏଭଳି ମନ୍ତବ୍ୟ ପରେ ବିହାରରେ ଭାଜପା-ଜେଡିୟୁ ମେଣ୍ଟରେ ସବୁକିଛି ଠିକ୍ ଚାଲୁ ନ ଥିବା କୁହାଯାଉଛି।


ଶପଥଗ୍ରହଣ ଉତ୍ସବ ପୂର୍ବରୁ ରାଷ୍ଟ୍ରପତି ଭବନରେ ଦ୍ରୌପଦୀଙ୍କୁ ମିଠା ଖୁଆଉଛନ୍ତି ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ।


ରାଷ୍ଟ୍ରପତି ଭବନରେ ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୫୪,୯୦,୧୪୧ | ୬୪,୦୩,୭୨୪ | ୫୪,୫୨,୯୧,୮୦୯ |
| ଭାରତ | ୪,୩୯,୦୫,୬୨୧ | ୫,୨୬,୦୭୪ | ୪,୩୨,୨୮,୬୭୦ |
| ଓଡ଼ିଶା | ୧୩,୦୭,୨୪୯ | ୯୧୩୩(+୫୩) | ୧୨,୯୧,୬୬୯ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପ୍ରତିଶ୍ରୁତିର ୧%ରୁ ବି କମ୍ ନିଯୁକ୍ତି

**ଯାଜପୁର ଅଫିସ,୨୫।୭**

ସରକାର ନିଯୁକ୍ତିକୁ ଗୁରୁତ୍ୱ ଦେଇ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ସିଙ୍ଗଲ ୱିଣ୍ଡୋ ପଦ୍ଧତି ଏବଂ ହାଇଲେଭଲ କ୍ଲିୟରାନ୍ସ ଅଥରିଟି ଗଠନ କରିଛନ୍ତି। ହେଲେ ଶିଳ୍ପ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିବା ଉଦ୍ୟୋଗୀମାନଙ୍କୁ ଜମି, ରାସ୍ତା, ବିଦ୍ୟୁତୀକରଣ, ପାଣି ଇତ୍ୟାଦି ଭିତ୍ତିଭୂମି ଯୋଗାଇ ଦେବାରେ ପ୍ରଶାସନର ଅବହେଳା କାରଣରୁ ଅନୁମୋଦିତ ୬୪୯ ଶିଳ୍ପ ମଧ୍ୟରୁ ୧୪୮ଟି ପ୍ରତିଷ୍ଠା ହୋଇପାରିଛି। ମେକ୍ ଇନ୍ ଓଡ଼ିଶା ପ୍ରଥମ ସଂସ୍କରଣ (୨୦୧୬) ଜରିଆରେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ୮୪ଟି ଆଗ୍ରହ ପ୍ରସ୍ତାବ ମଧ୍ୟରୁ ୫୮ଟିକୁ ଅନୁମୋଦନ ମିଳିଛି। ସେଥିରୁ ମାତ୍ର ୭ଟି ଶିଳ୍ପ ପ୍ରତିଷ୍ଠା ହୋଇ ଏଯାଏ ଆଂଶିକ ଓ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଛି। ମେକ୍ ଇନ୍ ଓଡ଼ିଶା ଦ୍ୱିତୀୟ ସଂସ୍କରଣ (୨୦୧୮)ରେ ୨୦୨ ପ୍ରସ୍ତାବ ମଧ୍ୟରୁ ମାତ୍ର ୧୦୮ଟିକୁ

**ମେକ୍ ଇନ୍ ଓଡ଼ିଶା**

ଅନୁମୋଦନ ମିଳିଥିବାବେଳେ ସେଥିରୁ ମାତ୍ର ୯ଟି କାର୍ଯ୍ୟକ୍ଷମ ହୋଇଛି। ଉଭୟ ସଂସ୍କରଣରେ ସମୁଦାୟ ୭ ଲକ୍ଷ ୨୯ ହଜାର ୪୭୧ ଜଣ ନିଯୁକ୍ତି ପାଇବେ ବୋଲି ପ୍ରତିଶ୍ରୁତି ମିଳିଥିବାବେଳେ ସେଥିରୁ ମାତ୍ର ୫,୮୭୮(୧ ପ୍ରତିଶତରୁ କମ୍) ଜଣ ନିଯୁକ୍ତି ପାଇଛନ୍ତି। ଏଥିରୁ ସରକାରଙ୍କ ନିଯୁକ୍ତି ସୃଷ୍ଟି ଉଦ୍ଦେଶ୍ୟ କେତେ ସଫଳ ତାହା ଜଳଜଳ ହୋଇ ଦିଶୁଛି।

ରାଜ୍ୟର ବିଭିନ୍ନ ଶିଳ୍ପ କାରଖାନାରେ ନିଯୁକ୍ତି ସୃଷ୍ଟି ପରିବର୍ତ୍ତେ ଛଟେଇ ସଂଖ୍ୟା ଅଧିକ ହେଉଛି। ଯେଉଁ କେତେକ ବୃହତ୍ ଶିଳ୍ପ ପ୍ରତିଷ୍ଠା ହେଉଛି ସେଠାରେ ଅଣଓଡ଼ିଆଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହିକ୍ରମରେ ଅଧିକରୁ ଅଧିକ ସ୍ଥାନୀୟ ନିଯୁକ୍ତି ସୃଷ୍ଟି ଉଦ୍ଦେଶ୍ୟରେ ମେକ୍ ଇନ୍ ଓଡ଼ିଶାର ପରିକଳ୍ପନା କରାଯାଇଛି। ଏଥିପାଇଁ ସିଙ୍ଗଲ ୱିଣ୍ଡୋ ପଦ୍ଧତି ଏବଂ ହାଇଲେଭଲ କ୍ଲିୟରାନ୍ସ ଅଥରିଟି ଗଠନ ପରଠାରୁ ୨୦୨୨ ଜୁନ ସୁଦ୍ଧା ବିଭିନ୍ନ କ୍ଷେତ୍ରରେ ୬୪୯ ବୃହତ୍ ଶିଳ୍ପ ମାଧ୍ୟମରେ ୧୭,୫୯,୮୬୭.୧୧ କୋଟି ଟଙ୍କାର ପୁଞ୍ଜିନିବେଶର ଅନୁମୋଦନ କରାଯାଇଛି। ଏଥିରେ ୬,୯୪,୪୪୫ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ଆଶା କରାଯାଉଥିଲା। ଷ୍ଟିଲ୍ ଓ ପେଲେଟାଇଜେଶନ କ୍ଷେତ୍ରରେ ୧୮୩ଟି, ମିନେରାଲ୍ସ, କୋଇଲା, କେମିକାଲ ଆଦି କ୍ଷେତ୍ରରେ ୧୦୭, ସିମେଣ୍ଟ ପ୍ରଡକ୍ଟରେ ୪୫, ଶକ୍ତି କ୍ଷେତ୍ରରେ ୬୫ ଶିଳ୍ପ ପ୍ରତିଷ୍ଠାର ପରିକଳ୍ପନା ହୋଇଥିଲା। ହେଲେ ସେଥିମଧ୍ୟରୁ ୧୪୮ଟି ଶିଳ୍ପ ଜରିଆରେ ୩୩୨୦୮୩.୫୩ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଥିବାବେଳେ ସେଥିରେ ୨,୨୨,୦୮୫ ଜଣଙ୍କୁ ନିଯୁକ୍ତି ମିଳିଛି ବୋଲି ସରକାରୀ ରିପୋର୍ଟରେ ଦର୍ଶାଯାଇଛି।

ମେକ୍ ଇନ୍ ଓଡ଼ିଶାର ପ୍ରଥମ ସଂସ୍କରଣରେ ୮୪ ପ୍ରକଳ୍ପରେ ୨,୦୩,୨୩୫ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆବେଦନ ହୋଇଥିଲା। ହେଲେ ସେଥିରୁ ମାତ୍ର ୩୪୪୦ କୋଟି ଟଙ୍କା ବିନିଯୋଗ ହୋଇ ୭ଟି ପ୍ରକଳ୍ପ ଆଂଶିକ ଓ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଏଥିରେ ୧,୩୭,୬୩୪ ଜଣଙ୍କୁ ନିଯୁକ୍ତି ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିବାବେଳେ ସେଥିରୁ ଗତ ଜୁନ ସୁଦ୍ଧା ମାତ୍ର ୪,୦୮୯ ଜଣ ନିଯୁକ୍ତି ପାଇଛନ୍ତି। ଦ୍ୱିତୀୟ ସଂସ୍କରଣରେ ୨୦୨ ପ୍ରକଳ୍ପରେ ୪,୨୩,୧୧୪.୫୩ କୋଟି ଟଙ୍କା ବିନିଯୋଗ ହେବ ଏବଂ ସେଥିରେ ୫,୯୧,୮୪୭ ଜଣ ନିଯୁକ୍ତି ପାଇବେ ବୋଲି ଘୋଷଣା ହୋଇଥିଲା। ହେଲେ ମାତ୍ର ୯ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିବାବେଳେ ୧,୭୮୯ ଜଣଙ୍କୁ ନିଯୁକ୍ତି ମିଳିଛି। କେତେକ ଶିଳ୍ପକୁ ସ୍ଥାନୀୟ ନେତୃବର୍ଗ ନିଜ ସ୍ୱାର୍ଥ ପାଇଁ ସହଯୋଗ କରୁ ନ ଥିବା ମଧ୍ୟ ଦେଖିବାକୁ ମିଳିଛି। ଫଳରେ କେତେକ ଶିଳ୍ପ କମ୍ପାନୀ ଉଦ୍‌ଘାଟନ ପୂର୍ବରୁ ଫେରି ଯାଇଥିବା ନଜିର ରହିଛି।

୨୦୨୦ ମାର୍ଚ୍ଚରେ ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ ଅନୁସାରେ ଗ୍ରାଉଣ୍ଡ ବ୍ରେକିଂ ଓ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏଥିରେ କଳିଙ୍ଗନଗର ବିଜୁ ପଟ୍ଟନାୟକ ପାର୍କ ନିକଟରେ କେସିକା ମେଟାଲିକ୍ସ ଲିମିଟେଡର ଗ୍ରାଉଣ୍ଡ ବ୍ରେକିଂ ପ୍ରସ୍ତାବ ଥିଲା। ହେଲେ ପ୍ରଶାସନର ଆବଶ୍ୟକ ସହଯୋଗ ନ ମିଳିବାରୁ ମୁଖ୍ୟମନ୍ତ୍ରୀଙ୍କ ଏହି ମହତ୍ କାର୍ଯ୍ୟ ସମ୍ପନ୍ନ ହୋଇ ପାରି ନ ଥିଲା। ସେହିପରି ଚାର୍ଟିନାଡ ସିମେଣ୍ଟ କମ୍ପାନୀ, ବିଜୁ ପଟ୍ଟନାୟକ ନ୍ୟାଶନାଲ ଷ୍ଟିଲ୍ ଇନ୍‌ଷ୍ଟିଚ୍ୟୁଟ (ବିପିଏନ୍‌ଏସ୍‌ଆଇ) ଭଳି ଅନେକ କମ୍ପାନୀ ଶିଳ୍ପ ପ୍ରତିଷ୍ଠା ନ କରି ଫେରି ଯାଇଥିବା ନଜିର ରହିଛି। ଚଳିତ ବିଧାନସଭାରେ ବିଧାୟକ ମୋହନ ଚରଣ ମାଝୀଙ୍କ ଏକ ପ୍ରଶ୍ନ ଉପରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଉପରୋକ୍ତ ତଥ୍ୟ ଦେଇଛନ୍ତି।

## ଜନପଥ ରୋଡ୍ ବାସଭବନକୁ ଘୁଞ୍ଚିଲେ କୋବିନ୍ଦ

**ନୂଆଦିଲ୍ଲୀ, ୨୫।୭:** ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ନୂଆଦିଲ୍ଲୀର ୧୨ ଜନପଥ ରୋଡ୍‌ସ୍ଥିତ ସରକାରୀ ବାସଭବନକୁ ସ୍ଥାନାନ୍ତର ହୋଇଛନ୍ତି। ଦ୍ରୌପଦୀ ମୁର୍ମୁ ନୂଆ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ କୋବିନ୍ଦ ରାଷ୍ଟ୍ରପତି ଭବନ ଛାଡ଼ିଛନ୍ତି। କୋବିନ୍ଦ ସ୍ଥାନାନ୍ତର ହୋଇଥିବା ବଙ୍ଗଳାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମବିଲାସ ପାଶୱାନ ପ୍ରାୟ ୩ ଦଶନ୍ଧି ଧରି ରହୁଥିଲେ। ୨୦୨୦ରେ ପାଶୱାନଙ୍କ ପରଲୋକ ପରେ ଉକ୍ତ ବଙ୍ଗଳା ଛାଡ଼ିବାକୁ ତାଙ୍କ ପୁଅ ଚିରାଗ ପାଶୱାନଙ୍କୁ ନୋଟିସ୍ ହୋଇଥିଲା। ଏହାପରେ ତାହାକୁ ଆବଶ୍ୟକ ମରାମତି, ସାଜସଜ୍ଜା କରାଯାଇ କୋବିନ୍ଦଙ୍କ ପାଇଁ ଅବସର ପରବର୍ତ୍ତୀ ବାସଭବନ ଭାବେ ପ୍ରସ୍ତୁତ କରାଯାଇଛି। କୋବିନ୍ଦ ଏବଂ ତାଙ୍କ ଧର୍ମପତ୍ନୀ ସବିତାଙ୍କୁ ନୂଆ ବାସଭବନକୁ ଛାଡ଼ିବା ପାଇଁ ନିଜେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଇଥିଲେ। ସେଠାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଏବଂ ଭି. କେ. ସିଂ ଉପସ୍ଥିତ ରହି କୋବିନ୍ଦଙ୍କୁ ସ୍ୱାଗତ କରିଥିଲେ। ସୂଚନାଥାଉ କି, କୋବିନ୍ଦ ଆଜୀବନ ସେହି ବଙ୍ଗଳାରେ ବିନା ଭଡ଼ାରେ ରହିପାରିବେ। ସେଠାରେ ତାଙ୍କୁ ଦୁଇଟି ଫୋନ (ଗୋଟିଏ ଇଣ୍ଟରନେଟ୍ ଏବଂ ବ୍ରଡବ୍ୟାଣ୍ଡ କନେକ୍ଟିଭିଟି ପାଇଁ), ନ୍ୟାଶନାଲ ରୋମିଂ ସୁବିଧା ଥିବା ଗୋଟିଏ ମୋବାଇଲ ଫୋନ, ଗୋଟିଏ କାର କିମ୍ବା ଏଥିନିମନ୍ତେ ଭତ୍ତା ଯୋଗାଇ ଦିଆଯିବ। ତାଙ୍କୁ ମାସିକ ୨.୫ ଲକ୍ଷ ଟଙ୍କା ପେନ୍‌ସନ ମିଳିବ। ଏହାସହ ଭାରତ ସରକାରଙ୍କ ପକ୍ଷରୁ ବିଦାୟୀ ରାଷ୍ଟ୍ରପତିଙ୍କ ନିମନ୍ତେ ଜଣେ ଲେଖାଏ ବ୍ୟକ୍ତିଗତ ସଚିବ, ଅତିରିକ୍ତ ବ୍ୟକ୍ତିଗତ ସଚିବ, ବ୍ୟକ୍ତିଗତ ସହାୟକ, ୨ ପିଅନ ଯୋଗାଇ ଦିଆଯାଇଛି।






## ‘ଦ୍ରୌପଦୀଙ୍କୁ ରାଷ୍ଟ୍ରପତି ଭାବେ ଦେଖି ଆତ୍ମବିଶ୍ୱାସର ଜାଗରଣ ହୋଇଛି’

**ବାଲେଶ୍ୱର ଅଫିସ, ୨୫।୭**

ଦ୍ରୌପଦୀ ମୁର୍ମୁ ପ୍ରଥମ ଓଡ଼ିଆ, ପ୍ରଥମ ଆଦିବାସୀ ଓ ଦ୍ୱିତୀୟ ମହିଳା ଭାବେ ସୋମବାର ଦେଶର ରାଷ୍ଟ୍ରପତି ହୋଇଛନ୍ତି। ତାଙ୍କ ପାଇଁ ଦେଶ ଆଜି ଉତ୍ସବମୁଖର ହୋଇପଡ଼ିଛି। ଗରିବ ଆଦିବାସୀ ଓ ଅନ୍ୟ ଉପେକ୍ଷିତ ଲୋକଙ୍କ ଭିତରେ ନୂତନ ଆତ୍ମବିଶ୍ୱାସ ଜାଗରଣ ହୋଇଛି। ଆମେ ମଧ୍ୟ ଜିତିପାରିବୁ, ମହାନ ହୋଇପାରିବୁ ଏପରି ବିଶ୍ୱାସ ସୃଷ୍ଟି ହୋଇଛି। କେତେଜଣ ଆଦିବାସୀ ଝିଅ ନିଜକୁ ରାଷ୍ଟ୍ରପତି ଭାବେ ଦେଖିବାକୁ ଚାହୁଁଛନ୍ତି ଏବଂ ଏଣିକି ଏହା ସମ୍ଭବ ହୋଇପାରିବ ବୋଲି ମନରେ ଭରସା ଆସୁଥିବା ମୋତେ କହିଛନ୍ତି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡଙ୍ଗୀ ପ୍ରକାଶ କରିଛନ୍ତି।

୨୦୦୦ ରୁ ୨୦୦୪ମଧ୍ୟରେ ଦ୍ରୌପଦୀ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଭାବେ ସେବା କରିଛନ୍ତି। ମୁଁ ୨୦୦୪ ରୁ ୨୦୦୯ ପର୍ଯ୍ୟନ୍ତ ତାଙ୍କ ସହିତ ବିଧାୟକ ଥିଲା ବେଳେ ତାଙ୍କୁ ନିକଟରୁ ଦେଖିଛି। ସାଙ୍ଗରେ ମିଶି କାମ କରିଛୁ। ସେ ରାଇରଙ୍ଗପୁର ସାଙ୍ଗଠନିକ ଜିଲାର ଜିଲା ସଭାନେତ୍ରୀ ଥିଲାବେଳେ ମୁଁ ପ୍ରଭାରୀ ଭାବରେ ତାଙ୍କ ଜିଲାକୁ ଯାଇଛି। ତାଙ୍କର ଅହଙ୍କାର ଶୂନ୍ୟ, ମଧୁର, ଆତ୍ମୀୟତା ଭରା ବ୍ୟବହାର ଯାହା ସେଦିନ ଥିଲା, ଆଜିବି ରାଷ୍ଟ୍ରପତି ନିର୍ବାଚିତ ହେବାପରେ ସେପରି ଅଛି। ଜଣେ ବିଧାୟିକା ଭାବରେ ସେ ପ୍ରତ୍ୟେକ ବିଷୟରେ ସାରଗର୍ଭକ ଓ ଯୁକ୍ତିପୂର୍ଣ୍ଣ ଆଲୋଚନା କରୁଥିଲେ।

## ଆରଆଇଙ୍କୁ ଗୋଡ଼ାଇ ପିଟିଲେ ପଥର ମାଫିଆ

**ନୀଳଗିରି, ୨୫।୭(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ବାଘମରା ଗାଁରେ ସୋମବାର ସଜନାଗଡ଼ ଆର୍‌ଆଇ ସନ୍ତୋଷ କୁମାର ବେହେରାଙ୍କୁ ପଥର ମାଫିଆମାନେ ଗୋଡ଼ାଇ ଗୋଡ଼ାଇ ମାଡ଼ ମାରିଛନ୍ତି। ଆକ୍ରମଣରେ ଆର୍‌ଆଇ ବେହେରା ଲହୁଲୁହାଣ ହୋଇଛନ୍ତି। ଏହାସହ ତାଙ୍କ ମୋବାଇଲ ଓ ପର୍ସ ଛଡାଇ ନିଆଯାଇଥିବା ନୀଳଗିରି ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ୨/୩ ଦିନ ପୂର୍ବରୁ ବାଘମରା ନିକଟରେ ବେଆଇନ ବିସ୍ଫୋରଣ ଚାଲିଥିବା ନେଇ ନୀଳଗିରି ତହସିଲଦାର ଅଶେଷ କୁମାର ନାୟକ ଖବର ପାଇଥିଲେ। ସେ ଏହାର ତଦନ୍ତ ପାଇଁ ସଜନାଗଡ଼ ଆରଆଇ ସନ୍ତୋଷ କୁମାର ବେହେରାଙ୍କୁ ପଠାଇଥିଲେ। ବେଆଇନ ଭାବେ ବିସ୍ଫୋରଣ କରି ପଥର ଚୋରା ଚାଲାଣ କରୁଥିବା ଜଣେ ବ୍ୟକ୍ତି ଓ ତାଙ୍କ ପୁଅ ଆରଆଇ ବେହେରାଙ୍କୁ ଦେଖି ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ ଲୁହାଛଡ଼ରେ ଗୋଡ଼ାଇ ଗୋଡ଼ାଇ ନିର୍ଘୁମ ପିଟିଥିଲେ। ଏହା ସହ ପ୍ରମାଣ ନଷ୍ଟ କରିବା ପାଇଁ ଆର୍‌ଆଇଙ୍କ ମୋବାଇଲ ଭାଙ୍ଗିବା ସହ ତାଙ୍କ ପର୍ସ ଓ ସେଥିରେ ଥିବା ୪୦୦୦ ଟଙ୍କା ମଧ୍ୟ ନେଇଯାଇଥିବା ଆର୍‌ଆଇ ଅଭିଯୋଗରେ ଦର୍ଶାଇଛନ୍ତି। ତହସିଲଦାର ଘଟଣାକୁ ଗୁରୁତର ସହ ନେଇଛନ୍ତି।



ଥାନାରେ ଅଭିଯୋଗ କରିବାକୁ ଆସିଥିବା ଆରଆଇ ସନ୍ତୋଷ କୁମାର ବେହେରା।

ଉଲ୍ଲେଖଯୋଗ୍ୟ, ସ୍ୱର୍ଣ୍ଣଚୂଡ ପାହାଡର ମିତ୍ରପୁର, ଚଲନାପାଳ ବେଗୁନିଆ, ମହିଁଷାପଟା ଏବଂ ବାଘମରା ଅଞ୍ଚଳରେ ଚୋରା ପଥର ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଅନେକ ସମୟରେ ତଦନ୍ତ କରିବାକୁ ଯାଉଥିବା ପ୍ରଶାସନିକ ଅଧିକାରୀମାନେ ଆକ୍ରୋଶର ଶିକାର ହେଉଛନ୍ତି।




Cut the Coupon & Send it to: Dharitri, B-15, Industrial Estate Rasulgarh, Bhubaneswar - 751010
or
Click the Photo of the filled Message & send it to: rakhimessagecontest@dharitri.com Whatsapp No.: 9692975378

ଆମର ପ୍ରିୟ ପାଠିକା/ପାଠକ 'ରାଖୀ ପୂର୍ଣ୍ଣିମା' ଅବସରରେ ଧରିତ୍ରୀ ପକ୍ଷରୁ ଆୟୋଜିତ ହେଉଛି ଏକ ସ୍ୱତନ୍ତ୍ର 'ବାର୍ତ୍ତା ପ୍ରତିଯୋଗିତା'। ସୃଜନଶୀଳ ତଥା ଭାବନାତ୍ମକ ଏବଂ ଚାତୁର୍ଯ୍ୟ ଥିବା ବାର୍ତ୍ତାକୁ ପୁରସ୍କାର ଲାଗି ଅଗ୍ରାଧିକାର ମିଳିବ। ଆପଣଙ୍କ ବାର୍ତ୍ତା ୪୦ଟି ଶବ୍ଦ ଭିତରେ ସୀମିତ ରହିବା ଆବଶ୍ୟକ। ନିଜ ନାମ, ଯୋଗାଯୋଗ ଠିକଣା ଓ ମୋବାଇଲ ନମ୍ବର ସ୍ୱଷ୍ଟ ହସ୍ତାକ୍ଷରରେ ଉଲ୍ଲେଖ ରହିବା ଜରୁରୀ। ବାର୍ତ୍ତା ପହଞ୍ଚିବାର ଶେଷ ତାରିଖ ୬ ଅଗଷ୍ଟ ୨୦୨୨। ବିଜେତାଙ୍କ ନାମ ଧରିତ୍ରୀରେ ପ୍ରକାଶ ପାଇବ।

MESSAGE COUPON

ବାର୍ତ୍ତା ..................................................

ନାମ: ............................, ବୟସ: ..............

ଠିକଣା: ..................................................

........................ ମୋବାଇଲ ନଂ. ........................

*T & C apply

"BASIC T & Cs": The Dharitri Management reserves the right to decide on the qualification and basis for winning messages.


## ହାତୀ ଶିକାର: ୮ରେ ହାଇକୋର୍ଟରେ ହାଜର ହେବେ ପିସିସିଏଫ୍

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

ରାଜ୍ୟରେ ହାତୀ ଶୀକାର ଏବଂ ବନ ବିଭାଗ ଦ୍ୱାରା ହାତୀ ମୃତ୍ୟୁକୁ ଲୁଚାଇବା ଘଟଣାରେ ସୋମବାର ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆବେଦନକାରୀ ଗୀତା ରାଉତଙ୍କ ପକ୍ଷରୁ ଆଡ୍‌ଭୋକେଟ ଆଶିଷ ମିଶ୍ର ଏକ ଜନ ସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଏହାର ଶୁଣାଣି କରି ହାଇକୋର୍ଟ ରାଜ୍ୟର ବନ୍ୟପ୍ରାଣୀ ପିସିସିଏଫ୍‌ଙ୍କୁ ଆସନ୍ତା ୮ ତାରିଖରେ ବ୍ୟକ୍ତିଗତ ହାଜର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିଦିନ ବନ୍ୟପ୍ରାଣୀ ପିସିସିଏଫ୍ ଶଶୀ ପଲ୍ ହାତୀଙ୍କ ସୁରକ୍ଷା ଏବଂ ଶିକାର ରୋକିବା ପାଇଁ କେଉଁସବୁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ଅବଗତ କରାଇବେ। ଏଥିସହ ଏନେଇ ଏକ ସତ୍ୟପାଠ ମଧ୍ୟ ଦାଖଲ କରିବାକୁ କୁହାଯାଇଛି। ସେଦିନ ଭିଡିଓ କନଫରେନ୍ସ ଜରିଆରେ ବନ୍ୟପ୍ରାଣୀ ପିସିସିଏଫ୍ ହାଇକୋର୍ଟଙ୍କ ଇଜଲାସରେ ହାଜର ହେବେ ବୋଲି ସୂଚନା ମିଳିଛି।

## ସଙ୍କଟରେ ବୈତରଣୀ, ଆସନ୍ତା ୧ରେ ସମ୍ମିଳନୀ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

ବୈତରଣୀ ନଦୀ ଏବେ କେଉଁଭଳି ସଙ୍କଟର ସମ୍ମୁଖୀନ ହୋଇଛି, ତାହା ସମସ୍ତେ ଭଲ ଭାବେ ଜାଣନ୍ତି। ଏହି ନଦୀ ଆମ ପାଇଁ ଗଙ୍ଗାପରି ଯେମିତି ପବିତ୍ର, ଆମର ଜୀବନ ଧାରଣର ଏହା ସେମିତି ଏକ ପ୍ରମୁଖ ଉତ୍ସ। କିନ୍ତୁ ଏହି ନଦୀ ଏବଂ ଏହାର ଶାଖା ନଦୀ ଗୁଡିକ ଶୋଷଣ, ଅତିକ୍ରମଣ ଓ ପ୍ରଦୂଷଣ କାରଣରୁ ମରିବାକୁ ବସିଲେଣି ବୋଲି ବୈତରଣୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି। କଳ କାରଖାନା ଓ ସହରର ଆବର୍ଜନା ଏହି ନଦୀ ଗୁଡିକର ଜଳକୁ ଅତ୍ୟଧିକ ଭାବରେ ପ୍ରଦୂଷିତ କରି ଚାଲିଛି। ସେଥିପାଇଁ ବୈତରଣୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଆସନ୍ତା ୧ରେ କେନ୍ଦୁଝରସ୍ଥିତ ସଂସ୍କୃତି ଭବନରେ ଆୟୋଜିତ ହେବାକୁ ଥିବା 'ବୈତରଣୀ ବଞ୍ଚାଅ' ସମ୍ମିଳନୀରେ ଯୋଗଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।


**ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା**

HDFC ERGO

ଭାରତ ସରକାର ଏବଂ ଓଡିଶା ସରକାର କୃଷି ବିଭାଗ ଦ୍ୱାରା ପରିଚାଳିତ | ନିରାପଦ କୃଷକ, ଦେଶର ଗର୍ବ

| ଜିଲ୍ଲା | ଅଧିସୂଚିତ ଫସଲ | ଫସଲ ଆଧାରିତ ବୀମା (ଟ.ରେ ପ୍ରତି ହେକ୍ଟର) ଅଣ-ଋଣୀ କୃଷକ ଋଣୀ କୃଷକଙ୍କେ | କୃଷକ ପ୍ରିମିୟମ | କଟ୍ ଅଫ୍ ତାରିଖ |
|---|---|---|---|---|
| ବରଗଡ | ଧାନ | ୭୭୦୦୦ | ୧୫୪୦ | ୩୧ ଜୁଲାଇ ୨୦୨୨ |
| | ଚିନା ବାଦାମ | ୭୦୭୫୦ | ୧୪୧୫ | ୩୧ ଜୁଲାଇ ୨୦୨୨ |
| | କପା | ୬୪୨୫୦ | ୩୨୧୨.୫ | ୩୧ ଜୁଲାଇ ୨୦୨୨ |
| ଭଦ୍ରକ | ଧାନ | ୭୪୫୦୦ | ୧୪୯୦ | ୩୧ ଜୁଲାଇ ୨୦୨୨ |
| ଦେବଗଡ | ଧାନ | ୬୮୨୫୦ | ୧୩୬୫ | ୩୧ ଜୁଲାଇ ୨୦୨୨ |
| | ଚିନା ବାଦାମ | ୬୦୫୦୦ | ୯୬୮ | ୩୧ ଜୁଲାଇ ୨୦୨୨ |
| | ହରଡ଼ | ୪୦୨୫୦ | ୬୪୪ | ୩୧ ଜୁଲାଇ ୨୦୨୨ |
| | ମକା | ୭୦୫୦୦ | ୧୧୨୮ | ୩୧ ଜୁଲାଇ ୨୦୨୨ |
| ଗଜପତି | ଧାନ | ୬୮୨୫୦ | ୧୩୬୫ | ୩୧ ଜୁଲାଇ ୨୦୨୨ |
| | ଚିନା ବାଦାମ | ୬୧୫୦୦ | ୧୨୩୦ | ୩୧ ଜୁଲାଇ ୨୦୨୨ |
| | କପା | ୭୦୫୦୦ | ୩୫୨୫ | ୩୧ ଜୁଲାଇ ୨୦୨୨ |
| | ମକା | ୭୨୫୦୦ | ୧୪୫୦ | ୩୧ ଜୁଲାଇ ୨୦୨୨ |
| | ମାଣ୍ଡିଆ | ୨୯୭୫୦ | ୪୭୬ | ୩୧ ଜୁଲାଇ ୨୦୨୨ |
| ଜଗତସିଂହପୁର | ଧାନ | ୭୨୦୦୦ | ୧୪୪୦ | ୩୧ ଜୁଲାଇ ୨୦୨୨ |
| ଯାଜପୁର | ଧାନ | ୭୪୫୦୦ | ୧୪୯୦ | ୩୧ ଜୁଲାଇ ୨୦୨୨ |
| କେନ୍ଦ୍ରାପଡ଼ା | ଧାନ | ୭୨୦୦୦ | ୧୪୪୦ | ୩୧ ଜୁଲାଇ ୨୦୨୨ |
| ମୟୂରଭଂଜ | ଧାନ | ୬୮୨୫୦ | ୧୩୬୫ | ୩୧ ଜୁଲାଇ ୨୦୨୨ |
| | ହରଡ଼ | ୪୧୨୫୦ | ୬୬୦ | ୩୧ ଜୁଲାଇ ୨୦୨୨ |
| | ମକା | ୭୪୨୫୦ | ୧୧୮୮ | ୩୧ ଜୁଲାଇ ୨୦୨୨ |
| ନବରଂଗପୁର | ଧାନ | ୬୮୨୫୦ | ୧୩୬୫ | ୩୧ ଜୁଲାଇ ୨୦୨୨ |
| | ଚିନା ବାଦାମ | ୬୦୫୦୦ | ୯୬୮ | ୩୧ ଜୁଲାଇ ୨୦୨୨ |
| | ମକା | ୭୬୨୫୦ | ୧୨୨୦ | ୩୧ ଜୁଲାଇ ୨୦୨୨ |

**କୃଷକଙ୍କ କଭରେଜ:**
ଏହି ଯୋଜନା ଋଣୀ ଚାଷୀ ବା କୃଷକଙ୍କ ସମେତ ସମସ୍ତ କୃଷକମାନଙ୍କ ପାଇଁ ସ୍ୱେଚ୍ଛାକୃତ ଭାବେ ପ୍ରସ୍ତୁତ କରାଯାଇଛି । ଋଣୀ କୃଷକମାନେ ଯେଉଁମାନେ ଶେଷ ତାରିଖର ୭ ଦିନ ପୂର୍ବରୁ ଯୋଜନାରୁ ନିଜକୁ ବାଦ୍ ଦେଇନାହାନ୍ତି, ସେମାନେ ଏହି ବିତ୍ତୀୟ ସଂସ୍ଥା ଦ୍ୱାରା ଏହି ଯୋଜନା ଅଧୀନରେ ନାମ ତାଲିକାଭୁକ୍ତ କରିବା ପାଇଁ ଯୋଗ୍ୟ ବିବେଚିତ ହେବେ ।

**ଅଣଋଣୀ କୃଷକଙ୍କ ପାଇଁ ନାମତାଲିକାଭୁକ୍ତ:**
ଅଣ-ଋଣୀ କୃଷକମାନେ ନିକଟତମ ବିତ୍ତୀୟ ସଂସ୍ଥା ମାଧ୍ୟମରେ ସେମାନଙ୍କ ଫସଲକୁ ବୀମାଭୁକ୍ତ କରିପାରିବେ ଯଥା ଜାତୀୟକରଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ପ୍ରାଥମିକ କୃଷି ସମବାୟ ସମିତି (PACS), ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ / ବୀମା ମଧ୍ୟସ୍ଥି / ଜନ ସେବା କେନ୍ଦ୍ର (CSC)

**ଏହି ଯୋଜନା ପାଇବା ପାଇଁ ଚାଷୀଙ୍କ ଠାରୁ ଆବଶ୍ୟକ ଦସ୍ତାବିଜ୍**
- ଆଧାର କାର୍ଡ / ପରିଚୟ ପତ୍ରର ନକଲ
- ଉପଯୁକ୍ତ ଭାବରେ ପୂରଣ ହୋଇଥିବା ପ୍ରସ୍ତାବ ଫର୍ମର ନକଲ
- ସର୍ବଶେଷ ଜମି ରେକର୍ଡ / ଷ୍ଟେଟ୍ ରେକର୍ଡ ଅଫ୍ ରାଇଟ୍‌ସ (RoR)/ ଜମି ଅଧିକାର ପ୍ରମାଣପତ୍ର (LPC) / ଖସଡ଼ା ଇତ୍ୟାଦିର ନକଲ
- ବ୍ୟାଙ୍କ ଆକାଉଣ୍ଟ ନମ୍ବର କିମ୍ବା କ୍ୟାନସେଲ୍ ହୋଇଥିବା ଚେକ୍ ଥିବା ବ୍ୟାଙ୍କ ପାସବୁକ୍‌ର ନକଲ
- ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ଆତ୍ମ ଘୋଷଣା

ଅଧିକ ସୂଚନା ପାଇଁ ଦୟାକରି ନିକଟସ୍ଥ ବ୍ୟାଙ୍କ ଶାଖା/କୃଷି ଅଧିକାରୀ/ଜନ ସେବା କେନ୍ଦ୍ର (CSC)/ ବୀମା କମ୍ପାନୀର ଟୋଲ୍ ଫ୍ରୀ ନମ୍ବର ୧୮୦୦୨୬୬୦୭୦୦ ରେ ସମ୍ପର୍କ କରନ୍ତୁ ।




ଏଚ୍‌ଡିଏଫ୍‌ସି ଏର୍ଗୋ ସାଧାରଣ ବୀମା କମ୍ପାନୀ ଲିମିଟେଡ୍ ଆଇଆର୍‌ଡିଏଆଇ ପଞ୍ଜିକରଣ ନଂ. ୧୪୬ । ସିଆଇଏନ୍: U66030MH2007PLC177117. ପଞ୍ଜିକୃତ ଏବଂ କର୍ପୋରେଟ୍ ଅଫିସ୍: ପ୍ରଥମ ମହଲା, ଏଚ୍‌ଡିଏଫ୍‌ସି ହାଉସ୍, ୧୬୫-୧୬୬ ବ୍ୟାକବେ ରିକ୍ଲେମେଶନ୍, ଏଚ୍.ଟି. ପରେଖ ମାର୍ଗ, ଚର୍ଚ୍ଚଗେଟ୍, ମୁମ୍ବାଇ – ୪୦୦ ୦୨୦ । ଆପଦକାରକ, ସର୍ତ୍ତ ଓ ନିୟମାବଳୀ ବିଷୟରେ ଅଧିକ ବିବରଣୀ ପାଇଁ, ଦୟାକରି ବିକ୍ରି ନିର୍ଦ୍ଧାରଣ ପୂର୍ବରୁ ସେଲ୍‌ସ ବ୍ରୋଶର୍ / ପ୍ରୋସପେକ୍ଟସ ପଢନ୍ତୁ । ଉପରେ ପ୍ରଦର୍ଶିତ ଟ୍ରେଡ୍ ଲୋଗୋ ଏଚ୍‌ଡିଏଫ୍‌ସି ଲିମିଟେଡ୍ ଏବଂ ଏର୍ଗୋ । UIN: Pradhan Mantri Fasal Bima Yojan - IRDAN125P0003V01201617 | CSC - Pradhan Mantri Fasal Bima Yojan - HDE-AG-P18-25-V01-17-18. UID: 10830.

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ତ୍ରିଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଷୁଣୀ କି ଜାଣେ କର୍ପୂରର ଗୁଣ,
ଶୁଙ୍ଘି ଶୁଙ୍ଘି କହେ ସୈନ୍ଧବ ଲୁଣ।**

ସାଧାରଣତଃ ଯାହାର ଯେଉଁ ବିଷୟ ଉପରେ ଆଦୌ ଧାରଣା ନ ଥାଏ, ସେହି ବ୍ୟକ୍ତି ଉକ୍ତ ବିଷୟ ଉପରେ ଠାସୁକ ମାରି ଏଣୁତେଣୁ କିଛି କହୁଥିବାର ଦେଖିବାକୁ ମିଳିଥାଏ। ବ୍ୟକ୍ତି ନିଜର ମୂର୍ଖତା ବା ଅଜ୍ଞତାକୁ ଅନ୍ୟ ଆଗରେ ଲୁଚାଇ ରଖିବାର ମିଛ ଅପଚେଷ୍ଟା କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚମ୍ପକ ଗୋରୀ,
ହଳଦୀ ଗରଗର ଟାକୁଆ ଗାଲି।**

ଯୁବତୀମାନେ ବେଶ ପରିପାଟୀ ହୋଇ ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଓ ଆନନ୍ଦ ପାଇଥାନ୍ତି। ଏପରି ସ୍ଥଳେ ଗାଉଁଲି ଯୁବତୀର ଫେଶନ ବା ବିଚିତ୍ର ବେଶ ପରିପାଟୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପ୍ରଶାନ୍ତ ଜଗଦେବଙ୍କୁ ଜାମିନ

## ପୋଲିସ, ଲୋକଙ୍କ ଉପରେ ଗାଡ଼ି ମଡ଼ାଇବା ମାମଲା

### ବର୍ଷେ ପର୍ଯ୍ୟନ୍ତ ନିର୍ବାଚନମଣ୍ଡଳୀ ଯାଇପାରିବେନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୫।୭(ବ୍ୟୁରୋ)

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ସାଧାରଣ ଲୋକ ଓ ପୋଲିସ ଉପରକୁ ଗାଡ଼ି ମଡ଼ାଇଦେବା ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ସୋମବାର ସୁପ୍ରିମକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜଗଦେବ ବର୍ଷେ ପର୍ଯ୍ୟନ୍ତ ଜିଲାପାଳଙ୍କ ଅନୁମତି ବିନା ଚିଲିକା ନିର୍ବାଚନ ମଣ୍ଡଳୀ ଗସ୍ତ କରିପାରିବେ ନାହିଁ। ଏପରି କି ବର୍ଷକ ମଧ୍ୟରେ ୫ଜଣରୁ ଅଧିକ ଲୋକଙ୍କୁ ନେଇ କୌଣସି ସଭା ସମିତି କରିପାରିବେ ନାହିଁ ବୋଲି ବିଚାରପତି ହେମନ୍ତ ଗୁପ୍ତା ଏବଂ ବିକ୍ରମ ନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକ ଜଗଦେବଙ୍କ ତରଫରୁ ଆଇନଜୀବୀ ଯଶୋବନ୍ତ ଦାସ, ଭାବନା ଦାସ, ଏନ୍. ସାଇ କୌଶଲ୍ ଏବଂ ମାନସ ଚାନ୍ଦ ମାମଲା ଲଢ଼ୁଛନ୍ତି।

ସୂଚନାଯୋଗ୍ୟ ଗତ ମାର୍ଚ୍ଚ ୧୨ରେ ବାଣପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ ଚାଲିଥିବାବେଳେ ସ୍ଥାନୀୟ ପଲଟଣ ପଡ଼ିଆ ନିକଟରେ ଶୋଭାଯାତ୍ରା ଆସୁଥିଲା। ଏହି ସମୟରେ ବିଧାୟକ ଜଗଦେବ ଏକ ଲ୍ୟାଣ୍ଡ ରୋଭର ଡିସ୍କଭରି ଗାଡ଼ି ଚଳାଇ ବ୍ଲକ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ପୋଲିସ ତାଙ୍କୁ ଯିବାକୁ ବାରଣ କରିବାରୁ ଜଗଦେବ ଜୋର ଜବରଦସ୍ତ ପୋଲିସ ଏବଂ ଲୋକଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିଲେ। ଏହି ଘଟଣାରେ ପୋଲିସଙ୍କ ସମେତ ୨୨ଜଣ ଲୋକ ଆହତ ହୋଇଥିଲେ। ଏଥିରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଜଗଦେବଙ୍କୁ ଗାଡ଼ିଭିତରୁ ଟାଣି ଆଣି ନିଘୁମ ମାଡ଼ ମାରିବା ସହ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଲୋକଙ୍କ ଆକ୍ରୋଶର ଶିକାର ହୋଇ ଲହୁଲୁହାଣ ହୋଇଥିବା ଜଗଦେବଙ୍କୁ ପ୍ରଥମେ ପୋଲିସ ବାଣପୁର ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବାଣପୁର ଥାନା ଏସ୍ଆଇ ଦେବସ୍ମିତା ବେହେରାଙ୍କ ଅଭିଯୋଗ କ୍ରମେ ବିଧାୟକଙ୍କ ବିରୋଧରେ ଦଫା ୩୩୨/୩୩୩/୩୨୩/୩୨୪/୩୨୫/୩୨୬/୩୦୭/୩୫୩ରେ ଏକ ମାମଲା (ନଂ. ୧୧୩/୨୨) ରୁଜୁ ହୋଇଥିଲା। ହସ୍ପିଟାଲରୁ ସୁସ୍ଥ ହୋଇ ବାହାରିବା ପରେ ମାର୍ଚ୍ଚ ୨୨ରେ



ତାଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ତେବେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ସେ ମେଡିକାଲରେ ଭର୍ତ୍ତି ହୋଇ ସୁସ୍ଥ ହେବା ପରେ ଜେଲକୁ ଫେରିଥିଲେ। ଦୁଇ ଥର ହାଇକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିଲେ। ହାଇକୋର୍ଟରେ ନିୟମିତ ଜାମିନ ଆବେଦନ କରିଥିଲେ ମଧ୍ୟ ତାହା ଖାରଜ ହୋଇଯିବାରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୧୮ ତାରିଖରେ ପୋଲିସ ଜଗଦେବଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ଜଗଦେବ ଯେଉଁ ଗାଡ଼ି ଲୋକଙ୍କୁ ମଡ଼ାଇଥିଲେ ସେଥିରେ ୨ଟି ନମ୍ବର ଲଗାଯାଇଥିବା ଜଣାପଡ଼ିଥିଲା। ତେଣୁ ନକଲି ନମ୍ବର ପ୍ଲେଟ ଲଗାଇ ଗାଡ଼ି ଚଢ଼ିଥିବା ତଦନ୍ତରେ ସ୍ପଷ୍ଟ ହେବାପରେ ଚାର୍ଜଶିଟ୍‌ରେ ଆଇପିସିର ଦଫା ୪୬୫, ୪୭୧ଯୋଡ଼ି ହୋଇଛି। ସେହିପରି ଜଗଦେବ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଢୁଥିବାରୁ ଏମ୍‌ଭି ଆକ୍ଟ ଅନୁଯାୟୀ ଦଫା ୧୮୧ ଲାଗିଛି।

**ପ୍ରଥମ ପୃଷ୍ଠାରୁ...**

## ‘ଗରିବ ସ୍ୱପ୍ନକୁ...

କହିଛନ୍ତି। ଆଗାମୀ ୨୫ ବର୍ଷରେ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଲକ୍ଷ୍ୟ ଦୁଇଟି ବାଟରେ ପୂରଣ କରିବାକୁ ପଡ଼ିବ। ତାହା ହେଉଛି ‘ପ୍ରତ୍ୟେକଙ୍କ ଉଦ୍ୟମ’ ଏବଂ ‘ପ୍ରତ୍ୟେକଙ୍କ କର୍ତ୍ତବ୍ୟ’ ବୋଲି ସେ କହିଛନ୍ତି। ସେ ଓଡ଼ିଶାର ଯେଉଁ ଏକ ଛୋଟ ପୃଷ୍ଠଭୂମିରୁ ଆସିଛନ୍ତି, ସେଠି ତାଙ୍କ ସମୟରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ସ୍ୱପ୍ନ ଭଳି ଥିଲା। ଅନେକ ପ୍ରତିବନ୍ଧକ ସତ୍ତ୍ୱେ ତାଙ୍କ ଅଞ୍ଚଳର ପ୍ରଥମ ଆଦିବାସୀ ଛାତ୍ରୀ ଭାବେ କଲେଜ ଯାଇଥିଲେ। ସେ ଜନଜାତି ସମାଜର ଜଣେ ସାଧାରଣ ଝିଅ ହୋଇଥିଲେ ହେଁ ଦୃଢ଼ ସଂକଳ୍ପ ବଳରେ ୱାର୍ଡ କାଉନ୍‌ସିଲରରୁ ଶୀର୍ଷ ସାମ୍ବିଧାନିକ ଆସନରେ ବସିପାରିଛନ୍ତି। ଗଣତନ୍ତ୍ରର ଜନନୀ ଭାରତବର୍ଷର ଏହା ହିଁ ମହାନତା। ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ତାଙ୍କର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଭାରତର ପ୍ରତ୍ୟେକ ଗରିବଙ୍କ ସଫଳତା ବୋଲି ଦ୍ରୌପଦୀ କହିଛନ୍ତି।

ପ୍ରାୟ ୧୮ମିନିଟ୍‌ର ଅଭିଭାଷଣରେ ସେ ଗରିବ, ଆଦିବାସୀ ସମ୍ପ୍ରଦାୟ, ନିରନ୍ତର ବିକାଶ, ଡିଜିଟାଲ ଇଣ୍ଡିଆ, ଆତ୍ମନିର୍ଭର ଭାରତ, ଆଞ୍ଚଳିକ ସାମର୍ଥ୍ୟ ଓ ସାମଗ୍ରୀକୁ ପ୍ରୋତ୍ସାହନ, ମହାମାରୀ କୋଭିଡ୍‌ର ପରିଚାଳନା ଆଦି ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି। ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଯୋଶୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ, ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟ ବୃନ୍ଦ, ଓଡ଼ିଶାର ରାଜ୍ୟପାଳ ଗଣେଶୀ ଲାଲ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଅନ୍ୟ ରାଜ୍ୟଗୁଡ଼ିକର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ। କିନ୍ତୁ ଏନ୍‌ଡିଏ ଶାସିତ ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଅନୁପସ୍ଥିତ ଥିବାବେଳେ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ନିର୍ଦ୍ଦିଷ୍ଟ ଆସନ ବଦଳରେ ଅନ୍ୟତ୍ର ବସିଥିଲେ। ତେବେ ଖାର୍ଗେଙ୍କୁ ଉତ୍ସବରେ ଯଥାଯୋଗ୍ୟ ଆସନ ମିଳି ନ ଥିବା ବିରୋଧୀମାନେ ଅଭିଯୋଗ କରିଛନ୍ତି।

ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ସଂକଳ୍ପ ଆଗତ କରିଥିଲେ। ସେ କହିଥିଲେ ଯେ, ଦ୍ରୌପଦୀ ମୁର୍ମୁ ଓଡ଼ିଶା ମାଟିର ଝିଅ। ସାରା ଓଡ଼ିଶା ଆଜି ଉତ୍ସବମୁଖର। ଗୃହର କିଛି ସଦସ୍ୟଙ୍କୁ ନେଇ ବ୍ୟକ୍ତିଗତ ଭାବେ ଦିଲ୍ଲୀ ଯାଇ ରାଷ୍ଟ୍ରପତି ମୁର୍ମୁଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ସେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବ ବିଚାର କରାଯିବ ବୋଲି ବାଚସ୍ପତି କହିଛନ୍ତି।

## ବାହାରୁ ଆସୁଥିବା...

ତେଣୁ ଓଡ଼ିଶା ସମେତ ଅନ୍ୟ ରାଜ୍ୟକୁ ବି ଭୂତାଣୁ ବ୍ୟାପିବା ଆଶଙ୍କା ବଢ଼ିଯାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ, ଲୋକମାନେ ସତର୍କ ରହିଲେ, ସଂକ୍ରମଣକୁ ରୋକାଯାଇପାରିବ। ମଙ୍କିପକ୍ସ ହ୍ୟୁମାନ୍ କଣ୍ଟାକ୍ଟ ବା ରୋଗୀଙ୍କ ସଂସ୍ପର୍ଶରେ ଆସିବା ଦ୍ୱାରା ବ୍ୟାପିଥାଏ। ରୋଗୀଙ୍କ ଦେହରେ ହୋଇଥିବା ଫୋଟକାରୁ ବାହାରୁଥିବା ପୂଜ, ଲାଳ ଦ୍ୱାରା ଏହା ଅନ୍ୟ ଜଣଙ୍କୁ ସଂକ୍ରମିତ କରିଥାଏ। ତେବେ ଦିଲ୍ଲୀରୁ ନୂଆ ଆକ୍ରାନ୍ତ ଚିହ୍ନଟ ହେବାପରେ କେନ୍ଦ୍ର ସରକାର ତତ୍ପର ହୋଇଛନ୍ତି।

## କାମ ସରିନି...

ଏବଂ ଏହାର ଦୀର୍ଘସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ, ୪ ଫୁଟ୍ ତଳେ ପୋତାଯାଇଥିବା ପାଇପ୍ ଉପରକୁ ଉଠିଯାଇଥିବାରୁ ପଥର୍ଲା ସମେତ ପଡ଼ୋଶୀ ନିଲେଶ୍ୱର, ଶସୁପାଲି, ଗୁଡ଼େଶିରା, କଲଙ୍ଗାପାଲି, ଗୋବିନ୍ଦପୁର, ଡୁରୁଙ୍ଗା ଆଦି ଗ୍ରାମର ଲୋକେ ପ୍ରଭାବିତ ହୋଇଛନ୍ତି। ପଥର୍ଲା ଦେଇ ଯାଇଥିବା ରାସ୍ତା ଗୋଟିଏ ପଟେ ବରଗଡ଼-ରାୟପୁର ଏବଂ ଅନ୍ୟପଟେ ବରଗଡ଼-ବରପାଲି ରାସ୍ତାରୁ ଏକାମ୍ର ଛକ-ବିଜେପୁର ରାସ୍ତାକୁ ସଂଯୋଗ କରୁଛି। ପାଇପ ଉପରକୁ ଉଠିଯାଇଥିବାରୁ ପଥର୍ଲା-ବିଜେପୁର ରାସ୍ତା ବିଚ୍ଛିନ୍ନ ହୋଇପଡ଼ିଛି। ଫଳରେ ଅଞ୍ଚଳର ଚାଷୀ, ଛାତ୍ରୀଛାତ୍ର, ବ୍ୟବସାୟୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ନିମ୍ନମାନର କାମ ଯୋଗୁ ଏଭଳି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ବରଗଡ଼ ଜିଲାର ବିଜେପୁର, ବରପାଲି ଓ ସୋହେଲା ବ୍ଲକ ସହିତ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ବ୍ଲକର ଚିର ମରୁଡ଼ି ପ୍ରପୀଡ଼ିତ ୧୨୯ଗ୍ରାମର ୨୫,୬୦୦ ହେକ୍ଟର ଚାଷଜମିକୁ ଜଳସେଚନ ଲକ୍ଷ୍ୟ ରହିଥିଲା। ପ୍ରକଳ୍ପକୁ ଜଳ ବଣ୍ଟନ ଭାଗ (ଡିଷ୍ଟ୍ରିବ୍ୟୁଶନ ନେଟ୍‌ୱର୍କ) ଏବଂ ମୁଖ୍ୟ ନିର୍ମାଣ ଭାଗ (ହେଡ୍ ୱାର୍କ୍ସ) ହିସାବରେ ୨ଭାଗରେ ବିଭକ୍ତ କରାଯାଇଛି। ଜଳ ବଣ୍ଟନ ଭାଗ ନିର୍ମାଣ କାର୍ଯ୍ୟ ପାଇଁ ଚୁକ୍ତିନାମା କରି ୨୦୨୦ ସେପ୍ଟେମ୍ବର ୧୬ ତାରିଖରୁ ଏଜେନ୍ସି ମେଘା ଇଞ୍ଜିନିୟରିଂ ଆଣ୍ଡ୍ ଇନଫ୍ରାଷ୍ଟ୍ରକ୍ଚର୍ସ ଲିମିଟେଡ୍ ୧୨୭୫.୨୬ କୋଟି ଟଙ୍କାରେ ଚୁକ୍ତିନାମା ସହିତ କାମ ଆରମ୍ଭ କରିଥିଲା। ଚୁକ୍ତିନାମା ଅନୁସାରେ ୨୦୨୩ ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଜଳ ବଣ୍ଟନ ଭାଗର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ସେହିପରି ଏଜେନ୍ସି ଏଲ୍ ଆଣ୍ଡ୍ ଟି କନ୍‌ଷ୍ଟ୍ରକ୍ସନ ମୁଖ୍ୟ ନିର୍ମାଣ ଭାଗ ନିର୍ମାଣ କାର୍ଯ୍ୟ ନେଇ ୨୦୨୧ ମାର୍ଚ୍ଚ ୩ରେ ଚୁକ୍ତିନାମା କରିଥିଲା ଏବଂ ୨୦୨୩ ସେପ୍ଟେମ୍ବର ୨ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଚୁକ୍ତିନାମାରେ ଉଲ୍ଲେଖ ରହିଛି।

ଜଳବଣ୍ଟନ ଭାଗର ମୁଖ୍ୟ ପାଇପ୍ ଲାଇନ ସଂଲଗ୍ନ ବରଗଡ଼ ଜିଲାର ୧୨ଗ୍ରାମର ଚାଷୀମାନେ ଜଳଯୋଗାଣ ସକାଶେ ରାଜ୍ୟ ସରକାରଙ୍କୁ ନିବେଦନ କରିବା ପରେ ସରକାର ଅତିରିକ୍ତ ୫୭୫୦ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ତତ୍କାଳ ପ୍ରସ୍ତାବ ଅନୁମୋଦନ କଲେ। ଏହି ଅତିରିକ୍ତ ପ୍ରକଳ୍ପ ବରଗଡ଼ ମୁଖ୍ୟ କେନାଲର ଆରଡ଼ି ୩୪.୧ କି.ମିରୁ ଜଳ ଉଠାଇବା ପାଇଁ ସ୍ଥିରୀକୃତ ହୋଇଛି। ୨୦୨୨ ଜୁନ ୨୧ତାରିଖରେ ଏହି କାର୍ଯ୍ୟ ପାଇଁ ଲକ୍ଷ୍ମୀ ସିଭିଲ୍ ଇଞ୍ଜିନିୟରିଂ ଆଣ୍ଡ୍ ସର୍ଭିସ ପ୍ରାଇଭେଟ୍ ଲିମିଟେଡ୍ ୨୦୭.୭୦କୋଟି ଟଙ୍କାରେ କାର୍ଯ୍ୟ କରିବାକୁ ଚୁକ୍ତିନାମା କରିଥିଲା ଏବଂ ୨୦୨୪ ଜୁନ ୨୦ ତାରିଖ ସୁଦ୍ଧା ଉକ୍ତ ନିର୍ମାଣ କାର୍ଯ୍ୟ ସମାପନ କରିବାକୁ ଚୁକ୍ତିନାମା କରିଛି।

ମାତ୍ର ନିର୍ମାଣ କାର୍ଯ୍ୟ ଯେଭଳି ନିମ୍ନମାନର ଚାଲିଛି, ଚୁକ୍ତିନାମା ଅନୁଯାୟୀ ଧାର୍ଯ୍ୟ ସମୟସୀମା ମଧ୍ୟରେ ତାହା ସମାପନ ହେବ ବୋଲି ଲୋକେ ଆଶା କରୁନାହାନ୍ତି। ଅଣଜଳସେଚିତ ଚାଷଜମିକୁ ଉକ୍ତ ପ୍ରକଳ୍ପରୁ ପାଣି ମାଡ଼ିବା ବଦଳରେ ଏଭଳି ପାଇପ୍ ଉପରକୁ ଉଠିଗଲେ ଆଗକୁ ମଧ୍ୟ ଚାଷୀଙ୍କ ଅନେକ ଫସଲ ନଷ୍ଟ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପଥର୍ଲା ଗ୍ରାମର ଚାଷୀ ଅନିରୁଦ୍ଧ ସାହୁ କହିଛନ୍ତି, ନିମ୍ନମାନର କାମ ହୋଇଥିବାରୁ ପାଇପ ଉପରକୁ ଉଠି ଯାଇଛି। ପାଇପ୍ ଉପରକୁ ଉଠିଯିବା ସ୍ଥାନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପୁଣି ଗାତ ଯୋଗୁ ଜମିକୁ ଟ୍ରାକ୍ଟର ଯାଇ ପାରୁନାହିଁ। ଫଳରେ ସେ ଏଯାଏ ଖରିଫ ଚାଷକାର୍ଯ୍ୟ ମଧ୍ୟ ଆରମ୍ଭ କରି ପାରିନାହାନ୍ତି। ସେହିପରି ଗ୍ରାମର ରଞ୍ଜନ ସାହୁ କହିଛନ୍ତି, ସେ ନିୟମିତ ତାଙ୍କ ଭଉଣୀଙ୍କୁ ସରସ୍ୱତୀ ଶିଶୁ ମନ୍ଦିରକୁ ଛାଡ଼ିବାକୁ ଯାଉଥିଲେ। ମାତ୍ର ପାଇପ୍ ଉପରକୁ ଉଠିଯିବା ସହିତ ଗାତ ଯୋଗୁ ୫କି.ମି ବୁଲି ସ୍କୁଲ ଯିବାକୁ ପଡୁଛି। ସାମକଟା ଗ୍ରାମର ଶିବାଜୀ ପ୍ରଧାନ କୁହନ୍ତି, ସେ ପଥର୍ଲା ଦେଇ ବିଜେପୁରକୁ ଯିବା ଆସିବା କରନ୍ତି। ମାତ୍ର ପାଇପ୍ ଉଠିଯିବା ସହିତ ରାସ୍ତା ପାର୍ଶ୍ୱରେ ଗାତ ହୋଇଥିବାରୁ ଆଉ ଯିବାଆସିବା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ଉକ୍ତ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ ବନମାଳୀ ସାହୁଙ୍କୁ ପଚାରିବାରୁ ସେ କହିଲେ, ୪ ଫୁଟ୍ ତଳେ ପୋତାଯାଇଥିବା ପାଇପ୍‌କୁ ଯେଭଳି ପାଣି ନ ପଶିବ ସେଥିପାଇଁ ବନ୍ଧ ଦିଆଯାଇଥିଲା। ମାତ୍ର କେହି ଜଣେ ତାହା ଖୋଲି ଦେଇଛି। ଫଳରେ ପାଇପ୍ ତଳକୁ ପାଣି ପଶିଯିବାରୁ ପାଇପ୍ ଉପରକୁ ଉଠିଯାଇଛି। କାମ ଚାଲିଛି ଏବଂ ତାହା ପୁଣି ତଳକୁ ଦବିଯିବ ବୋଲି ସେ କହିଥିଲେ।

# ରାଜ୍ୟବାସୀଙ୍କ ପାଇଁ ସ୍ମରଣୀୟ ଦିନ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ):** ଦ୍ରୌପଦୀ ମୁର୍ମୁ ସୋମବାର ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ। ତାଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ଦେଶର ଶୀର୍ଷ ନେତାମାନଙ୍କ ଗହଣରେ ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି,



ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଖୁବ୍ ଗର୍ବ ଓ ଗୌରବର ଦିନ। ଏଥିପାଇଁ ସେ ବେଶ୍ ଖୁସି ଥିବା କହିଛନ୍ତି। ମୁର୍ମୁ ତାଙ୍କ ହାତରେ ରାଖୀ ବାନ୍ଧିଥିଲେ। ଯେଉଁ ଭଉଣୀ ହାତରେ ରାଖୀ ବାନ୍ଧିଥିଲେ ସେ ଏବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ଅଭିଷିକ୍ତ ହୋଇଛନ୍ତି, ଯାହା ଓଡ଼ିଶା ଏବଂ ରାଜ୍ୟବାସୀଙ୍କ ପାଇଁ ଏକ ସ୍ମରଣୀୟ ଦିନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ସମସ୍ତ ରାଜ୍ୟବାସୀଙ୍କୁ ନବୀନ ଶୁଭେଚ୍ଛା ଜଣାଇଛନ୍ତି। ସଂସଦ ଭବନର ସେଣ୍ଟ୍ରାଲ ହଲ୍‌ରେ ଅନୁଷ୍ଠିତ ରାଷ୍ଟ୍ରପତିଙ୍କ ଶପଥ ଉତ୍ସବ କାର୍ଯ୍ୟକ୍ରମରେ ନବୀନ ଆଗ ଧାଡ଼ିରେ ବସିଥିଲେ।

### ଦ୍ରୌପଦୀ ମୁର୍ମୁଙ୍କ ପାଇଁ ସମ୍ବର୍ଦ୍ଧନା ସଂକଳ୍ପ ପାରିତ

# ବାଚସ୍ପତିଙ୍କ ନେତୃତ୍ୱରେ ବିଧାନସଭାର ଏକ ଟିମ୍ ଦିଲ୍ଲୀ ଯିବ

**ଭୁବନେଶ୍ୱର,୨୫।୭(ବ୍ୟୁରୋ):** ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ମୁର୍ମୁଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ବାଚସ୍ପତିଙ୍କ ନେତୃତ୍ୱରେ ବିଧାନସଭାର ଏକ ଟିମ୍ ନୂଆଦିଲ୍ଲୀ ଗସ୍ତ କରିବ। ଏ ନେଇ ସୋମବାର ବିଧାନସଭାରେ ସମ୍ବର୍ଦ୍ଧନା ସଙ୍କଳ୍ପ ପାରିତ ହୋଇଛି। ଅପରାହ୍ନରେ ସଂସଦୀୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭାଗ୍ୟସ୍ଥାନକୁ ଶୁକ୍ରଚନ୍ଦ୍ରଙ୍କ ଦୃଷ୍ଟି ଆପଣଙ୍କୁ ମନୋରଞ୍ଜନର ସୁଯୋଗ ପ୍ରଦାନ କରିବ। କିନ୍ତୁ ବନ୍ଧୁଙ୍କ ସହ ଆପଣଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। କହିବାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ଆଲୋଚନା କ୍ଷେତ୍ରରେ ଛୋଟ ଛୋଟ କଥାରେ ଚିହ୍ନା ପଡ଼ିଲେ ଅପଦସ୍ଥ ହେବେ।

**ବୃଷ** ବୁଧ କର୍ମାଧିପଙ୍କ ଦୃଷ୍ଟିରେ ଥିବାରୁ ଆଜି ଫାଇଲ୍ କାମ ବୃଦ୍ଧି କାରଣରୁ ଅବସର ପାଇବେ ନାହିଁ। ତେଣେ ପାରିବାରିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମ ଶୃଙ୍ଖଳିତ ରହିବ ନାହିଁ। ଅବଶ୍ୟ କୌଣସି ଆନୁଷ୍ଠାନିକ କ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବେ। ନିଜସ୍ୱ ପରିବେଶରେ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ।

**ମିଥୁନ** ମତପାର୍ଥକ୍ୟ କାରଣରୁ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ବୃହସ୍ପତି ସ୍ୱଗୃହୀ ହେତୁ କର୍ମକ୍ଷେତ୍ରରେ ଦୃଢ଼ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷାପାଇବେ। ଅବଶ୍ୟ ବ୍ୟବସାୟ,ପରିବହନରେ ମାନମନାନ୍ତର ଦେଖାଦେଇପାରେ। ପାରିବାରିକ ସ୍ତରରେ ମାନସିକ ଦ୍ୱନ୍ଦ୍ୱ ଠିକ୍ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ।

**କର୍କଟ** ସପ୍ତମସ୍ଥ ଗ୍ରହ ଆପଣଙ୍କୁ ଯାତ୍ରା, ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ସୁଫଳ ପ୍ରଦାନ କରିବ। ରାହୁଙ୍କ ନକ୍ଷତ୍ରସ୍ଥ ଶୁକ୍ରଙ୍କ ଯୋଗୁ ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। କିନ୍ତୁ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିବେ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ସିଂହ** ଆଜିର ରାହୁମଙ୍ଗଳଜନିତ ଲକ୍ଷ୍ମୀଯୋଗ ପ୍ରଭାବରୁ ଅର୍ଥ ଓ ସମ୍ମାନ ପାଇବେ। କିନ୍ତୁ ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ମନ ଭଲ ନ ଥିବା କାରଣରୁ ସାଧାରଣ କଥାରେ ମଧ୍ୟ ଟେନ୍‌ସନ ବଢ଼ିଯିବ। ପଡ଼ୋଶୀଙ୍କଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ସପ୍ତମସ୍ଥ ଗୁରୁ ସ୍ୱଗୃହୀ ଯୋଗୁ ଆଜିର ଯାତ୍ରା,ବାଣିଜ୍ୟ ବହୁତ ଭଲ ରହିବ। କିନ୍ତୁ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ବିବାଦ ବଢ଼ାଇଲେ ନିଜକୁ ଅପଦସ୍ଥ ହେବାକୁ ପଡ଼ିପାରେ। ଅର୍ଥ ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପର କ୍ଷଣରେ ଓଲଟା କଥା କହିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ କ୍ଷୁଣ୍ଣ ହେବା କାରଣରୁ ଆତ୍ମୀୟଙ୍କ ପାଇଁ ଚିନ୍ତା ବଢ଼ିପାରେ।

**ତୁଳା** କର୍ମ ସ୍ଥାନରେ ବୁଧାଦିତ୍ୟ ଯୋଗ ପ୍ରଭାବରୁ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସୁଧାରି ନେବେ। ଅବସର ସମୟରେ ପିଲାଙ୍କ ସହ ଖୁସିଗପ କରିବା ମଉକା ଜୁଟିବ। ସଭାସମିତିରେ ଯୋଗ ଦେଲେ ପ୍ରଶଂସା ଓ ପ୍ରତିଷ୍ଠା ପାଇପାରିବେ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

**ବିଛା** ଶନିଙ୍କ ଦୃଷ୍ଟିରେ ଗୁରୁ ହେତୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ମେଳା ଉତ୍ସବ ସ୍ଥାନରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବା ଆଶା ରହିଛି।

**ଧନୁ** ପାରିବାରିକ ଜାଞ୍ଜାଳ ବୃଦ୍ଧି ପାଇଲେ ମଧ୍ୟ ଆପଣଙ୍କ ପାଇଁ କୌଣସି ଅସୁବିଧା ରହିବ ନାହିଁ। ଆନୁଷ୍ଠାନିକ କାମରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇପାରନ୍ତି। ସୁସମ୍ପର୍କ ଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**ମକର** ସମସ୍ୟା ଲାଗି ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ କାମ କରିବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ। ପଡ଼ୋଶୀ କେହି ପ୍ରତିବାଦ କରିପାରନ୍ତି, ଯାହାକି ଆପଣଙ୍କ କାମ ପାଇଁ ତାହା ବାଧକ ସାଜିବ। ଶ୍ରବଣା ନକ୍ଷତ୍ରର ପ୍ରାତଃ ଭ୍ରମଣ ଓ ମନୋରଞ୍ଜନ ପ୍ରୀତିପ୍ରଦ ହେବ।

**କୁମ୍ଭ** ଆଜି ସପ୍ତମାଧିପତି ଷଷ୍ଠସ୍ଥ ହେତୁ ଯାତ୍ରା ସମୟରେ ସମସ୍ୟାର ସମ୍ମୁଖୀନ ହେବେ। ଉପରିସ୍ଥଙ୍କ ଆସ୍ଥାଭାଜନ ହେତୁ କର୍ମକ୍ଷେତ୍ରରେ ସମସ୍ୟା ସୁଧାରିନେବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ମୀନ** ରାଶ୍ୟାଧିପତିଙ୍କ ଶୁଭଦୃ କାରଣରୁ ଦୈହିକ ସ୍ୱାସ୍ଥ୍ୟ ଭଲ ରହିବ। କିନ୍ତୁ କର୍ମକ୍ଷେତ୍ରରେ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

## classifieds Everyday
0674-2580101, 2549302



### SALE

ହଂସପାଳ ଓ ପାହାଳରେ ସମସ୍ତ ସୁବିଧା ଥାଇ under BMC residential plot ବିକ୍ରି କରାଯାଉଅଛି। ଯୋଗାଯୋଗ - 6370469894. D-1103

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/- .8114929186. D-73541

Jatani gate NH-5 ପାଖରେ 1.5 acre ଜମି ବିକ୍ରିହେବ। 8260064453. D-70283

Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452. D-73938

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

Bhubaneswar to Pipili NHକୁ ଲାଗି boundary plot, 30ft. Road, Electrification, Temple, Drainage, Streetlight, Security, Gate, Plantation, Gated community ଥାଇ sqft.-980/ରେ ମିଳୁଛି। 9937006862. D-73284

Bhubaneswar ରେଡଙ୍ଗ, ଗଂଗପଡ଼ା, କାଟେଣୀରେ ୩୦'ରାସ୍ତା, ଇଲେକ୍ଟ୍ରିକ ଥାଇ ବର୍ଗଫୁଟକୁ 649/699/849/ କିଣନ୍ତୁ। Sasmita. 9853150290. D-73288

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320. D-73283

ଭୁବନେଶ୍ୱର ଗଙ୍ଗପଡ଼ା Adyanta College ପାଖରେ ପିଚୁ ରୋଡ୍‌କୁ ଲାଗି commercial ଏବଂ ଘର ଉପଯୋଗୀ yellowzone plot କିଣି ଘର କରନ୍ତୁ। 9938066403, 9777067303. D-73287

ତମାଣ୍ଡୋ Hyundai Showroom ପାଖରେ ୩୦ ଗୁଣ୍ଠ ପ୍ଲଟ୍ ବିକ୍ରିହେବ। 8260064453. D-70284



Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469. D-73278



6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298. D-1047



Newly open SPA Offer @799/-, positively health benefits, Kalpana. 7846814019. D-73627

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Refreshing your mind and body with the best therapy, 7873794731. D-872

"Only Professional Massage & Steam Bath- Trupti Spa. 9337337007, 9861550765." D-1058

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73847

Fullbody massage relax your body, mind by best therapist. 7008773793. D-73626

Newly open full body massage, ladies and gents. 7846923244. D-73943

Relax, Refresh your body, Mind at Saikrupa Spa with best therapies. 8984068077. D-980

### AFFIDAVIT

By virtue of an affidavit sworn in the Court of Executive Magistrate, Dhamnagar, I, Chuchu Karim Khan, S/D/of Abdul Tare Khan and date of Birth 15.01.1973 changed my name from Chuchu Karim Khan to Fazle Karim Khan, father's name Abdul Taher Khan and dob- 01.01.1970. Henceforth I will be known as Fazle Karim Khan for all purposes my LIC Policy Number is 599449771 and my affidavit Number is 4108 on dated 25.07.22. D-1095

I, M. Himadri Tanaya D/o Manoj Kumar Sahu residing at Kumbhari, PS-Barpali, Dist.- Bargarh have changed my name to Himadri Tanaya vide affidavit dated 09.11.2021 at Sambalpur. D-1104

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜିଲାପାଳଙ୍କ ସମ୍ମୁଖରେ ବିଷ ପିଇଲେ ଦିବ୍ୟାଙ୍ଗ

ଦିଗପହଣ୍ଡି,୨୫।୭(ଡି.ଏନ୍.ଏ.)

**ଦିଗପହଣ୍ଡିରେ ପ୍ରଶାସନର ଜନଶୁଣାଣି**

■ଜମି ଡିମାର୍କେଶନ ହେଲାନି

■ଗୁରୁତର ଅବସ୍ଥାରେ ଏମ୍‌କେସିଜିରେ ଭର୍ତ୍ତି

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଥିଲା। ଏଥିରେ କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମର ଜଣେ ଦିବ୍ୟାଙ୍ଗ ବାରମ୍ବାର ରଜସ୍ୱ ସର୍କଲ କାର୍ଯ୍ୟାଳୟକୁ ଯାଇ ଜମି ଡିମାର୍କେଶନ ନ ହେବାରୁ ସେ ଜିଲାପାଳଙ୍କ ସମ୍ମୁଖରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଜେ. ବାଳକୃଷ୍ଣ ଦୋରା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଦିଗପହଣ୍ଡିରେ ବ୍ଲକସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭି. କୀର୍ତ୍ତି ଭାସନ, ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ, ଦିଗପହଣ୍ଡି ବିଡିଓ ହଳଧର ଶବର, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା, ଦିଗପହଣ୍ଡି ଆଇଆଇସି ଦୀପ୍ତିରଞ୍ଜନ ବେହେରାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ୟକ୍ତିଗତ ଏବଂ ସାମୂହିକ ମୋଟ ୩୧୯ ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାପାଳ ୭ ଦିବ୍ୟାଙ୍ଗଙ୍କୁ ୩ଚକିଆ ଟ୍ରାଇ ସାଇକେଲ ବଣ୍ଟନ କରିଥିଲେ। ଏହି ସମୟରେ ଜେ. ବାଳକୃଷ୍ଣ ଟ୍ରାଇ ସାଇକେଲରେ ଆସି ଜିଲାପାଳଙ୍କ ସମ୍ମୁଖରେ ବିଷାକ୍ତ ଔଷଧ ଖାଇ ଦେଇଥିଲେ।

ସୂଚନାଯୋଗ୍ୟ, ବାଳକୃଷ୍ଣଙ୍କ ପଡ଼ୋଶୀ ତାଙ୍କ ଘର ବାରିପଟେ ଥିବା ଜମି ଜବରଦଖଲ କରିଛନ୍ତି। ସେ ଜମି ସୀମା ଚିହ୍ନଟ (ଡିମାର୍କେଶନ) ପାଇଁ ବାରମ୍ବାର ଦିଗପହଣ୍ଡି ରାଜସ୍ୱ ସର୍କଲ କାର୍ଯ୍ୟାଳୟକୁ ଦୌଡ଼ିଥିଲେ ମଧ୍ୟ ତାହା ହୋଇ ପାରି ନ ଥିଲା। ଶେଷରେ ସେ ନିରୁପାୟ ହୋଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସ୍ଥଳରେ ପହଞ୍ଚି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ଦିଗପହଣ୍ଡି ରାଜସ୍ୱ ନିରୀକ୍ଷକ ଅକ୍ଷୟ ମଲ୍ଲିକ ଲାଞ୍ଚ ମାଗିବା ଏବଂ ବାରମ୍ବାର ଦୌଡ଼ାଇବା ସହ ତାଙ୍କୁ ହଇରାଣ କରିଥିବା ସେ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିବା ସହ ବାଳକୃଷ୍ଣଙ୍କ ଆବେଦନ ପ୍ରକାରେ ତାଙ୍କ ଜମି ଚିହ୍ନଟ ପାଇଁ ସେ ଗତ ସପ୍ତାହକ ପୂର୍ବେ ଯାଇଥିଲେ। ତାଙ୍କ ଘର ବାରି ପଟେ ଜାଳକାଠ ଏବଂ ଅନ୍ୟାନ୍ୟ ଜିନିଷ ଜମା ହୋଇଥିବା ଏବଂ କେହି ପଡ଼ୋଶୀ ଉପସ୍ଥିତ ନ ଥିବାରୁ ଘରବାରି ଜମି ଚିହ୍ନଟ ହୋଇପାରି ନ ଥିଲା। ବାଳକୃଷ୍ଣଙ୍କ ଉପସ୍ଥିତିରେ ଜିଓଟାଗିଂ ଫଟୋ ଉଠାଯାଇଥିଲା। ଜାଳକାଠ ସଫା ପାଇଁ ବାଳକୃଷ୍ଣଙ୍କୁ ରାଜସ୍ୱ ନିରୀକ୍ଷକ ପରାମର୍ଶ ଦେଇଥିଲେ। ଗତ ଶନିବାର ରାଜସ୍ୱ କାର୍ଯ୍ୟାଳୟର ଅମିନ ଏବଂ ଅନ୍ୟାନ୍ୟ କର୍ମଚାରୀ ତାଙ୍କ ଘରକୁ ଡିମାର୍କେଶନ ପାଇଁ ଯାଇଥିଲେ। ଅଦ୍ୟାବଧି ବାରି ପଟ ସଫା କରାଯାଇ ନ ଥିବାରୁ କିଛିଦିନ ପରେ ଜମି ଚିହ୍ନଟ ପାଇଁ ତାଙ୍କ ସହମତିରେ ହିଁ ବାଳକୃଷ୍ଣ ନିଜେ ଅଣ୍ଡରଟେକିଂ ଦରଖାସ୍ତ ଦେଇଥିବା ରାଜସ୍ୱ ନିରୀକ୍ଷକ ଜଣାଇଛନ୍ତି।


ଆତ୍ମହତ୍ୟା ଉଦ୍ୟମ କରିଥିବା ଦିବ୍ୟାଙ୍ଗ ବାଳକୃଷ୍ଣଙ୍କୁ ଉଦ୍ଧାର କରାଯାଉଛି ।





୨୦୦୮ ମସିହା ପରବର୍ତ୍ତୀ ଅଧ୍ୟାପକ, କର୍ମଚାରୀଙ୍କୁ ଅନୁଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଚାଲିଥିବା ଅଧିକାର ଯାତ୍ରାର ୧୦୧ତମ ଦିବସରେ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ମହାସମାବେଶ ଅନୁଷ୍ଠିତ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଅଧ୍ୟାପକ ଓ କର୍ମଚାରୀମାନେ ହାତରେ ଛତା ଓ ପାଲ ଧରି ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରିଥିଲେ। ପୋଲିସ ଅଟକାଇବାରୁ ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେମାନେ ପୋଲିସ କର୍ଡନ ଭାଙ୍ଗି ବିଧାନସଭା ଆଡକୁ ଦୌଡ଼ିଥିବା ଦେଖିବାକୁ ମିଳିଥିଲା।

# ଜୟପୁରରେ କୀଟନାଶକ ଖାଇ ଚାଷୀଙ୍କ ଆତ୍ମହତ୍ୟା

ଜୟପୁର, ୨୫।୭ (ନି.ପ୍ର.)

ଜୟପୁର ନିକଟସ୍ଥ ପୁତ୍ରା ଗ୍ରାମର ଚାଷୀ ଲାଇବାନ ଭତ୍ରା କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଚାଷକାର୍ଯ୍ୟ ନେଇ ଚିନ୍ତିତ ଥିବା ଲାଇବାନ ରବିବାର ରାତିରେ ଜମିରେ ପକାଇବା ଲାଗି ଘରେ ଥିବା କୀଟନାଶକ ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ରାବଣାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଲାଇବାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସଦର ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛି । ସୋମବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଲାଇବାନଙ୍କ ପୁଅ ଖଗପତି ଭତ୍ରା କହିଛନ୍ତି ଯେ, ଗତ ଜୁନ ମାସରେ ତାଙ୍କ ଜେଜେ ବାପା ସାନବତି ଭତ୍ରାଙ୍କ ମୃତ୍ୟୁ ହୋଇଥିଲା। ବାପା ଧାର ଉଦ୍ଧାର କରି ଜେଜେ ବାପାଙ୍କ ସମସ୍ତ କ୍ରିୟାକର୍ମ କରିଥିଲେ। ବର୍ତ୍ତମାନ ଚାଷକାମ ଆରମ୍ଭ କରିବାକୁ ବାପାଙ୍କ ପାଖରେ ଟଙ୍କା ନ ଥିଲା। ଟଙ୍କା ଅଭାବରୁ ଜମିରେ ରୁଆ କାର୍ଯ୍ୟ ହୋଇପାରି ନ ଥିଲା। ଏହାକୁ ନେଇ ଚିନ୍ତିତ ଥିବା ବାପା ଶେଷରେ ଏପରି ଚରମ ନିଷ୍ପତ୍ତି ନେଲେ ବୋଲି ପୁଅ ଖଗପତି କହିଛନ୍ତି। ସୂଚନାଯୋଗ୍ୟ, ଲାଇବାନ କିଛି ନିଜ ପୈତୃକ ଜମି ସହ ଭାଗ ଚାଷ କରି ପରିବାର ଚଳାଉଥିଲେ।

# ବିଲରେ କଚାଡ଼ି ମାରିଦେଲା ହାତୀ

ଛେଣ୍ଡିପଦା, ୨୫।୭ (ସ୍ୱ.ପ୍ର.)

■ଶୌଚ ପାଇଁ ଯାଇଥିବା ଯୁବକ ମୃତ

■କ୍ଷତିପୂରଣ ଦାବି ନେଇ ଗାଁରେ ଉତ୍ତେଜନା

ସକାଳେ ଶୌଚ ପାଇଁ ଯାଇଥିବା ଜଣେ ଯୁବକଙ୍କୁ ଶୁଣ୍ଢରେ ଟେକି ନେଇ ବିଲରେ କଚାଡ଼ି ମାରିଦେଇଛି ହାତୀ। ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କଣଲୋଇ ପଞ୍ଚାୟତ ମାରୁଡିପ ଗ୍ରାମରେ ସୋମବାର ଘଟିଥିବା ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ପରିବାରରୁ ଜଣଙ୍କୁ ନିଯୁକ୍ତି ଆଦି ଦାବିରେ ଗ୍ରାମବାସୀ ଅଡ଼ିବସିବାରୁ ଦୀର୍ଘସମୟ ପର୍ଯ୍ୟନ୍ତ ମୃତଦେହ ଘଟଣାସ୍ଥଳରେ ପଡ଼ିରହିଥିଲା। ତେବେ ନିୟମାନୁଯାୟୀ କ୍ଷତିପୂରଣ ଓ ମୃତକଙ୍କ ପୁଅଙ୍କୁ ଅସ୍ଥାୟୀ ନିଯୁକ୍ତି ମିଳିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଉତ୍ତେଜନା ଥମିଥିଲା।

ପ୍ରକାଶ ଯେ, ଛେଣ୍ଡିପଦା ବନାଞ୍ଚଳ ମାରୁଡିପ ଗ୍ରାମର ଦୁର୍ଯ୍ୟୋଧନ ସାହୁ (୪୨) ସକାଳେ ଖନ୍ଦାବନ୍ଧକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ସେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦୌଡି ପଳାଇବାକୁ ଉଦ୍ୟମ କରିବା ବେଳେ ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ ବିଲ ମଝିରେ କଚାଡି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଦୁର୍ଯ୍ୟୋଧନଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ ପାଟି କରିବାରୁ ଦନ୍ତା ହାତୀଟି ନିକଟସ୍ଥ ମାରୁଡିପ ସଂରକ୍ଷିତ ଜଙ୍ଗଲ ଆଡକୁ ପଳାଇଯାଇଥିଲା। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଛେଣ୍ଡିପଦା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରୀ, ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାଶ ପହଞ୍ଚି ବୁଝାଶୁଝା କରିଥିଲେ ହେଁ ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ି ନ ଥିଲେ। ମୃତକଙ୍କ ପୁଅକୁ ରେଞ୍ଜ କାର୍ଯ୍ୟାଳୟରେ ଅସ୍ଥାୟୀ ନିଯୁକ୍ତି ଓ ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ଆଦି ପ୍ରତିଶ୍ରୁତି ଦିଆଯିବା ପରେ ଅପରାହ୍ନ ୧ଟା ବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା।


ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଯୁବକଙ୍କ ମୃତଦେହ ବିଲରେ ପଡ଼ିରହିଛି।

# ସୀମାନ୍ତରେ ମାଓବାଦୀ ହିଂସା: ୩ ଜେସିବି ପୋଡ଼ିଲେ


ମାଓବାଦୀମାନେ ପୋଡି ଦେଇଥିବା ଜେସିବି।

ମାଲକାନଗିରି,୨୫।୭ (ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି। ସୋମବାର ସଂଧ୍ୟା ୫ଟାରେ ପଦେଡା ଗ୍ରାମରେ ଜିଓ ଟାୱାର ବସାଇବା ପାଇଁ ନିୟୋଜିତ ଥିବା ୩ଟି ଜେସିବି ଗାଡିରେ ମାଓବାଦୀମାନେ ନିଆଁ ଲଗାଇ ଦେଇଥିଲେ। ଏଥିସହ ଏଠାରେ କାମ କରୁଥିବା କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ମାଓବାଦୀଙ୍କ ଏପରି କାର୍ଯ୍ୟକଳାପ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

# ୟୁନିଟ୍-୨ର ୪୧୦ କ୍ୱାର୍ଟର୍ସ ଭଙ୍ଗାଯିବ

**ଭୁବନେଶ୍ୱର,୨୫।୭(ବ୍ୟୁରୋ):** ଭୁବନେଶ୍ୱର ୟୁନିଟ୍-୨ରେ ଥିବା ୪୧୦ଟି ସରକାରୀ କ୍ୱାର୍ଟର୍ସ ଭଙ୍ଗାଯିବ। ଏହିସବୁ କ୍ୱାର୍ଟର୍ସକୁ ଭାଙ୍ଗି ପିପିପି ମୋଡ୍‌ରେ ପୁନଃ ନିର୍ମାଣ କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ଠିକ୍ ସେହିପରି ୟୁନିଟ୍-୬ ଅନ୍ତର୍ଗତ ୫୦ଟି କ୍ୱାର୍ଟର୍ସ ଭଙ୍ଗାଯାଇ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ଆଣ୍ଡ ରିସର୍ଚ୍ଚ ଆଟ୍ କ୍ୟାପିଟାଲ ହସ୍ପିଟାଲ ନିର୍ମାଣ କରାଯିବ। ଏଥିସହିତ ୟୁନିଟ୍-୪ ଅନ୍ତର୍ଗତ ଅନ୍ୟ ୫୦ଟି କ୍ୱାର୍ଟର୍ସ ଭଙ୍ଗାଯାଇ ଏମ୍‌ଏଲ୍‌ଏ କଲୋନୀରେ ବହୁତଳ ଆବାସିକ ଅଟ୍ଟାଳିକା ନିର୍ମାଣ କରାଯିବ। ୟୁନିଟ୍-୩ରେ ଭୁବନେଶ୍ୱର ମହାନଗର ନିଗମର ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୨ଟି କ୍ୱାର୍ଟର୍ସ ଓ ୟୁନିଟ୍-୮ ଅନ୍ତର୍ଗତ ୩୬ଟି କ୍ୱାର୍ଟର୍ସ ନିରାପଦ ନ ଥିବା ଯୋଗୁ ଭଙ୍ଗାଯାଇଛି। ଏହାଛଡ଼ା ୟୁନିଟ୍-୨ରେ ୧୨୪ଟି ଘର ଖାଲିପଡ଼ିଛି, ଯାହାର ପୁନଃ ନିର୍ମାଣ ଯୋଜନା ନିମନ୍ତେ ପ୍ରସ୍ତାବ ଥିବାରୁ ଆବଣ୍ଟନ ହୋଇନାହିଁ। ବର୍ତ୍ତମାନ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ୧୧,୩୭୪ଟି କ୍ୱାର୍ଟର୍ସ ରହିଛି। ସୋମବାର ବିଧାନସଭାରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

# ରାଜ୍ୟରେ ୧୨ ନୂଆ ଇସ୍ପାତ କାରଖାନା ସ୍ଥାପନ ହେବ

ଭୁବନେଶ୍ୱର,୨୫।୭(ବ୍ୟୁରୋ)

ରାଜ୍ୟରେ ୫୧ଟି ଇସ୍ପାତ କାରଖାନା ଥିବା ବେଳେ ଆଗାମୀ ଦିନରେ ଆହୁରି ୧୨ଟି ନୂଆ ଇସ୍ପାତ କାରଖାନା ପ୍ରତିଷ୍ଠା ହେବ। ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସୋମବାର ବିଧାନସଭାରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପ୍ରତିଷ୍ଠା ହେବାକୁ ଯାଉଥିବା ଇସ୍ପାତ କାରଖାନା ମଧ୍ୟରୁ ସୁନ୍ଦରଗଡ଼ରେ ସର୍ବାଧିକ ୩ଟି ହେବାକୁ ଥିବାବେଳେ ଯାଜପୁରରେ ୨ଟି କାରଖାନା ହେବ । ସେହିପରି ଅନୁଗୋଳ, କେନ୍ଦ୍ରାପଡ଼ା, ଝାରସୁଗୁଡ଼ା, ଢେଙ୍କାନାଳ, କେନ୍ଦୁଝର, ଜଗତ୍‌ସିଂହପୁର ଜିଲାରେ ଗୋଟିଏ ଲେଖାଏ ଇସ୍ପାତ କାରଖାନା ପ୍ରତିଷ୍ଠା ହେବ। ରାଜ୍ୟରେ ବର୍ତ୍ତମାନ ୫୧ଟି ଇସ୍ପାତ କାରଖାନା ରହିଥିବା ବେଳେ ସେଗୁଡ଼ିକର ବାର୍ଷିକ ଉତ୍ପାଦନ ୩୩.୧୨ ମେଟ୍ରିକ ଟନ୍ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ମହୁଲର ମୂଲ୍ୟଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ତାଲିମ ଆରମ୍ଭ

ଭୁବନେଶ୍ୱର, ୨୫।୭(ବ୍ୟୁରୋ)



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ମହୁଲର ମୂଲ୍ୟଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ସଂକ୍ରାନ୍ତରେ ଜନଜାତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି ପାଇଁ ସୋମବାରଠାରୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ), ଓୟୁଏଟିର କୃଷି ପ୍ରକ୍ରିୟାକରଣ ଓ ଖାଦ୍ୟ ପ୍ରଯୁକ୍ତି ବିଜ୍ଞାନ ବିଭାଗ ଏବଂ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଛି। ଜନଜାତି ଏସ୍‌ଏଚ୍‌ଜି ସଦସ୍ୟା ତଥା ମହୁଲ ଫୁଲ ସଂଗ୍ରହକାରୀଙ୍କୁ ଉଦ୍ୟୋଗୀ କରି ସେମାନଙ୍କ ଅର୍ଥନୀତିକୁ ଆଗକୁ ନେବା ଲକ୍ଷ୍ୟରେ ଅଗଷ୍ଟ ୪ ପର୍ଯ୍ୟନ୍ତ ଏହି ତାଲିମ ଦିଆଯିବ। ୩ଟି ପର୍ଯ୍ୟାୟରେ ପ୍ରାୟ ୧୦୦ ଜନଜାତି ମହିଳାଙ୍କୁ ତାଲିମ ପ୍ରଦାନ କରାଯିବ ଓ ପ୍ରତ୍ୟେକ ପର୍ଯ୍ୟାୟର ଅବଧି ୩ ଦିନ ରହିବ। ପ୍ରଥମ ପର୍ଯ୍ୟାୟ ୨୫ରୁ ୨୭, ଦ୍ୱିତୀୟ ୨୮ରୁ ୩୦ ଓ ତୃତୀୟ ପର୍ଯ୍ୟାୟ ୨ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ସ୍ଥିର କରାଯାଇଛି। ଆଜାଦି କା ଅମୃତ ମହୋତ୍ସବର ଅଂଶବିଶେଷ ସ୍ୱରୂପ ଏହି ତାଲିମ କାର୍ଯ୍ୟକ୍ରମରେ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାଗୁଡ଼ିକରୁ ଜନଜାତି ମହିଳା ଅଂଶଗ୍ରହଣ କରିଛନ୍ତି। ସୋମବାର ପ୍ରଥମ ପର୍ଯ୍ୟାୟ ତାଲିମର ଉଦ୍‌ଘାଟନୀ ଉତ୍ସବରେ ଏସ୍‌ସିଏସ୍‌ଟିଆର୍‌ଟିଆଇର ଉପଦେଷ୍ଟା, ନିର୍ଦ୍ଦେଶକ ତଥା ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ପ୍ରଫେସର ଅଖିଳ ବିହାରୀ ଓତା, ଓୟୁଏଟି ଡିନ୍ ଡ. ସଞ୍ଜୟ କୁମାର ଦାସ, ଓୟୁଏଟି-ସିଏଇଟିର ବିଭାଗୀୟ ମୁଖ୍ୟ ଡ. କଳ୍ପନା ରାୟଗୁରୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଫେସର ଓତା ଓୟୁଏଟି-ସିଏଇଟିର ସହଯୋଗକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଦୁଇ ସହଯୋଗୀ ଅନୁଷ୍ଠାନଙ୍କ ମିଳିତ ଆନୁକୂଲ୍ୟରେ ଅନେକ କାର୍ଯ୍ୟକ୍ରମ କରାଯାଇପାରିବ ବୋଲି ପ୍ରଫେସର ଓତା ଆଶାପୋଷଣ କରିଥିଲେ। ସୂଚନାଯୋଗ୍ୟ, ଜଙ୍ଗଲରୁ ଉପଲବ୍ଧ ଲଘୁ ବନଜାତ ଦ୍ରବ୍ୟ ମଧ୍ୟରେ ମହୁଲ ଫୁଲ ଅନ୍ୟତମ। ଜଙ୍ଗଲ ଉପରେ ନିର୍ଭରଶୀଳ ଜନଜାତି ଗୋଷ୍ଠୀଙ୍କ ଜୀବିକା ଓ ଅର୍ଥନୀତିକୁ ଏହା ପ୍ରଭାବିତ କରିବା ସହିତ ସମୃଦ୍ଧ କରିଆସିଛି। ବିଜ୍ଞାନସମ୍ମତ ନିରନ୍ତର ଅମଳ ପ୍ରକ୍ରିୟାର ଅବଲମ୍ବନରେ ତଥା କାରିଗରି ବିଦ୍ୟାର ଠିକ୍ ଉପଯୋଗରେ ଏହି ମହୁଲ ଫୁଲର ଖାଦ୍ୟ ପ୍ରକ୍ରିୟାକରଣକୁ ମୂଲ୍ୟଯୁକ୍ତ କରାଯାଇପାରିଲେ ଏହା ଜନଜାତି ପରିବାରଙ୍କ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିପାରିବ। ତେଣୁ ଏକ୍ଷେତ୍ରରେ ଏହି ତାଲିମ ବେଶ୍ ଗୁରୁତ୍ୱ ବହନ କରୁଛି।

EXPRESSION OF INTEREST
STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)
No.383/384/SIHM/2022-23/TENDER Date: 25.07.2022

E-tender invited by SIHM, Balangir from established firms/shops registered in India for supply / contract of following items:

1. Bakery (Small Tools) for Hotel Management Trade for the Academic Session 2022-2023. (No.383/SIHM/2022-23/TENDER, dt.25.07.2022)
2. Crockery & Cutlery for Hotel Management Trade for the Academic Session 2022-2023. (No.384/SIHM/2022-23/TENDER, dt.25.07.2022)

Interested parties may kindly visit the below mentioned website for further details:
www.tenderwizard.com/SIHM or www.sihmbalangir.org

Sd/-
Principal

FORM No. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 963/2019
State Bank of India, SARB, Cuttack .....Applicant
Versus
M/s. Chandan Garments and others .....Defendant(s)
To,
1) **M/s. Chandan Garments,** Represented through its Sole Proprietor Sri Manas Khilar, S/o- Nabaghan Khilar, at Main Road, Basudevpur, Bhadrak, State: Odisha.
2) **Sri Manas Ranjan Khilar,** S/o- Nabaghan Khilar, At: Ramachandrapur, Near A.B. College, Matiapaka, Basudevpur, Bhadrak.
3) **Sri Nabaghan Khilar,** S/o- Late Nidhi Khilar, of Ramachandrapur, Near A.B. College, Matiapaka, P.O/P.S: Basudevpur, Bhadrak.

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 963/2019** in the Court of the Debts of Recovery Tribunal, Cuttack for recovery of **Rs.17,75,815.00** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **08.09.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **20th day of July, 2022.**
Sd/- (M.K. Patnaik)
REGISTRAR

ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା’ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। **–ଶ୍ରୀଅରବିନ୍ଦ**



# ଠନ୍ ଠନ୍ ମଦନ ଗୋପାଳ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ସିଆଇଏସ୍ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ) ତରଫରୁ ପ୍ରକାଶ ଯେ, ୨୦୧୭ରେ ଦିଲ୍ଲୀର ମେଟ୍ରୋରେ ୧୩୯୨ଟି ପକେଟମାର୍ ମାମଲା ସାମ୍ନାକୁ ଆସିଛି। ମେଟ୍ରୋର ନିରାପତ୍ତା ଦାୟିତ୍ୱରେ ଥିବା ଏହି ସଂସ୍ଥା ସିସିଟିଭି କ୍ୟାମେରା ଓ ନିୟୁକ୍ତ କର୍ମଚାରୀମାନଙ୍କ ଦ୍ୱାରା ସଂଗୃହୀତ ଗୁପ୍ତ ସନ୍ଦେଶ ମାଧ୍ୟମରେ ଏହି ପିକ୍ ପକେଟମାର୍ଙ୍କୁ ଚିହ୍ନଟ କରିଛି। ପରିଶେଷରେ ଏହି କ୍ରମବର୍ଦ୍ଧିଷ୍ଣୁ ସମସ୍ୟାର ସଫଳ ଭାବେ ସମ୍ମୁଖୀନ ହେବାକୁ ୨୩୬ ଜଣ ଅତିରିକ୍ତ କର୍ମଚାରୀ ନିୟୁକ୍ତ କରାଯାଇଥିଲା। ୨୦୧୭ର ରେକର୍ଡରୁ ଜଣାଗଲା ଯେ, ଏହି ପିକ୍ ପକେଟମାର୍ଙ୍କ ମଧ୍ୟରେ ଶହେ ଜଣ ପୁରୁଷ ଥିବା ବେଳେ ମହିଳାଙ୍କ ସଂଖ୍ୟା ୧୨୯୨। ଉକ୍ତ ପକେଟମାର୍ମାନେ ଅନେକ ଥର ଗୋଟିଏ ଶିଶୁକୁ ଢାଲ ଭାବେ ସାଥିରେ ରଖିଥାନ୍ତି ଏବଂ ଦଳ ଦଳ ହୋଇ ଏହି ଗୋପନୀୟ କାର୍ଯ୍ୟରେ ଲିପ୍ତ ହୋଇଥାନ୍ତି। ଏହି ଚୋରିରୁ ରକ୍ଷାପାଇବା ପାଇଁ ଦିଲ୍ଲୀର କଶ୍ମିରୀ ଗେଟ୍, ଚାନ୍ଦିନୀ ଚୌକ, ରାଜୀବ ଚୌକ, କୀର୍ତ୍ତିନଗର, ନୂଆଦିଲ୍ଲୀ, ତୁଗଲକବାଦ ଭଳି ମେଟ୍ରୋ ଷ୍ଟେଶନ ଯାତ୍ରୀମାନଙ୍କୁ ଖୁବ୍ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ବିଶେଷତଃ ଏହି ଷ୍ଟେଶନଗୁଡ଼ିକରେ ମହିଳାମାନଙ୍କୁ ନିରୀହ ଓ ଦୟାର ପାତ୍ର ବୋଲି ବିବେଚନା କଲେ ବିପଦକୁ ନିମନ୍ତ୍ରଣ କରିବା ପରି ହେବ।

ଅବଶ୍ୟ ଆମ ଦେଶ ଅପେକ୍ଷାକୃତ ଗରିବ ରାଷ୍ଟ୍ର ହୋଇଥିବାରୁ ଏମିତି ଘଟୁଛି ବୋଲି କହିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ଉନ୍ନତ ପାଶ୍ଚାତ୍ୟ ଦେଶମାନେ ମଧ୍ୟ ଏହି ଦୁର୍ନାମରୁ ମୁକ୍ତ ନୁହନ୍ତି। ବିଶେଷତଃ ବାର୍ସିଲୋନା (ସ୍ପେନ୍), ଇଟାଲୀର ରୋମ୍, ଚେକ୍ ରିପବ୍ଲିକର ପ୍ରାଗ୍, ଫ୍ରାନ୍ସର ପ୍ୟାରିସ, ନେଦରଲାଣ୍ଡର ଆମଷ୍ଟରଡାମ ଏହି ଅପବାଦ ମୁଣ୍ଡାଇଛନ୍ତି। ଏତଦ୍ବ୍ୟତୀତ ଆର୍ଜେଣ୍ଟିନାର ବୁଏନ୍ସ ଏରସ ଓ ଭିଏଟନାମ୍ର ହାନୋଇ ପରି ଜନବହୁଳ ସହରଗୁଡ଼ିକରେ ପକେଟମାର୍ଙ୍କ ପ୍ରାଦୁର୍ଭାବ ଉଦ୍‌ବେଗଜନକ।

ପିକ୍ ପକେଟିଂ ବିଶ୍ୱର ବିଭିନ୍ନ ସହରରେ ଆସ୍ଥାନ ଜମାଇଥିବା ବେଳେ ସମ୍ପ୍ରତି ମୋଟାମୋଟି ଭାବେ କିଛି ପରିମାଣରେ ଯୁକ୍ତରାଷ୍ଟ୍ରରେ ଏହାର ବ୍ୟାପ୍ତି ହ୍ରାସ ପାଇବା ପରିଲକ୍ଷିତ ହୋଇଛି। ଏହି ପରିପ୍ରେକ୍ଷୀରେ ସେଠାକାର ଅତୀତ ପ୍ରତି ଦୃଷ୍ଟି ଦିଆଯାଇପାରେ। ଯୁକ୍ତରାଷ୍ଟ୍ରର ଅଣଚାଳିଶତମ ରାଷ୍ଟ୍ରପତି ଜିମି କାର୍ଟର ରାଷ୍ଟ୍ରପତି ଥିବାବେଳର ଘଟଣା। ବିଶ୍ୱର ଅତ୍ୟନ୍ତ ଶକ୍ତିଶାଳୀ ରାଜନେତା ହିସାବରେ ତାଙ୍କ ସୁରକ୍ଷାବଳୟ ନିବୁଜ ଥିଲା। ତେବେ ଆପୋଲୋ ରବିନ୍ସ ନାମକ ଜଣେ ବ୍ୟକ୍ତି ଜିମି କାର୍ଟରଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ରେଟ ସର୍ଭିସ ଏଜେଣ୍ଟଙ୍କ ପକେଟ୍ମାର କରି ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲେ। ସେ ସୁରକ୍ଷାକର୍ମୀଙ୍କଠାରୁ କୌଶଳକ୍ରମେ ରାଷ୍ଟ୍ରପତିଙ୍କ ମୋଟରଗାଡ଼ି ଶୋଭାଯାତ୍ରାର ଭ୍ରମଣପଥରୁ ଚାବି ହରଣଚାଲ କରିଥିଲେ। ଅବଶ୍ୟ ସେ ଏହି ଅସାଧାରଣ ସଫଳତା ପାଇବା ପରେ ଚାବି ଫେରାଇଦେଲେ। କିନ୍ତୁ ସେ ବିଶ୍ୱସାରା ନିଜ ଅସାଧାରଣ କୌଶଳ ପାଇଁ ଉଚ୍ଚପ୍ରଶଂସିତ ହେଲେ।



ଏହି ଚମତ୍କାର ଘଟଣା ପରେ ସେ ଏକ ସାକ୍ଷାତ୍କାରରେ କହିଥିଲେ ଯେ, ସମସ୍ତଙ୍କ ଅଗୋଚରରେ ସେ ଉକ୍ତ ପିକ୍ ପକେଟ୍ କରିପାରିଥିବାରୁ ପୋଲିସ ତାଙ୍କ ସହ ଯୋଗାଯୋଗ କଲା। ତେବେ ତାଙ୍କୁ ଦଣ୍ଡବିଧାନ ପାଇଁ ନୁହେଁ, ତାଙ୍କଠାରୁ ଏହି ବିଦ୍ୟା ସମ୍ପର୍କରେ ପରାମର୍ଶ କରି ଜ୍ଞାନାର୍ଜନ କରିବା ପାଇଁ। ଅନେକ ସମାଲୋଚକ ତାଙ୍କ ପାରଦର୍ଶିତାରେ ମୁଗ୍ଧ ହୋଇ ମନ୍ତବ୍ୟ ଦେଲେ ଯେ, ରବିନ୍ସ ଲୋକଙ୍କଠାରୁ ଜ୍ୟାକେଟ, ପ୍ୟାଣ୍ଟ, ପର୍ସ, ହାତଘଡ଼ି ଇତ୍ୟାଦି ଲୁଚାଇ ନେବାରେ ସକ୍ଷମ। ତେବେ ଚୋରା ମାଲ୍ ଫେରାଇ ସେ ସମସ୍ତଙ୍କ ମନୋରଞ୍ଜନ କରିଥାନ୍ତି। ତେଣୁ ସେ ଭଦ୍ର ଚୋର ଭାବେ ସୁପରିଚିତ। ସେ ପକେଟ୍ମାରକୁ ଏକ ଉନ୍ନତ କଳା ବୋଲି ବିବେଚନା କରନ୍ତି ଏବଂ ସତ୍ ଉଦ୍ଦେଶ୍ୟରେ ଏହାର ବ୍ୟବହାର କରି ମନୋରଞ୍ଜନ କରିଥାନ୍ତି। ଚୋରମାନେ ଧନ ଲୋଭରୁ ଜିନିଷ ହରଣଚାଲ କରି ଫେରାଇ ନ ଥାନ୍ତି। ଏହି ଦୃଷ୍ଟିରୁ ସେ ସେମାନଙ୍କଠାରୁ ଭିନ୍ନ। ଆପୋଲୋ ରବିନ୍ସ ବାସ୍ତବରେ କୌଶଳରେ ପଦାର୍ଥକୁ ଉଠାଇ ନିଅନ୍ତି ଯେମିତି ଚୋର ଚୋରି କରିଥାଏ। ଅବଶ୍ୟ ସେ ଚୋରି ମାଲ୍‌କୁ ଘରକୁ ନ ନେଇ ତା’ ମାଲିକଙ୍କୁ ସହାସ୍ୟ ବଦନରେ ଫେରସ୍ତ କରିଥାନ୍ତି। ତାଙ୍କର ଏହି ଆଚରଣ ଉପଭୋଗ୍ୟ ହୋଇଥାଏ।

ପିକ୍ ପକେଟର ସ୍ଥିତି ସମ୍ପର୍କରେ ବିବରଣୀ ଦେବା ପାଇଁ ଜୋ କୋଇଓ ହାବେ ‘ଦ ଲଷ୍ଟ ଆର୍ଟ ଅଫ୍ ପିକ୍‌ପକେଟିଂ’ ଶୀର୍ଷକ ଏକକ ଲେଖା ୨୩ ଫେବୃୟାରୀ ୨୦୧୧ରେ ପ୍ରକାଶ କରିଛନ୍ତି। ସେ ଲକ୍ଷ୍ୟ କରିଛନ୍ତି ଯେ, ଗତ ଶତାବ୍ଦୀ ଅପେକ୍ଷା ଚଳିତ ସମୟରେ ପକେଟମାର୍ଙ୍କ ଉତ୍ପାତ ହ୍ରାସ ପାଇଛି। ସେମିତି ‘ଟ୍ରିଅମ୍ଫ ଅଫ୍ ଦ ସିଟି’ ପୁସ୍ତକରେ ହାର୍ଭାର୍ଡ ଅର୍ଥନୀତି ପ୍ରଫେସର ଏଡୱାଡ୍ ଗ୍ଲାସେର ମତ ଦେଇଛନ୍ତି ଯେ, ଏବେ ଯୁକ୍ତରାଷ୍ଟ୍ରରେ ପିକ୍ ପକେଟ ପ୍ରାୟ ମୃତ। ଅପରାଧ ବିଶେଷଜ୍ଞ ମାର୍କସ ଫେଲସନ୍ ମଧ୍ୟ ଏଥିସହ ସହମତ। ବର୍ତ୍ତମାନ ଯୁବବର୍ଗ ଏହି ନିନ୍ଦନୀୟ କାର୍ଯ୍ୟରୁ ଅପସରିଗଲେଣି। ସାଧାରଣତଃ ପଦଯାତ୍ରୀଙ୍କ ପାଇଁ ଭୂଗର୍ଭସ୍ଥ ରାସ୍ତା ତଳର ମାର୍ଗ ବା ଭୂଗର୍ଭସ୍ଥ ରେଳ ବ୍ୟବସ୍ଥା ପାଇଁ ନିର୍ମିତ ସୁଡ଼ଙ୍ଗ (ସବ୍‌ୱେ) ପକେଟ୍ମାରଙ୍କ ଆଡ୍ଡାସ୍ଥଳ। କିନ୍ତୁ ଏବେ ସେମାନଙ୍କ ଉପସ୍ଥିତି ନଗଣ୍ୟ ବୋଲି ଜଣାଯାଏ। ୧୯୮୦ ଓ ୯୦ ଦଶକରେ ଟାଇମ୍ସ ସ୍କୋୟାରରେ ଏହା ନିୟନ୍ତ୍ରଣ ବାହାରେ ଥିଲା। କିନ୍ତୁ ୨୦୦୧ ବେଳକୁ ୧୯୯୦ରେ ଏହା ଅଧା ହୋଇଗଲା।

ପ୍ରଶ୍ନ ଉଠୁଛି, ଏମିତି ଘଟଣାପଛରେ କାରଣ କ’ଣ ? ଏହା ପଛରେ ରହିଛି ଡିଜିଟାଲ ପେମେଣ୍ଟ କ୍ରେଡିଟ୍ ଓ ଡେବିଟ କାର୍ଡ ଦ୍ୱାରା ମାଲିକ ଓ ଗ୍ରାହକ ମଧ୍ୟରେ ବିଭିନ୍ନ ଦେଶରେ ଦେୟ ପୈଠ, ଯାହାକି ୟୁନିଫାଏଡ ପେମେଣ୍ଟସ ଇଣ୍ଟରଫେସ (ୟୁପିଆଇ) ଭାବେ ପରିଚିତ। ଏହି ଡାଟା ମଧ୍ୟ ଭାରତ ପାଇଁ ପ୍ରଯୁଜ୍ୟ। ଏହାର ବହୁଳ ବ୍ୟବହାର ଯୁକ୍ତରାଷ୍ଟ୍ରରେ ହେଉଛି। ତେବେ ଭାରତରେ ୟୁପିଆଇର ପ୍ରଚଳନ ସତ୍ତ୍ୱେ ବହୁ ଲୋକ ଡିଜିଟାଲ ପରିବର୍ତ୍ତେ ପୁରୁଣାକାଳିଆ ଟଙ୍କା ଦେଣନେଣକୁ ପସନ୍ଦ କରିଛନ୍ତି। ତେଣୁ ଆମ ଜିଡିପି ଅନୁପାତରେ ସିଆଇସି (କରେନ୍ସି ଇନ୍ ସର୍କୁଲେଶନ) ୨୦୧୬-୧୭ରେ ଶତକଡା ୮.୭ ଥିବାବେଳେ ଏହା ବୃଦ୍ଧି ପାଇ ୨୦୨୧-୨୨ରେ ୧୩.୭ରେ ପହଞ୍ଚିଛି। କେବଳ ଭାରତ ନୁହେଁ, ଜାପାନ, ସିଙ୍ଗାପୁର ଓ ଦକ୍ଷିଣ କୋରିଆରେ ମଧ୍ୟ ଏହି ଧାରା ପରିଲକ୍ଷିତ ହୋଇଛି। ବିଦେଶରେ ୨୦୦୮ର ଆର୍ଥିକ ମାନ୍ଦାବସ୍ଥା ଓ ବିଶ୍ୱବ୍ୟାପୀ କୋଭିଡର ପ୍ରଭାବ ଦେଖାଦେଇଥିବା ବେଳେ ଭାରତରେ ବିମୁଦ୍ରୀକରଣ ଓ କୋଭିଡ ଏଥିପାଇଁ ଦାୟୀ। ଲୋକେ ଡିଜିଟାଲ ସିଷ୍ଟମକୁ ନାପସନ୍ଦ କରି ପାଖରେ ନଗଦ ଅର୍ଥ ଜମା କଲେ। ବଜାରକୁ ସଉଦା ପାଇଁ ଗଲେ ନଗଦ ଟଙ୍କା ସାଥିରେ ନେଲେ। ଏହା ପକେଟ୍ମାରଙ୍କ ପାଇଁ ସୁଯୋଗ ଆଣିଦେଲା। କ୍ରେଡିଟ୍ ଓ ଡେବିଟ୍ କାର୍ଡର ବ୍ୟବହାର ଧିମେଇଗଲା। ମୁଣାରେ ଟଙ୍କା ଓ ମନିପର୍ସର ପୁନରାଗମନ ପିକ୍ ପକେଟମାରଙ୍କୁ ସୁଯୋଗ ଦେଲା।

ଅବଶ୍ୟ ବିଦେଶରେ କୋଭିଡ କମିଯିବା ପରେ ଡିଜିଟାଲ ପୁଣି ଚାଲିବ। କିନ୍ତୁ ଭାରତରେ ନଗଦ କାରବାର ଅକ୍ଷୁର୍ଣ୍ଣ ରହିବ। ଏହାର କାରଣ ହେଉଛି ଭୌତିକ ମୁଦ୍ରା (ଫିଜିକାଲ) ପ୍ରତି ଆକର୍ଷଣ ଆମର ସହଜାତ ପ୍ରବୃତ୍ତି। ଡିଜିଟାଲରେ ଆମେ ଟଙ୍କା ହାତରେ ଧରୁନାହୁଁ, ତା ଗନ୍ଧ ବାରି ପାରିନାହୁଁ। ଡିଜିଟାଲ ସିଷ୍ଟମରେ ଅର୍ଥ ବାୟୁରେ ଥାଏ। ଏହା ଅଦୃଶ୍ୟ। ତେଣୁ ବିଶ୍ୱାସଯୋଗ୍ୟ ନୁହେଁ। ଅତୀତରେ ଆମେ ନଗଦ ଟଙ୍କା ପଇସାକୁ ଠନ୍ ଠନ୍ ମଦନ ଗୋପାଳ ବୋଲି କହୁଥିଲେ। ଆଧୁନିକ ଯୁଗରେ ମଧ୍ୟ ସେହି ଧାରଣା ଆମଠାରେ ବଦ୍ଧମୂଳ। ତେଣୁ ପର୍ସ ଆମ ପକେଟ୍‌ରେ ରହିବ। ଫଳରେ ପକେଟମାର୍ ଆମ ପଛରେ ପଡ଼ିବେ ହିଁ ପଡ଼ିବେ।

ମୋ–୯୦୭୮୭୪୩୮୪୩

# ସୁଖୀ ଜୀବନର ରହସ୍ୟ



ଦେବାଶିଷ ରଥ

ବ୍ୟାସଦେବ ବିରଚିତ ମହାଭାରତର ଆଦିପର୍ବରୁ ସଂଗୃହୀତ ହୋଇଛି ପଞ୍ଚପାଣ୍ଡବଙ୍କ ଅଜ୍ଞାତ ବନବାସର କାହାଣୀ। ଥରେ ଅଜ୍ଞାତ ବନବାସରେ ଥିବା ପାଞ୍ଚ ଭାଇ ବଣରେ ବୁଲି ବୁଲି ଥକିପଡ଼ିଲେ ଏବଂ ଗୋଟିଏ ଗଛତଳେ ବିଶ୍ରାମ ନେଲେ। ଶୋଷରେ ସେମାନଙ୍କ ତଣ୍ଟି ଶୁଖି ଯାଉଥାଏ। ତେଣୁ ଯୁଧିଷ୍ଠିରଙ୍କ ଆଦେଶକ୍ରମେ ଦ୍ୱିତୀୟ ପାଣ୍ଡବ ଭୀମସେନ ଜଳ ଅନୁସନ୍ଧାନରେ ବାହାରିପଡ଼ିଲେ। ବିଶ୍ରାମ ସ୍ଥଳରୁ କିଛି ଦୂର ଯାଆନ୍ତେ ସେ ବାଟରେ ଏକ ପୋଖରୀ ଦେଖିଲେ। ତଳ ପାହାଚରେ ପାଦ ଦେଇ ଆଣିଥିବା ପାତ୍ରରେ ପାଣି ଭର୍ତ୍ତି କରିବାକୁ ଉଦ୍ୟତ ହେବା ବେଳେ ପୋଖରୀ ନିକଟସ୍ଥ କୌଣସି ଏକ ବୃକ୍ଷରେ ବସିଥିବା ବକରୂପୀ ଯକ୍ଷ ଭୀମସେନଙ୍କୁ ପାଣି ନେବାକୁ ବାରଣ କଲା ଏବଂ କହିଲା, ‘‘ମୋ ପାଞ୍ଚଟି ପ୍ରଶ୍ନର ସଠିକ୍ ଉତ୍ତର ନ ଦେବାଯାଏଁ ଏ ପୋଖରୀରୁ ପାଣି ନେଇପାରିବ ନାହିଁ। ମୋ ପ୍ରଶ୍ନଗୁଡ଼ିକର ଉତ୍ତର ନ ଦେଇ ପାଣିକୁ ଛୁଇଁବାମାତ୍ରେ ନିଜ ଜୀବନ ହରାଇବ। ବକରୂପୀ ଯକ୍ଷଙ୍କର ଏଭଳି ସର୍ତ୍ତରେ ଗୁରୁତ୍ୱ ନ ଦେଇ ଭୀମସେନ ପାଣିକୁ ଛୁଇଁବାମାତ୍ରେ ସେ ସେହିଠାରେ ଟଳିପଡ଼ିଲେ। ଭୀମଙ୍କର ପାଣି ଆଣିବାରେ ବିଳମ୍ବ ହେବାରୁ ଯୁଧିଷ୍ଠିର ଅର୍ଜୁନ ଏବଂ ତା’ ପରେ ପରେ ନକୁଳ ଓ ସହଦେବଙ୍କୁ ପାଣି ଆଣିବାକୁ ପଠାଇଲେ। କିନ୍ତୁ କେହି ହେଲେ ପାଣି ନେଇ ଫେରି ପାରିଲେ ନାହିଁ। ଭୀମଙ୍କ ଭଳି ଅନ୍ୟ ତିନି ଭାଇ ମଧ୍ୟ ସେହି ଦଶା ଭୋଗିଲେ। କିଛି ଉପାୟ ନ ପାଇ ଯୁଧିଷ୍ଠିର ପାଣି ଆଣିବାକୁ ଯାଇ ବକରୂପୀ ଯକ୍ଷଙ୍କ ପାଞ୍ଚଟିଯାକ ପ୍ରଶ୍ନର ସଠିକ୍ ଉତ୍ତର ଦେଇପାରିଥିଲେ ଏବଂ ଭାଇମାନଙ୍କ ଜୀବନ ବଞ୍ଚାଇ ପାରିଥିଲେ। କଥା ପ୍ରସଙ୍ଗରେ ଏସବୁ କହିବାର ଅର୍ଥ ହେଉଛି ଯକ୍ଷଙ୍କର ପ୍ରଥମ ପ୍ରଶ୍ନଟି ସଂସାରରେ ସୁଖୀ ବ୍ୟକ୍ତିଙ୍କ ସମ୍ପର୍କରେ ହିଁ ଉଦ୍ଦିଷ୍ଟ ଥିଲା। ପ୍ରଶ୍ନଟିର ଯଥାର୍ଥ ଉତ୍ତର ଧର୍ମରାଜ ଯକ୍ଷଙ୍କୁ ଶାସ୍ତ୍ରାଭିମତ ଶୈଳୀରେ ଯୁଧିଷ୍ଠିର ଉପସ୍ଥାପନା କରିଥିଲେ। ସେ କହିଥିଲେ, ଧନର ଅଭାବ ଥାଇ ମଧ୍ୟ ଅନୃଣୀ ଅର୍ଥାତ୍ କାହାଠାରୁ କେବେବି ଋଣ କରି ନ ଥିବା ଏବଂ ଶାଗ ପଖାଳ ଖାଇ ସୁସ୍ଥ ଏବଂ ନୀରୋଗ ଜୀବନ ବିତାଉଥିବା ବ୍ୟକ୍ତି ହିଁ ପ୍ରକୃତରେ ସୁଖୀ। କେବଳ ଗୋଟିଏ ପ୍ରଶ୍ନର ଉତ୍ତର ନୁହେଁ, ବରଂ ବକରୂପୀ ଯକ୍ଷଙ୍କର ଆଉ ଚାରିଟିଯାକ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ଧର୍ମରାଜ ଚାରି ଭାଇଙ୍କ ଜୀବନ ରକ୍ଷା କରିପାରିଥିଲେ।

ଏ ସଂସାରରେ ଜୀବନ ସୃଷ୍ଟିକର୍ତ୍ତାଙ୍କର ଏକ ଅମୂଲ୍ୟ ଦାନ, ଯାହାର ପରିସମାପ୍ତିର କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନ ଥାଏ। ଜୀବନର ଭିତ୍ତିଭୂମି ହେଉଛି ପ୍ରାଣ। ଶରୀର ଭିତରେ ପ୍ରାଣର ସଂଚାଳନ ଜୀବନର ସ୍ଥିତି ନିର୍ଦ୍ଧାରଣ କରିଥାଏ। ସୁସ୍ଥ ମନ ଓ ସୁସ୍ଥ ପ୍ରାଣ ସୁସ୍ଥ ଶରୀରର ପରିଚାୟକ। ଯେଉଁଠି ଶରୀର ସୁସ୍ଥ, ସେଇଠି ମନକୁ ସୁଖ ପ୍ରାପ୍ତି ହୁଏ। ଯେ କୌଣସି କାର୍ଯ୍ୟ ପ୍ରତି ମନରେ ଆଗ୍ରହ ଓ ଉତ୍ସାହ ସୃଷ୍ଟି ହୋଇଥାଏ। ବେଳେବେଳେ ବିଭିନ୍ନ ପରିସ୍ଥିତିରେ ପ୍ରତିକୂଳ ପ୍ରଭାବ ମନକୁ ଅସ୍ଥିର ଓ ଅଶାନ୍ତ କରିଦିଏ ଏବଂ ବ୍ୟକ୍ତିର ମାନସିକ ସ୍ଥିତିକୁ ଦୁର୍ବଳ କରିପକାଏ। ଏହାହିଁ ମାନସିକ ଅସୁସ୍ଥତା ସୃଷ୍ଟି କରିଥାଏ। ଫଳ ସ୍ୱରୂପ ସୁସ୍ଥ ଓ ନୀରୋଗ ଶରୀରକୁ ଏହା ଅସୁସ୍ଥ ତଥା ରୋଗଗ୍ରସ୍ତ କରିଦିଏ, ଯାହାର କି ଉପଚାର କେବଳ ମନ ଦ୍ୱାରା ହିଁ ସମ୍ଭବ ହୋଇପାରେ। ତେଣୁ କୁହାଯାଇପାରେ, ମନ ହିଁ ଶରୀରରେ ସୁସ୍ଥ ଓ ରୋଗମୁକ୍ତ ଅବସ୍ଥା ସୃଷ୍ଟି କରି ଜୀବନରେ ସୁଖ ଭରିଦିଏ। ଏତିକି କହିଲେ ଯଥେଷ୍ଟ ହେବ– ଜୀବନରେ ସୁଖୀ ସେଇମାନେ, ଯେଉଁମାନେ ସେମାନଙ୍କ ଜୀବନ କାଳ ମଧ୍ୟରେ ରୋଗ କ’ଣ ବୋଲି ଜାଣନ୍ତି ନାହିଁ କିମ୍ବା ଏହାର ପ୍ରଭାବ କେବେବି ଅନୁଭବ କରିନାହାନ୍ତି ଏବଂ ଜୀବନକାଳ ମଧ୍ୟରେ ବିଭିନ୍ନ ଅଭାବନୀୟ ପରିସ୍ଥିତିରେ ପଡ଼ି କେବେବି କାହାଠାରୁ ଟଙ୍କା କରଜ କିମ୍ବା ଋଣ କରି ନ ଥିବେ। ଋଣ ରୂପକ ଯନ୍ତାରେ ପଡ଼ି ମୁକୁଳିବାର ବାଟ ପାଉ ନ ଥିବା ବ୍ୟକ୍ତି ଅନେକ ସମୟରେ ବିଭିନ୍ନ ବିକଳ୍ପ ପନ୍ଥାର ସାହାରା ନେଇଥାଏ। ଯଦି ଏହାଦ୍ୱାରା ସେ ସଫଳ ହୋଇପାରେ ତ ଭଲ, ନଚେତ୍ ଅଯଥା ଚିନ୍ତା ଓ ଭାବନା ତାକୁ ଭାରାକ୍ରାନ୍ତ କରିପକାଏ।

ବେଳେବେଳେ ଆୟଠାରୁ ବ୍ୟୟ ଏତେ ପରିମାଣରେ ବଢ଼ି ବଢ଼ି ଚାଲେ ଯେ, ବ୍ୟୟର ଭରଣା ପାଇଁ ବ୍ୟକ୍ତିକୁ ଋଣସୂତ୍ରରେ ଧାର କିମ୍ବା କରଜ କରିବାକୁ ପଡ଼ିଥାଏ। ଋଣ ପରିମାଣକୁ ପରିଶୋଧ ନ କରିପାରିଲେ ଋଣଗ୍ରହୀତାଙ୍କୁ ଅପମାନିତ ଓ ଲଜ୍ଜିତ ହେବାକୁ ପଡ଼ିପାରେ। ତେଣୁ ଅଯଥା ଋଣୀ ହୋଇ ଜଟିଳ ଓ ଚାପଗ୍ରସ୍ତ ଜୀବନ ଅତିବାହିତ କରିବା ଅପେକ୍ଷା ଆଦୌ ଋଣ ନ କରି ସରଳ ଓ ଚାପମୁକ୍ତ ଜୀବନ ସୂତ୍ରରେ ଯୋଡ଼ି ହୋଇ ରହିବା ପ୍ରକୃତପକ୍ଷେ ଶ୍ରେୟସ୍କର। ଏତିକି କହିବା ଯଥେଷ୍ଟ ହେବ ଯେ, ଶରୀର ଓ ମନର ଚିର ସୁସ୍ଥତା ଏବଂ ଋଣମୁକ୍ତ ଚଳଣିର କ୍ରମିକଧାରା ଏକ ସଙ୍ଗେ ସମନ୍ୱିତ ହୋଇପାରିଲେ ଆମେ ଜୀବନରେ ସୁଖ ଉପଲବ୍ଧି କରିପାରିବା, ଯାହାକି ସୂକ୍ଷ୍ମ ସଂଯମତାର ଏକ ଅନୁକୂଳ ନିଦର୍ଶନ ହୋଇପାରିବ।

ମୋ: ୯୯୩୮୭୪୭୮୨୧

## ଏଇ ଭାରତରେ

ଆସାମର ହାତତିଆରି ବାଉଁଶ ସାମଗ୍ରୀର ଆଦର ସାରା ଦେଶରେ କାହିଁରେ କ’ଣ। ସେଠାକାର ଲୋକେ ଏହାକୁ ଜୀବିକାର ମାଧ୍ୟମ କରିଆସିଛନ୍ତି। କିନ୍ତୁ ସମୟକ୍ରମେ ଯୁବପିଢ଼ି ସ୍ଥାନୀୟ କଳାକୁ ଛାଡ଼ି ଚାକିରି ଅନ୍ୱେଷଣରେ ବାହାରକୁ ଚାଲିଯାଉଥିବାବେଳେ ସୌରଭ ନାଥ ଏହାକୁ ଦେଶ ବିଦେଶରେ ବେଶ୍ ଆଦୃତ କରିପାରିଛନ୍ତି। ସୌରଭଙ୍କ ବୟସ ୧୯। ସେ ରହନ୍ତି ଶିବସାଗର ଜିଲା ବୋକଜନ ଗାଁରେ। ସୌରଭ ପଢ଼ିବା ସହ ଏବେ ପାରମ୍ପରିକ ବାଉଁଶକଳାକୁ ଆପଣାଇ ଆଧୁନିକ ରୂପ ଦେଇ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କ ହାତ ତିଆରି ବାଉଁଶ କଲମ, କପ୍, ଚାମଚ, ଫୋନ୍‌ଷ୍ଟାଣ୍ଡ, ସୋଫା, ଲ୍ୟାମ୍ପ, ସାଇକେଲ ଆଦିର ଚାହିଦା ଖୁବ୍ ବେଶି। ଏବେ ତାଙ୍କୁ ଏହିସବୁ ଜିନିଷ ପାଇଁ ଅଧିକ ଅର୍ଡର ମିଳିବାରେ ଲାଗିଛି। ତାଙ୍କର ଏକ ‘ସୌରଭ ବାମ୍ବୋ ଆର୍ଟ’ ୟୁଟ୍ୟୁବ୍ ଚ୍ୟାନେଲ ଅଛି, ଯେଉଁଥିରେ ସେ ଅନ୍ୟମାନଙ୍କୁ ବାଉଁଶ ତିଆରି ଜିନିଷ ନିର୍ମାଣ କରିବା କୌଶଳ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ମାଟ୍ରିକ ପାସ୍ କରିବା ପରେ ସୌରଭ ପ୍ରଶିକ୍ଷଣ ନେଇ ପ୍ରଥମେ ବାଉଁଶ ସୋଫା ନିର୍ମାଣ କରୁଥିଲେ। ପରେ ସେ ନିଜ ଚେଷ୍ଟାରେ ଅନ୍ୟ ସବୁ ଜିନିଷ ତିଆରି କରିବା ଆରମ୍ଭ କରିଥିଲେ। ସୌରଭ ତାଙ୍କ ଗାଁର କେତେଜଣ ଯୁବକଙ୍କୁ ଏହି କଳା ଶିକ୍ଷା ଦେଇ ସେମାନଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜୁଲାଇ ୧୯୯୭

- ଆମେରିକାର ନ୍ୟୁ ଜର୍ସି ଷ୍ଟେଟ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବେଆଇନ ବସବାସ କରୁଥିବା ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ କରିବାକୁ ଆମେରିକାର ଇମିଗ୍ରେସନ ବିଭାଗ ନିଷ୍ପତ୍ତି ନେଇଛନ୍ତି।
- ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ ଲାଲୁପ୍ରସାଦ ଯାଦବଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ପରେ ମୁଖ୍ୟମନ୍ତ୍ରୀ ପଦରୁ ଲାଲୁଙ୍କ ଇସ୍ତଫା।
- ନାଗାଲାଣ୍ଡରେ ଶାନ୍ତି ପ୍ରତିଷ୍ଠା ପାଇଁ ନାଗା ଉଗ୍ରପନ୍ଥୀ ଗୋଷ୍ଠୀ ସହ କେନ୍ଦ୍ର ସରକାରଙ୍କ ଯୁଦ୍ଧବିରତି ରାଜିନାମା।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | | | | |
| 9 | | 4 | 1 | | 3 | 8 | | |
| | 2 | | | 9 | | | 5 | |
| | | | | | | | | 5 |
| | 8 | | 3 | | | | | |
| 1 | 5 | 2 | 7 | 8 | | | 9 | 3 |
| 7 | | | 5 | | 1 | | | |
| | | | | 2 | | | | |
| | | | | 7 | 9 | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 1 | 6 | 9 | 8 | 4 | 2 | 5 |
| 9 | 5 | 2 | 4 | 3 | 1 | 6 | 7 | 8 |
| 8 | 6 | 4 | 2 | 7 | 5 | 3 | 9 | 1 |
| 3 | 9 | 5 | 8 | 1 | 4 | 2 | 6 | 7 |
| 6 | 1 | 7 | 9 | 5 | 2 | 8 | 3 | 4 |
| 4 | 2 | 8 | 3 | 6 | 7 | 1 | 5 | 9 |
| 5 | 7 | 3 | 1 | 4 | 6 | 9 | 8 | 2 |
| 1 | 8 | 9 | 7 | 2 | 3 | 5 | 4 | 6 |
| 2 | 4 | 6 | 5 | 8 | 9 | 7 | 1 | 3 |

ଗତକାଲିର ଉତ୍ତର

# ସମ୍ବଲପୁରୀ ଶାଢ଼ି



ଡ. ମୌସୁମୀ ପରିଡ଼ା

ଓଡ଼ିଶାରେ ବୟନ ଶିଳ୍ପର ଇତିହାସ ବହୁ ପୁରୁଣା। ସମ୍ବଲପୁରୀ ବାନ୍ଧକଳା ଖାଲି ଆମ ରାଜ୍ୟରେ ନୁହେଁ, ସାରା ଦେଶରେ ପରିଚିତ ଓ ଲୋକପ୍ରିୟ। ଆଜିକାଲି ବିଭିନ୍ନ ରଙ୍ଗ, ଶୈଳୀ, ବଜାର ଚାହିଦା ସହ ଆଧୁନିକତାକୁ ବଜାୟ ରଖି ପ୍ରସ୍ତୁତ କରାଯାଉଥିବାରୁ ସମ୍ବଲପୁରୀ ବସ୍ତ୍ରର ଆବଶ୍ୟକତା ଆଗ ଅପେକ୍ଷା ବୃଦ୍ଧି ପାଇଛି। ଦିନ ଥିଲା, ପ୍ରତି ଘରେ ସମ୍ବଲପୁରୀ ବସ୍ତ୍ର ବ୍ୟବହାର ହେଉଥିଲା। ଧନୀ ଗରିବ ମଧ୍ୟବିତ୍ତ ପ୍ରାୟ ସବୁ ଶ୍ରେଣୀର ଲୋକ ସମ୍ବଲପୁରୀ ଶାଢ଼ି ପିନ୍ଧିପାରିବାର କ୍ଷମତା ରଖୁଥିଲେ। ସେ ଅନୁଯାୟୀ ସେତେବେଳେ ବଜାରରେ ବିଭିନ୍ନ ମୂଲ୍ୟର ସମ୍ବଲପୁରୀ ଶାଢ଼ି ଉପଲବ୍ଧ ହେଉଥିଲା। ବିବାହ ବ୍ରତରେ ଦାମିକା ଶାଢ଼ି ହିସାବରେ ପ୍ରାୟତଃ ସମ୍ବଲପୁରୀ ପାଟ ବ୍ୟବହାର କରାଯାଉଥିଲା। ଗୋଟେ ସମୟରେ ନଣନ୍ଦ ପୁଟୁଳିରେ ପ୍ରଥମେ ସମ୍ବଲପୁରୀ ପାଟ ଖୋଜା ପଡୁଥିଲା। ଝିଅର ବିବାହଠାରୁ ଅଷ୍ଟମଙ୍ଗଳା ପର୍ଯ୍ୟନ୍ତ ପାଟଶାଢ଼ି ହିଁ ଦିଆଯାଉଥିଲା। ତା’ ଭିତରେ ଲୁଚି ରହିଥିଲା ମାଟିର ମହକ, ବୁଣାକାରମାନଙ୍କ ସ୍ନେହଭରା ଆଶିଷ। ଆଜିକାଲି ସମୟ ସହିତ ଲୋକଙ୍କ ରୁଚି ଓ ଦୃଷ୍ଟିକୋଣ ବଦଳିଛି। ଏହାର ଚାହିଦା ବୃଦ୍ଧି ସହିତ ମୂଲ୍ୟ ମଧ୍ୟ ଅସ୍ୱାଭାବିକ ଭାବେ ବୃଦ୍ଧିପାଇଛି।

ତନ୍ତବୁଣା ଶାଢ଼ି ଓ ବୟନଶିଳ୍ପ କାହିଁ କେଉଁ କାଳରୁ ଓଡ଼ିଶାର ପାରମ୍ପରିକତା ବଜାୟ ରଖିଆସିଛି। କଳା–ଐତିହାସିକଙ୍କ ମତରେ ଏହି ପାରମ୍ପରିକ ତନ୍ତବୁଣା ଶାଢ଼ି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ସମ୍ବନ୍ଧିତ ଓ ମନ୍ଦିରର କାରୁକାର୍ଯ୍ୟ ଦ୍ୱାରା ଅନୁପ୍ରାଣିତ। ଆରମ୍ଭରୁ ଧଳା, ହଳଦୀ, ଲାଲ୍ ଓ କଳା ଏହି ଚାରିରଙ୍ଗରେ ବସ୍ତ୍ର ପ୍ରସ୍ତୁତ ହେଉଥିବାବେଳେ ପରେ ସବୁଜ ରଙ୍ଗର ପ୍ରୟୋଗ କରାଯାଇଥିଲା। ବେଦ ଅନୁସାରେ ବ୍ୟବହୃତ ରଙ୍ଗ ଅତୀତ, ବର୍ତ୍ତମାନ, ଭବିଷ୍ୟ ତଥା ମହାକାଳର। ମନ୍ଦିର, ଗଛଲତା, ପତ୍ର, ହାତୀ, ହରିଣ, ଫୁଲପତ୍ର, ଚଢ଼େଇ ଓ ଜ୍ୟାମିତିକ ଆକାରକୁ ନେଇ ଶାଢ଼ିରେ ଡିଜାଇନ୍ ପ୍ରସ୍ତୁତ କରାଯାଉଥିଲା। (ଓଡ଼ିଶାରେ ବୟନ ଇତିହାସ, ୨୬ ନଭେମ୍ବର, ୨୦୨୦)।

ଦ୍ୱାଦଶ ଶତାବ୍ଦୀର କବି ଜୟଦେବ ସମ୍ପୂର୍ଣ୍ଣ ଗୀତଗୋବିନ୍ଦର ପଦାବଳୀ ନିଜ ଜନ୍ମସ୍ଥାନ କେନ୍ଦୁଲିରୁ ପାଟବସ୍ତ୍ରରେ ଲେଖେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରିଥିଲେ। ପରେ ପୁରୀ ରାଜା ନୂଆପାଟଣା ଅନ୍ତର୍ଗତ ଟିଗିରିଆର ବୁଣାକାରମାନଙ୍କୁ ଏଭଳି ବସ୍ତ୍ର ତିଆରି କରିବାକୁ ଆଦେଶ ଦେଇଥିଲେ। ସମୟାନୁସାରେ ଏହାର ନବୀକରଣ ହେଲା। ଖଣ୍ଡୁଆ ପାଟ ଓ ଅନ୍ୟ ବୁଣାବସ୍ତ୍ର ମଧ୍ୟ ମହାପ୍ରଭୁଙ୍କୁ ଲାଗି ହୋଇଆସୁଛି। କାଳକ୍ରମେ ଏହାର ଡିଜାଇନ୍ ଶ୍ରୀମନ୍ଦିର ଛଡ଼ା କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଲିଙ୍ଗରାଜ ମନ୍ଦିରର କାରୁକାର୍ଯ୍ୟ ଦ୍ୱାରା ପ୍ରଭାବିତ ହୋଇଛି।

ପଶ୍ଚିମ ଓଡ଼ିଶାର ବରଗଡ଼, ସୋନପୁର, ବରପାଲି, ରେମୁଣ୍ଡା, ବୌଦ୍ଧ, ସିଂହପାଲି, ତରଭା, କେନ୍ଦୁପାଲି, ବୀରମହାରାଜପୁର ଆଦି ସ୍ଥାନରେ ସମ୍ବଲପୁରୀ ବସ୍ତ୍ର ପ୍ରସ୍ତୁତ ହେଉଥିବାବେଳେ ଆମ ରାଜ୍ୟର ଅନ୍ୟ ସ୍ଥାନ ଯଥା କଟକର ନୂଆପାଟଣା, ବଡ଼ମ୍ବା, ମାଣିଆବନ୍ଧ, ନରସିଂହପୁର, ଟିଗିରିଆ, ବାଲେଶ୍ୱର ଓ ଯାଜପୁରର କିଛି ସ୍ଥାନରେ ଏଭଳି ଶାଢ଼ି ପ୍ରସ୍ତୁତ ହୋଇଆସୁଛି। ଆଜିକାଲି ସମ୍ଭ୍ରାନ୍ତ ବର୍ଗର ସ୍ତ୍ରୀ ପୁରୁଷ ଉଭୟ ସମ୍ବଲପୁରୀ ପିନ୍ଧିବାକୁ ପସନ୍ଦ କରୁଛନ୍ତି।

୧୯୮୦ରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ସମ୍ବଲପୁରୀ ଶାଢ଼ି ପିନ୍ଧୁଥିଲେ, ଯାହା ତାଙ୍କ ବ୍ୟକ୍ତିତ୍ୱକୁ



ବହୁଗୁଣିତ କରୁଥିଲା। ୨୦୦୭ରେ ବଲିଉଡ୍ ଫିଲ୍ମର କିମ୍ବଦନ୍ତୀ ପୁରୁଷ ଅମିତାଭ ବଚ୍ଚନ ନିଜ ପୁଅର ବିବାହ ପ୍ରସ୍ତାବ ନେଇ ଐଶ୍ୱର୍ଯ୍ୟା ରାୟଙ୍କ ଘରକୁ ଯିବାବେଳେ ଦୁଇଟି ସମ୍ବଲପୁରୀ ଶାଢ଼ି ଉପହାର ସ୍ୱରୂପ ସାଙ୍ଗରେ ନେଇଯାଇଥିଲେ। ନିକଟରେ ଲୋକ ସଭା ସଦସ୍ୟା ସୁପ୍ରିୟା ସୁଲେ ପାର୍ଲାମେଣ୍ଟରେ ନିଜ ବକ୍ତବ୍ୟ ରଖିବାବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ପ୍ରଶଂସା ନ କରି ରହିପାରିନଥିଲେ। ସେ କହିଥିଲେ– ସମ୍ବଲପୁରୀ ଶାଢ଼ି ପିନ୍ଧି ସେ କେତେ ସୁନ୍ଦରୀ ଓ ମର୍ଯ୍ୟାଦାସମ୍ପନ୍ନ ଦିଶୁଛନ୍ତି! ନିକଟ ଅତୀତରେ ଅଭିନେତ୍ରୀ ବିଦ୍ୟା ବଲାନ୍ ତାଙ୍କ ଫିଲ୍ମ ଶକୁନ୍ତଳା ଦେବୀର ପ୍ରମୋସନ୍ ଅବସରରେ ସମ୍ବଲପୁରୀ ଶାଢ଼ି ପିନ୍ଧିଥିଲେ। ସେ ବାନ୍ଧ ଶିଳ୍ପୀମାନଙ୍କ ଭୂରି ଭୂରି ପ୍ରଶଂସା କରିଥିଲେ। ସମ୍ବଲପୁରୀ ଶାଢ଼ିର ଚାହିଦା ବୃଦ୍ଧିର ଏସବୁ ଗୋଟେ ଗୋଟେ ଉଦାହରଣ। ଏହା ସତ୍ତ୍ୱେ ଓଡ଼ିଶାର ପୁରପଲ୍ଲୀରେ ଆଉ ସେଭଳି ସମ୍ବଲପୁରୀ ଶାଢ଼ିପିନ୍ଧା ଝିଅବୋହୂ ଦେଖାଯାଉନାହାନ୍ତି! ଚାହିଦା ବଢୁଥିବାରୁ ଏହାର ଅହେତୁକ ମୂଲ୍ୟବୃଦ୍ଧି ହୋଇଛି। ଅବଶ୍ୟ ପାଟଶାଢ଼ି ବୁଣିବାକୁ ସପ୍ତାହରୁ ମାସେ ପର୍ଯ୍ୟନ୍ତ ସମୟ ଲାଗିଯାଏ। ସେ ଅନୁସାରେ ମୂଲ୍ୟ ମଧ୍ୟ ବୃଦ୍ଧିପାଇବା ସାଧାରଣ କଥା। ସାଢ଼େ ଚାରି ହଜାରରୁ ଷାଠିଏ ସତୁରି ହଜାର ପର୍ଯ୍ୟନ୍ତ ସମ୍ବଲପୁରୀ ଶାଢ଼ି ବଜାରରେ ଉପଲବ୍ଧ, ଯାହାର ଦାମ୍ ଆକାଶଛୁଆଁ ମନେହୁଏ।

ନିମ୍ନ ମଧ୍ୟବିତ୍ତ ବ୍ୟକ୍ତିଟିଏ ଝିଅ ବିବାହ ପାଇଁ ମନ ପସନ୍ଦର ଆଠ, ନଅ ହଜାର ଟଙ୍କାର ଶାଢ଼ି ନ କିଣି ସେ ଟଙ୍କାରେ ସୁନା ଗହଣା କିଣିବାକୁ ଉଚିତ୍ ମନେକରିପାରେ। ନଣନ୍ଦ ପୁଟୁଳିରେ ଅନ୍ୟ କୌଣସି ଶାଢ଼ି ଦିଆଯାଇପାରେ। ପାଞ୍ଚ ସାତ ଖଣ୍ଡ ସମ୍ବଲପୁରୀ ପାଟ ବଦଳରେ ବିବାହ ସମୟରେ ଖଣ୍ଡେ ସମ୍ବଲପୁରୀ ପାଟ କିଣାଯାଇପାରେ। ମୂଲ୍ୟ ବୃଦ୍ଧି ଦ୍ୱାରା ଯେ ବୁଣାକାରମାନଙ୍କ ଭାଗ୍ୟ ବଦଳୁଛି ତା’ ନୁହେଁ। ଉପଯୁକ୍ତ ପାରିଶ୍ରମିକ ସେମାନଙ୍କୁ ଠିକ୍ ଭାବେ ମିଳି ପାରୁନାହିଁ। କୁଶଳୀ, ଅର୍ଦ୍ଧକୁଶଳୀ କାରିଗରମାନଙ୍କଠାରୁ କମ୍ ଦାମ୍ ଦେଇ ବ୍ୟବସାୟୀ ଅଧିକ ଲାଭ ଉଠାଉଛି।

ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପ୍ରକୃତ ବୁଣାକାରମାନେ ପାଇପାରୁନାହାନ୍ତି। ଓଲଟା ବ୍ୟବସାୟୀମାନେ ଲାଭବାନ୍ ହେଉଛନ୍ତି। କିଛି ଲୋକ ଅପେକ୍ଷାକୃତ କମ୍ ଦାମ୍‌ର ଶାଢ଼ି କିଣି ସାଲିସ୍ କରିନେଉଛନ୍ତି ପସନ୍ଦ ସହିତ। କଞ୍ଚାମାଲ୍‌ର ଅଭାବ ଓ ବାହାର ରାଜ୍ୟରୁ ଆମଦାନୀ ମୂଲ୍ୟବୃଦ୍ଧିର ଅନ୍ୟତମ କାରଣ ହୋଇଥାଇପାରେ। ସେ ଯାହାହେଉନା କାହିଁକି, ଆମ ସଂସ୍କୃତି ଓ ପରମ୍ପରାର ପରିଚାୟକ ସମ୍ବଲପୁରୀ ପାଟର କ୍ରେଜ୍ ଏବେ ଓଡ଼ିଶାର ପୁରପଲ୍ଲୀରେ କମ୍ ଦେଖିବାକୁ ମିଳୁଛି।

ଓଡ଼ିଆ ବୋହୂର ମଥାରେ ଓଢ଼ଣୀ ହୋଇ ଓଡ଼ିଆ ବୁଣାକାରର ଆଶୀର୍ବାଦ ପୂର୍ବପରି ଝଲସୁନାହିଁ। ବ୍ୟୟବହୁଳ ସମ୍ବଲପୁରୀ ପାଟଶାଢ଼ି ବଦଳରେ ଅପେକ୍ଷାକୃତ ଶସ୍ତା ଶାଢ଼ି ବିବାହ ବ୍ରତାଦି କାର୍ଯ୍ୟରେ ବ୍ୟବହୃତ ହେଉଛି। ଚାହିଦା ବଢ଼ିଲେ ରାଜ୍ୟର ସୁନାମ ବୃଦ୍ଧି ପାଇବ। କିନ୍ତୁ ରାଜ୍ୟବାସୀ ପ୍ରଭାବିତ ନ ହୁଅନ୍ତୁ। ଏଥିପାଇଁ ବିହିତ ପନ୍ଥା ଅବଲମ୍ବନ ନ କଲେ ସମ୍ବଲପୁରୀ ପାଟ କ୍ରମଶଃ ଅପହଞ୍ଚ ପାଲଟିଯିବ। ତା’ ବଦଳରେ ଅନ୍ୟ ରାଜ୍ୟର ଶାଢ଼ି ଓ ସଂସ୍କୃତି ସେ ଶୂନ୍ୟସ୍ଥାନକୁ ପୂରଣ କରିନେବ। ଏଥିରେ କ୍ଷତିଗ୍ରସ୍ତ ହେବେ ବୁଣାକାର ଗୋଷ୍ଠୀ ଓ ସମ୍ବଲପୁରୀ ପାଟକୁ ହୃଦୟ ଦେଇ ଭଲପାଉଥିବା ଲୋକମାନେ।

ମୋ: ୯୪୩୭୩୧୭୦୨୬

## ପାଠକ ଶ୍ରେଷ୍ଠ ବିଚାରକ

### କାଉ ସୁରକ୍ଷା ଓ ସଂରକ୍ଷଣ

ମହାଶୟ,

କାଉ ଏକ ଉପକାରୀ ପକ୍ଷୀ। ଏହି ପକ୍ଷୀ ପରିବେଶରୁ ଆବର୍ଜନା ଦୂର କରି ଏହାକୁ ପ୍ରଦୂଷଣମୁକ୍ତ ରଖେ ଓ ରାତି ପାହିଲେ କାକା ଶବ୍ଦ କରି ସକାଳ ହେବାର ସୂଚନା ଦିଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ପର୍ଯ୍ୟାବରଣର ସୁରକ୍ଷା ଏବଂ ସଂରକ୍ଷଣ ଦିଗରେ ଓ ଅମ୍ଳଜାନର ଉପଲବ୍ଧତା ଦିଗରେ ମହତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ବର ଓ ଅଶ୍ୱତ୍ଥ ଗଛ ତିଷ୍ଠି ରହିବା ପାଇଁ କାଉ ବଂଶ ବଞ୍ଚି ରହିବା ଜରୁରୀ। କାଉମାନେ ନ ରହିଲେ ଏହି ଦୁଇଟି ଉପକାରୀ ଓ ବୃହତ୍ ବୃକ୍ଷ ଲୋପ ପାଇଯିବ। ଏହି ଦୁଇଟି ଗଛର କ୍ଷୁଦ୍ର ମଞ୍ଜି କାଉ ପେଟରେ ଠିକ୍ ପ୍ରକ୍ରିୟାକରଣ ମାଧ୍ୟମରେ ଅଙ୍କୁରୋଦ୍‌ଗମ ପାଇଁ ଉପଯୁକ୍ତ ହୋଇଥାଏ। ଏହା ବ୍ୟତୀତ ଅନ୍ୟ କୌଣସି ଉପାୟରେ ଏହି ଦୁଇଟି ଗଛର ମଞ୍ଜିର ଅଙ୍କୁରୋଦ୍‌ଗମ ହୋଇପାରେ ନାହିଁ। କାଉର ମଳରେ ଏହି ମଞ୍ଜି ଅଙ୍କୁରୋଦ୍‌ଗମ ପାଇଁ ଅନୁକୂଳ ଅବସ୍ଥା ପାଏ ଓ ମାଟିରେ ପଡି ଚାରା ହୁଏ। ଏଣୁ କାଉ ବଂଶର ସୁରକ୍ଷା ଓ ସଂରକ୍ଷଣ ଦିଗରେ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ଆମ୍ରବନେ
ପରଶେ ବାଆ
ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ !

–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ମହିଳାଙ୍କୁ ନିର୍ଯାତନା ଅଭିଯୋଗ

କୁଳିଅଣା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ କମାରପାଳ ଗ୍ରାମର ପଦ୍ମାବତୀ ରାଉତଙ୍କୁ ତାଙ୍କ ସ୍ୱାମୀ ପରମାନନ୍ଦ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୧୧/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ପଦ୍ମାବତୀ ୭ ବର୍ଷ ତଳେ ପରମାନନ୍ଦଙ୍କୁ ବିବାହ କରିଥିଲେ। ତେବେ ବିଭିନ୍ନ ସମୟରେ ପରମାନନ୍ଦ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିବାରୁ ଦୁଇ ପୁତ୍ର ସନ୍ତାନଙ୍କୁ ନେଇ ପଦ୍ମାବତୀ ବାପ ଘରେ ଆଶ୍ରୟ ନେବା ସହ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### ଜଳାଭିଷେକ ପାଇଁ କାଉଡ଼ିଆଙ୍କ ଭିଡ଼

ପାଟଣା,୨୫।୭(ସ୍ୱ.ପ୍ର.):କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ଶ୍ରାବଣ ଦ୍ୱିତୀୟ ସୋମବାରରେ ଶୈବ ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିଲା। କାଉଡ଼ିଆ ମାନେ ବୈତରଣୀର ଅନୁସାୟୀ ଘାଟରୁ ଜଳ ଉଠାଇ ନଦୀ କୂଳ ପରମେଶ୍ୱର ଶିବ ମନ୍ଦିର ଓ ଆନନ୍ଦେଶ୍ୱର ଶିବ ମନ୍ଦିରରେ ଜଳାଭିଷେକ କରିଥିଲେ। ଉକ୍ତ ଘାଟରେ କାଉଡ଼ିଆମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। କାଉଡ଼ିଆମାନଙ୍କ ପାଇଁ ପାଟଣା ଟାଟା ପାୱାର ପକ୍ଷରୁ ପ୍ରସାଦ ବିତରଣ କରାଯାଇଥିଲା। ବିଦ୍ୟୁତ ବିଭାଗର ସହକାରୀ ପରିଚାଳକ ପଦ୍ମକିଶୋର ଜେନାଙ୍କ ସହ ଜୟକୃଷ୍ଣ ଦାସ, ନିହାର ରଞ୍ଜନ ଖଟୁଆ, କୁଶଧର ମହାନ୍ତ, ତାହିର ଆଲମ ଓ ଆଦର୍ଶ ବାସା ପ୍ରମୁଖ ପ୍ରସାଦ ବିତରଣ କରିଥିଲେ।

### ୨୯ରେ ଝୁମ୍ପୁରାଠାରେ କ୍ଷୁଦ୍ର ନିଯୁକ୍ତି ମେଳା

କେନ୍ଦୁଝର, ୨୫।୭(ଡି.ଏନ୍.ଏ.): କେନ୍ଦୁଝର ଜିଲା ପ୍ରଶାସନ ଏବଂ ଓଡିଶା ଦକ୍ଷତା ବିକାଶ ପ୍ରାଧୀକରଣଙ୍କ ମିଳିତ ଆନୁକୂଲ୍ୟରେ ଏକ କ୍ଷୁଦ୍ର ନିଯୁକ୍ତି ମେଳାର ଆୟୋଜନ ଆଗାମୀ ଜୁଲାଇ ୨୯ ତାରିଖ ଦିନ ପଞ୍ଚାୟତ ସମିତି କଲେଜ, ଝୁମ୍ପୁରାଠାରେ ଅନୁଷ୍ଠିତ ହେବ। ଜିଲାର ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଏହି ନିଯୁକ୍ତି ମେଳାରେ ଭାଗ ନେଇ ପାରିବେ। ଏଣୁ ଜିଲା, ରାଜ୍ୟ ଏବଂ ରାଜ୍ୟ ବାହାରର ଘରୋଇ ସଂସ୍ଥାମାନେ ଆସି ସେମାନଙ୍କ ସଂସ୍ଥାର ଆବଶ୍ୟକ ପଦ ପଦବୀ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥିନୀ ଚୟନ କରିବେ। ବୟସ ସୀମା ୧୮ରୁ ଉର୍ଦ୍ଧ୍ୱ ହୋଇଥିବା ଦରକାର ବୋଲି ଜିଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ ସୂଚନା ଦେଇଛନ୍ତି। ଏଣୁ ଇଚ୍ଛୁକ ଯୁବତୀଯୁବକମାନେ ନିଜ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାର କାର୍ଡ ସହିତ ଉକ୍ତ ମେଳାରେ ସକାଳ ୧୦ଟାରୁ ଅପରାହ୍ନ ୨ଟା ମଧ୍ୟରେ ଯୋଗଦେଇ ବେସରକାରୀସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେଇପାରିବେ। ସୂଚନାଯୋଗ୍ୟ, ଉକ୍ତ ନିଯୁକ୍ତି ମେଳାରେ ପ୍ରାର୍ଥିନୀପ୍ରାର୍ଥୀଙ୍କ ଯୋଗଦାନ ନିମନ୍ତେ କୌଣସି ଯାତାୟାତ ଖର୍ଚ୍ଚର ବ୍ୟବସ୍ଥା ନାହିଁ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବାରିପଦା ଅଫିସ,୨୫।୭- ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ରୁରାଲ ଡେଭଲପ୍‌ମେଣ୍ଟ ଆକ୍ସନ ସେଲ୍‌ର ସମ୍ପାଦକ ବିଜୟ କୁମାର



ବେହେରାଙ୍କ ମା' ଶଙ୍ଖମଣି ବେହେରା(୯୩)ଙ୍କ ପରଲୋକ ଘଟିଛି। ରବିବାର ଭୋର ୩ଟା୩୦ମିନିଟ ସମୟରେ ତୁଳସୀଚଉରାସ୍ଥିତ ବାସଭବନରେ ତାଙ୍କର ପରଲୋକ ଘଟିଥିଲା। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀ ଓ ଆତ୍ମୀୟମାନେ ଉପସ୍ଥିତ ଥିଲେ।

# ସବୁଠି ଉତ୍ସବ

**■ରାଷ୍ଟ୍ରପତିଙ୍କ ଶପଥପାଠ ଦେଖି ଉତ୍ସାହିତ ହେଲେ ଛାତ୍ରୀଛାତ୍ର**

**■ନାଚ, ଗୀତରେ କମ୍ପିଲା ରାଇରଙ୍ଗପୁର**

ବାରିପଦା ଅଫିସ/ରାଇରଙ୍ଗପୁର, ୨୫।୭(ଡି.ଏନ.ଏ.)

ଭାରତର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ମୟୂରଭଞ୍ଜ ମାଟିର ଝିଅ ଦ୍ରୌପଦୀ ମୁର୍ମୁ। ଏନେଇ ଜିଲା ତଥା ଅଞ୍ଚଳବାସୀ ବେଶ୍ ଖୁସି ମନାଇଛନ୍ତି। ଜିଲାର ଚାରିଆଡ଼େ ଦେଖିବାକୁ ମିଳିଛି ଉତ୍ସବର ମାହୋଲ। ବିଭିନ୍ନ ସ୍ଥାନରେ ଦ୍ରୌପଦୀ ମୁର୍ମୁଙ୍କ ହୋର୍ଡିଂ ଓ ଫଟୋ ଲଗାଯାଇଛି। ଜିଲାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ନିଷ୍ଠାର ସହ ପୂଜାପାଠ କରି ଶୁଭ ମନାସିଛନ୍ତି। ଦ୍ରୌପଦୀ ମୁର୍ମୁ ଦାୟିତ୍ୱ ଗ୍ରହଣ କରିବା ପରେ ଜନ୍ମମାଟି କୁସୁମୀ ବ୍ଲକ ଉପରବେଡ଼ା ଓ ଶାଶୁଘର ପାହାଡ଼ପୁର ଗ୍ରାମବାସୀ ଖୁସିରେ ଉତ୍ଫୁଲ୍ଲିତ ହୋଇପଡ଼ିଛନ୍ତି।

ଉପରବେଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ୩ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରିଛନ୍ତି। ସେହିପରି ରାଇରଙ୍ଗପୁରସ୍ଥିତ କଲ୍ୟାଣ ମଣ୍ଡପ ସମ୍ମୁଖରେ ସହରବାସୀ ବାଣ ଫୁଟାଇ ଖୁସି ମନାଇଥିଲେ। ଶ୍ରୀମା ଶ୍ରୀଅରବିନ୍ଦ ସ୍କୁଲର ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ଶପଥପାଠ ଉତ୍ସବର ସିଧା ପ୍ରସାରଣ ଏଲ୍‌ଇଡି ମାଧ୍ୟମରେ ଦେଖି ଉତ୍ସାହିତ ହୋଇଥିଲେ। ମହିଳାପୁରୁଷ, ଛାତ୍ରୀଛାତ୍ରମାନେ ହାତକୁ ହାତ ଧରି ଗୀତ ଓ ମାଦଳର ତାଳେ ତାଳେ ମସଗୁଲ ହୋଇପଡ଼ିଥିଲେ। ପରସ୍ପରକୁ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ।



ରାଇରଙ୍ଗପୁର ସହରରେ ଆଦିବାସୀ ମହିଳା ନୃତ୍ୟ କରୁଛନ୍ତି।

# କେନ୍ଦୁଝରରେ ପଛେଇଛି ଚାଷକାମ

କେନ୍ଦୁଝର,୨୫।୭(ଡି.ଏନ.ଏ.)

କେନ୍ଦୁଝର ଜିଲାରେ ଗତ କିଛି ମାସ ଧରି ବର୍ଷା ହେଉ ନ ଥିବା ବେଳେ ଜୁଲାଇ ମାସରେ ଭଲ ବର୍ଷା ହୋଇଛି। ମାତ୍ର ଭଲ ବର୍ଷା ସତ୍ତ୍ୱେ ଚାଷ କାମ ପଛେଇଛି। ସୂଚନା ଅନୁସାରେ, ସମଗ୍ର ଜିଲାରେ ଗତ ଜାନୁୟାରୀ ମାସରେ ଧାନ ଅମଳ ବେଳେ ମୋଟ ୧୨୩.୭ ମିମି ବର୍ଷା ଅଧିକ ହୋଇଥିଲା। ସେହିପରି ଜାନୁୟାରୀ ପରି ଫେବୃୟାରୀରେ ବର୍ଷା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ଏହି ଫେବୃୟାରୀରେ ଯେତିକି ବର୍ଷା ହେବା କଥା ତାହାଠାରୁ କମ ହେଲା। ଅର୍ଥାତ ମୋଟ ୪୮.୦ ମିମି ବର୍ଷା କମ ହୋଇଥିଲା। ସେହିପରି ମାର୍ଚ୍ଚ ମାସରେ ପାଗ ସମ୍ପୂର୍ଣ୍ଣ ଶୁଖିଲା ଥିଲା। ଅର୍ଥାତ ମାର୍ଚ୍ଚରେ ୯୮.୭ ମିମି ବର୍ଷା କମ ହୋଇଥିଲା। ସେହିପରି ଏପ୍ରିଲ ମାସରେ ୫୭.୪ ମିମି ବର୍ଷା କମ ହୋଇଥିବା ବେଳେ ମେ'ରେ ବର୍ଷା ହୋଇଥିଲେ ବି ସାଧାରଣ ବୃଷ୍ଟିପାତ ଠାରୁ କମ ଥିଲା। ଏହି ମାସରେ ବର୍ଷା ସତ୍ତ୍ୱେ ଯେତିକି ବର୍ଷା ହେବା କଥା ନ ହୋଇ ୪ ମିମି ବର୍ଷା କମ ହୋଇଥିଲା। ସେହିପରି ଜୁନରେ ୧୩୭.୫ ମିମି ବର୍ଷା ହୋଇଥିବାବେଳେ ଏହା ଅପେକ୍ଷାକୃତ କମ୍ ହୋଇଛି। ଜୁଲାଇରେ ଗତ ତିନି ବର୍ଷର ରେକର୍ଡ ଭାଙ୍ଗିଛି ବର୍ଷା। ଏହି ମାସରେ ଗତ ୨୦୨୦ ମସିହାରେ ୧୭୦.୭ ମିମି ବର୍ଷା ହୋଇଥିବା ବେଳେ ୨୦୨୧ରେ ୨୩୨.୬୯ ମିମି ବର୍ଷା ହୋଇଥଲା। ତେବେ ଚଳିତ ଜୁଲାଇରେ ୨୮୬.୦୮ ମିମି ବର୍ଷା ହୋଇଛି। ତେବେ ଏତେ ବର୍ଷା ସତ୍ତ୍ୱେ ଯେତିକି ଚାଷ ହେବା କଥା ତାହା ହୋଇ ପାରିନାହିଁ।

କେନ୍ଦୁଝର ଜିଲା ଏକ କୃଷି ବହୁଳ ଜିଲ୍ଲା ହୋଇଥିବା ବେଳେ ମୋଟ ଚାଷ ଜମି ୨,୭୨,୯୭୭ ହେକ୍ଟର ମଧ୍ୟରୁ ୧,୩୩, ୭୫୭ ହେକ୍ଟର ଉଚ୍ଚ ଜମି ହୋଇଥିବା ବେଳେ ମଧ୍ୟମ ଧରଣର ଜମି ୯୯, ୮୩୨ ହେକ୍ଟର ଏବଂ ଖାଲୁଆ ଜମି ମାତ୍ର ୩୯,୩୮୮ ହେକ୍ଟର ରହିଛି। ଏଥିରୁ ମୋଟ ୧,୬୦,୩୯୦ ହେକ୍ଟର ଜମିରେ ଧାନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ଇତିମଧ୍ୟରେ ପାଖାପାଖି ୬୨,୩୮୯ ହେକ୍ଟର ଜମିରେ ଏହି ଧାନ ଚାଷ ହୋଇଛି। ସେହିପରି ମାଣ୍ଡିଆ ଓ ମକାଭଳି ଶସ୍ୟ ୨୭,୨୩୯ ହେକ୍ଟର ଲାଗିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଅଦ୍ୟାବଧି ମାତ୍ର ୧୯,୯୬୯ ହେକ୍ଟର ଜମିରେ ଚାଷ ହୋଇଛି। ସେହିପରି ୩୩,୬୨୫ ହେକ୍ଟର ଜମିରେ ପନି ପରିବା ଚାଷ ହେବାକୁ ଥିବା ବେଳେ ଅଦ୍ୟାବଧି ମାତ୍ର ୧୭,୬୦୦ ହେକ୍ଟର ଜମିରେ ପରିବା ଚାଷ ହୋଇଛି। ଯାହାକି ଉତ୍ସାହ ଜନକ ନୁହେଁ। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ବିଜୟ ସ୍ୱାଇଁ କହିଛନ୍ତି, ପୂର୍ବରୁ ବର୍ଷା ନ ଥିଲା। ଜୁଲାଇରେ ବର୍ଷା ହେବା ପରେ ଚାଷ କାମ ଆଗେଇଛି। ଆଗାମୀ ସପ୍ତାହକ ମଧ୍ୟରେ ଆମର ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହେବ ବୋଲି ସେ କହିଛନ୍ତି।

# ଧରାପଡ଼ିଲେ ସାଇବର ଠକ

ବୈଶିଙ୍ଗା,୨୫।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଦଳିଆ ଗ୍ରାମର ଜଣେ ଯୁବକଙ୍କୁ ସାଇବର ଠକେଇ ଅଭିଯୋଗରେ ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ ଚାରୁଚନ୍ଦ୍ର ସିଂଙ୍କ ପୁଅ ତୁଫାନ। ଏନେଇ ଥାନାରେ ଏକ ମାମଲା(ନଂ.୨୧୪/୨୨)ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଗତ ସପ୍ତାହରେ ୩ ଯୁବକ ବେତନଟୀ କୋର୍ଟ ଛକ ନିକଟରେ ରାତିରେ ସନ୍ଦେହଜନକ ଭାବେ ବୁଲୁଥିବାବେଳେ ବେତନଟୀ ପୋଲିସ ସେମାନଙ୍କୁ ଧରିବା ସହ ସାଇବର ଠକେଇର ସୁରାକ ପାଇଥିଲା। ସେମାନଙ୍କଠାରୁ ନଗଦ ୧ଲକ୍ଷ ୩୫ ହଜାର ଟଙ୍କା ,୭ଟି ମୋବାଇଲ ,୧୧ଟି ସିମ କାର୍ଡ଼, ଗୋଟିଏ ମେମୋରୀ କାର୍ଡ, ବିଭିନ୍ନ ବ୍ୟାଙ୍କର ୮ଟି ଏଟିଏମ୍ କାର୍ଡ ସମେତ ଏକ ହୋଣ୍ଡା ସିଟି କାର ମଧ୍ୟ ଜବତ କରାଯାଇଥିଲା। ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧିକ୍ଷକ ଏହି ସାଇବର ଠକେଇ ଘଟଣା ନେଇ ସବୁ ଥାନାକୁ ଆଲର୍ଟ କରିଥିଲେ। ଶନିବାର ବୈଶିଙ୍ଗା ଥାନା ସହାୟତାରେ ମଧ୍ୟପ୍ରଦେଶ ପୋଲିସ କଦଳିଆ ଗ୍ରାମରେ ପହଞ୍ଚିଥିଲେ। ଏହି ଗ୍ରାମର ତୁଫାନ ଏକ ଘରୋଇ ଟେଲିକମ୍ ସଂସ୍ଥାରେ କାର୍ଯ୍ୟ କରୁଥିବା ବେଳେ ଜାଲିଆତି କରି ସେହି ଗ୍ରାମର ହେମନ୍ତ ସାହୁଙ୍କ ପୁଅ ବିରେନ ସାହୁଙ୍କ ନାମରେ ଏକ ସିମ୍‌କାର୍ଡ ବାହାର କରି ମଧ୍ୟପ୍ରଦେଶର ଜନୈକ ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ବୈଶିଙ୍ଗା ପୋଲିସ ତୁଫାନଙ୍କୁ ଗିରଫ କରିବା ସହିତ ସୋମବାର କୋର୍ଟଚାଲାଣ କରିଛି।

# 'ସେବା, ତ୍ୟାଗ ରୋଟାରି କ୍ଲବର ମୂଳ ଲକ୍ଷ୍ୟ'

ବାସୁଦେବପୁର, ୨୫।୭ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ରୋଟାରି କ୍ଲବର ୩ୟ ବାର୍ଷିକ ଅଧିଷ୍ଠାନ ଦିବସ ସମାରୋହ ଅଟଳ ବିହାରୀ ମହାବିଦ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୨୦୨୩-୨୪ ବର୍ଷ ପାଇଁ ଡିଷ୍ଟ୍ରିକ୍ଟ ଗଭର୍ନର ଭାବେ କାର୍ଯ୍ୟରତ ରୋଟାରିଆନ ଜୟଶ୍ରୀ ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିବା ଅବସରରେ ସେବା ଓ ତ୍ୟାଗ ହିଁ ରୋଟାରି କ୍ଲବର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ୨୦୨୪-୨୫ବର୍ଷ ପାଇଁ ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ଯାଗନିସ ମହାପାତ୍ର, ରୋଟାରିଆନ ଇନ୍ଦ୍ରଜିତ ସାହୁ, ଉପଦେଷ୍ଟା ମଙ୍ଗିଲାଲ ବଳଦେବା ପ୍ରମୁଖ ଯୋଗ ଦେଇଥିଲେ। ୨୦୨୧-୨୨ ବର୍ଷର ବାସୁଦେବପୁର ବ୍ଲକ ସଭାପତି ରୋଟାରିଆନ ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ସମ୍ପାଦକ ସ୍ମୃତିରଞ୍ଜନ ପଳିତା ୨୦୨୨-୨୩ ବର୍ଷ ପାଇଁ ନୂତନ ସଭାପତି ବନମାଳି କୁଅଁର, ସମ୍ପାଦକ ସୁଶେଷ ରଞ୍ଜନ ବାରିକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ରୋଟାରିଆନ ଦୁଶାସନ ରାଉତ। ଏହି ଅବସରରେ ସାମାଜିକ କର୍ମୀ ବୈଲୋଚନ ଜେନାଙ୍କୁ ନାଗରିକ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ଭାଗୀରଥି ବଳ, ମାଧବଚନ୍ଦ୍ର ପୁହାଣ, ଚନ୍ଦ୍ରକାନ୍ତ ଦାଶ, ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ରୋଟାରିଆନ ବିଜୟ ଅଗସ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।



ସମାରୋହରେ ଉପସ୍ଥିତ ଅତିଥି।

# ୪୧ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭଦ୍ରକ ଅଫିସ,୨୫।୭

ଭଦ୍ରକ ପୁରୁଣାବଜାର ଥାନା ପୋଲିସ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କଠାରୁ ୪୧ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏକ ବୁଲେଟ ଗାଡ଼ି ଜବତ ସହ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଗରଦପୁର କାଜିବଜାରର ଅତାଉଲ୍ଲା ସାହା। ଏନେଇ ପୁରୁଣାବଜାର ଥାନାରେ ଏକ ମାମଲା (ନଂ.୧୭୯/୨୨) ରୁଜୁ କରାଯାଇ ସୋମବାର ତାଙ୍କୁ ସ୍ପେଶାଲ ଜଜ୍ କୋର୍ଟରେ ହାଜର କରାଯାଇଛି।

ସୂଚନା ଅନୁଯାୟୀ, ପୁରୁଣାବଜାର ପୋଲିସ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ହଳଦୀଡିହ ଛକଠାରେ ଏମ୍‌ଭି ଚେକିଂ କରୁଥିଲା। ଅତାଉଲ୍ଲା ସାହାଙ୍କୁ ଯାଞ୍ଚ କରିବା ସମୟରେ ତାଙ୍କ ପାଖରୁ ବ୍ରାଉନସୁଗାର ମିଳିଥିଲା।

# ଜାତୀୟ ରାଜପଥ ପ୍ରକଳ୍ପ ଅଗ୍ରଗତି ନେଇ ସଂସଦରେ ପ୍ରଶ୍ନ ରଖିଲେ ଏମ୍‌ପି

ଭଦ୍ରକ ଅଫିସ, ୨୫।୭

ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଭାରତମାଳା ଯୋଜନାରେ ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ନେଇ ସୋମବାର ସଂସଦରେ ପ୍ରଶ୍ନ ରଖିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଯୋଜନା ଅଧୀନରେ ଓଡ଼ିଶାର ଉପକୂଳବର୍ତ୍ତୀ ଜାତୀୟ ରାଜପଥ-୧୬ର ଖୋର୍ଦ୍ଧା ଜିଲା ଟାଙ୍ଗୀଠାରୁ ପଶ୍ଚିମବଙ୍ଗର ଦିଘା ପର୍ଯ୍ୟନ୍ତ ୩୮୨ କି.ମି. ପରିବ୍ୟାପ୍ତ ପ୍ରକଳ୍ପର ଭଦ୍ରକ ସଂସଦୀୟ କ୍ଷେତ୍ର ଅଧୀନ ଭଦ୍ରକ-ବାଲେଶ୍ୱର ଜିଲା ମଧ୍ୟରେ ଚାନ୍ଦବାଲି, ଧାମରା, ବାସୁଦେବପୁର, ବାହାନଗା, ଚାନ୍ଦିପୁର ମଧ୍ୟରେ ୭୦ କି.ମି. ରାସ୍ତା କେବେ ଆରମ୍ଭ ହୋଇ ଶେଷ ହେବ ବୋଲି ପ୍ରଶ୍ନ କରିଥିଲେ। ଏହାସହ ଉକ୍ତ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ, ବିସ୍ଥାପିତ ଓ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ପଚାରିଥିଲେ। ପ୍ରକାଶଥାଉକି, ଉକ୍ତ ଜାତୀୟ ରାଜପଥ ପ୍ରତିଷ୍ଠା ହେଲେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହ ଗମନାଗମନ, ଶିଳ୍ପ ପ୍ରତିଷ୍ଠା, ଜଳପଥ ସଂଯୋଗୀକରଣ ଏବଂ ଉପକୂଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ସହ କର୍ମନିଯୁକ୍ତି ସୃଷ୍ଟି ହେବ। ପଡ଼ୋଶୀ ରାଜ୍ୟ ଆନ୍ଧ୍ର, ତେଲଙ୍ଗାନା, ପଶ୍ଚିମବଙ୍ଗ ସହ ଗମନାଗମନ ସୁଗମ ହେବ।



ସଂସଦରେ ପ୍ରଶ୍ନ କରୁଛନ୍ତି ଏମ୍‌ପି ମଞ୍ଜୁଲତା ମଣ୍ଡଳ।

# ପ୍ରଧାନଶିକ୍ଷକଙ୍କୁ ଆକ୍ରମଣ ଅଭିଯୋଗ

ଭଣ୍ଡାରିପୋଖରୀ, ୨୫।୭ (ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ନପଙ୍ଗ ପଞ୍ଚାୟତ ଜୋରାଗଡିଆ-ଭାଟଣା ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ରାଉତଙ୍କୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୯୯/୨୨) ରୁଜୁ କରିଛି। ଏହି ଘଟଣାକୁ ନେଇ ବ୍ଲକ ଶିକ୍ଷା ଅଧିକାରୀ ଅଧର ତରାଇ ତ୍ରୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିବା ବେଳେ ଉକ୍ତ ବିଦ୍ୟାଳୟକୁ ଯାଇ ଅନୁଧ୍ୟାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଶନିବାର ଗ୍ରାମର ଜଣେ ବ୍ୟକ୍ତି ବିଦ୍ୟାଳୟ ପରିସରରେ ପହଞ୍ଚି ପ୍ରଧାନଶିକ୍ଷକ ରାଉତଙ୍କୁ ଗାଳିଗୁଲଜ କରିଥିଲେ। ମୋ ବିଦ୍ୟାଳୟ କାର୍ଯ୍ୟକୁ ନେଇ ବ୍ୟକ୍ତି ଜଣଙ୍କ ତାଙ୍କୁ ମାଡ଼ ମାରିଥିଲେ। ଏପରିକି ପ୍ରଧାନଶିକ୍ଷକଙ୍କ ହାତରୁ ସ୍କୁଲ ଗୃହ ଚାବି ଛଡ଼ାଇବା ସହ ବାଇକ୍‌କୁ ଘୋଷାଡ଼ି ତଳେ ପକାଇ ଦେଇଥିଲେ। ନିକଟରେ ଥିବା ଜଣେ ପୁରାତନ ଛାତ୍ର ସେଠାରେ ପହଞ୍ଚି ଶିକ୍ଷକଙ୍କୁ ଉଦ୍ଧାର କରିଥିଲେ। ପରେ ବ୍ୟକ୍ତି ଜଣଙ୍କ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ପ୍ରଧାନଶିକ୍ଷକ ରାଉତ ଏତଲାରେ ଉଲ୍ଲେଖ କରିଛନ୍ତି।

# ଆଇନଗତ ପ୍ରାପ୍ୟ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର ଅଫିସ,୨୫।୭

ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କରେ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟକରି ଅବସର ନେଇଥିବା ୬୩ଜଣ କର୍ମଚାରୀଙ୍କୁ ସେମାନଙ୍କର ଅବସରକାଳୀନ ଆଇନଗତ ପ୍ରାପ୍ୟକୁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ପ୍ରଦାନ କରୁନାହାନ୍ତି। ସୋମବାର ବହୁ ଅବସରପ୍ରାପ୍ତ କର୍ମଚାରୀ ବ୍ୟାଙ୍କର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ଥିବା ବାଲେଶ୍ୱର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳ ଭବେଶ ଚନ୍ଦ୍ର ନାୟକ ଦାବିପତ୍ର ଗ୍ରହଣ କରି କର୍ମଚାରୀମାନଙ୍କ ସମସ୍ୟା ପ୍ରତି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ହରିଶ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ବାଳକୃଷ୍ଣ ନନ୍ଦଙ୍କ ସମେତ ବିଷ୍ଣୁ ପ୍ରସାଦ ମହାନ୍ତି, ନିର୍ମଳ ଚନ୍ଦ୍ର ଦାସ, ଦୀପକ ରଞ୍ଜନ ପଟ୍ଟନାୟକ, ରାଧାଶ୍ୟାମ ମହାନ୍ତି, ଜଳଧର ପଣ୍ଡା, ବ୍ରଜକିଶୋର ସ୍ୱାଇଁ, ରାଧାଶ୍ୟାମ ବେହେରା, ଲମ୍ବୋଦର ଜେନା, ଶରତ ଚନ୍ଦ୍ର ଦାସ, ଉମାକାନ୍ତ ବେହେରା ଓ ଇପିଏଫ୍ ପେନସନର୍ସ ଆସୋସିଏଶନର ରାଜ୍ୟ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଚିତ୍ର ମାଧ୍ୟମରେ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା

ବନ୍ତ,୨୫।୭(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ହାସିନପୁର ଗ୍ରାମର ଅଶୋକ ବେହେରାଙ୍କ ପୁଅ ଅମନ(୧୭) ଚିତ୍ର ମାଧ୍ୟମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ପିଲାବେଳୁ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ଏହାମଧ୍ୟରେ ଶତାଧିକ ଚିତ୍ର ଆଙ୍କି ସାରିଛନ୍ତି। ଜିଲା ସ୍ତରରେ ବହୁ ଅନୁଷ୍ଠାନରେ ଚିତ୍ର ଆଙ୍କି ପୁରସ୍କୃତ ହୋଇଛନ୍ତି। ସେ ଭଦ୍ରକ ବ୍ଲକ ଓଲଙ୍ଗସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପ୍ରଥମରୁ ଶିକ୍ଷା ଆରମ୍ଭ କରି ମାଟ୍ରିକ୍ ପାସ୍ କରିଥିଲେ। ପରେ ଭଦ୍ରକ ରୟାଲ କଲେଜ୍ ଅଫ୍ ସାଇନ୍ସରେ ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନ ପାସ୍ କରିଛନ୍ତି। ପାଠପଢ଼ା ସହ ଅବସର ସମୟରେ ସେ ଚିତ୍ର ଆଙ୍କିଥାନ୍ତି ବୋଲି କହନ୍ତି। ଭବିଷ୍ୟତରେ ଜଣେ ପ୍ରସିଦ୍ଧ ଚିତ୍ରକର ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଚିତ୍ର ଆଙ୍କିଥିବା ଅମନ ବେହେରା।

# ବ୍ଲକ ଆଗରେ ଗ୍ରାମବାସୀଙ୍କ ବିକ୍ଷୋଭ

**ବସୁଧା ଯୋଜନା କାର୍ଯ୍ୟ ସ୍ଥଗିତକୁ ନେଇ ଉତ୍ତେଜନା**

ବସ୍ତା, ୨୫।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକର ରାଜସ୍ୱ ଗ୍ରାମ ମହାଦେବସରାଇରେ ବସୁଧା ଯୋଜନାର କାର୍ଯ୍ୟ ସ୍ଥଗିତ ନେଇ ଉତ୍ତେଜନା ଦେଖାଦେଇଛି। ଶତାଧିକ ଲୋକ ସୋମବାର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

୫ଟି ସାହି ମହାଦେବସରାଇ, ବିଦ୍ୟାଧରପୁର-କ, ସୁଲେମାନପୁର, ବାହାଦଲପୁର, ଜଲାଲପୁରକୁ ନେଇ ଗଠିତ ମହାଦେବସରାଇ ରାଜସ୍ୱ ଗ୍ରାମରେ ପିଇବା ପାଣି ସମସ୍ୟା ନେଇ ବାରମ୍ବାର ପ୍ରଶାସନ ନିକଟରେ ଦାବି ହୋଇଆସୁଥିଲା। ତେବେ ସୁଲେମାନପୁର ସାହିରେ ବିଗତ ୨୦ବର୍ଷରୁ ଉର୍ଦ୍ଧ୍ୱ ହେବ ଗ୍ରାମବାସୀଙ୍କ ଦ୍ୱାରା ଏକ ମିନି ପାଣିପଞ୍ଚାୟତ ଗଠନ କରାଯାଇ ୧୦୦ରୁ ଉର୍ଦ୍ଧ୍ୱ ପରିବାର ପାଣି ପାଉଥିଲେ। ଏଥିରେ ଅନେକ ସମସ୍ୟା ପରିଲକ୍ଷିତ ହେବାରୁ ୨୦୧୮ରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଉକ୍ତ ମିନି ପାଣିପଞ୍ଚାୟତକୁ ଅସିଦ୍ଧ ଘୋଷଣା କରାଯାଇଥିଲା। ସେତେବେଳେ କାର୍ଯ୍ୟରତ ସରପଞ୍ଚ, ସମିତିସଭ୍ୟ, ଚେୟାରମ୍ୟାନ, ଗ୍ରାମବାସୀ ତଥା ଅଧିକାରୀମାନେ ଉକ୍ତ ସ୍ଥାନରେ ପୁଣିଥରେ ବସୁଧା ଯୋଜନାରେ ବୋରିଂ କରାଯାଇ ଏକ ବୃହତ ଟାଙ୍କି ବ୍ୟବସ୍ଥା କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଯାହାଦ୍ୱାରା ଖାଲି ମହାଦେବସରାଇ ଗ୍ରାମ ସହିତ ବାରମାଢିଆ ଗ୍ରାମର କିଛି ଅଂଶ ଏବଂ ବିଦ୍ୟାଧରପୁର ଗ୍ରାମର କିଛି ଅଂଶ ପିଇବା ପାଣି ପାଇପାରିବେ। ତେବେ ସରକାରୀ ନିର୍ଦ୍ଦେଶକ୍ରମେ ଆରଡବ୍ଲ୍ୟୁଏସଏସର ଜୁନିୟର ଇଞ୍ଜିନିୟର ବିନୋଦ କୁମାର ଦାସ ଗତ ବୁଧବାର ସ୍ଥାନୀୟ ୱାର୍ଡମେମ୍ବରଙ୍କ ସହ ଆଲୋଚନା କରି ଠିକାଦାରଙ୍କ ଦାରା ଉକ୍ତ ସ୍ଥାନରେ ବୋରିଂ କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁବାର ମହାଦେବସରାଇ ସାହିର କିଛି ଲୋକ ଏହା ଜାଣିପାରି ଘଟଣାସ୍ଥଳକୁ ଆସି ପ୍ରବଳ ହଟ୍ଟଗୋଳ କରିବା ସହିତ ବୋରିଂ ପାଇଁ ବ୍ୟବହୃତ ଗାଡ଼ିକୁ ଗଡ଼ାଇ ନେଇଯାଇଥିଲେ। ତହିଁ ପରଦିନ ଠିକାଦାର ତାଙ୍କ ସମସ୍ତ ଜିନିଷ ପତ୍ରକୁ ଗାଡ଼ିରେ ନେଇଯାଉଥିବା ବେଳେ ଅନ୍ୟ ୪ଟି ସାହିର ଲୋକେ ଏକାଠି ହୋଇ ସମସ୍ତ ଜିନିଷ ପତ୍ରକୁ ଅଟକ ରଖି ଗ୍ରାମବାସୀ ଘଟଣା ସମ୍ପର୍କରେ ଆଲୋଚନା କରିବାକୁ ବ୍ଲକ ସମ୍ମୁଖରେ ଉପସ୍ଥିତ ଥିବା ବେଳେ ବର୍ଷା ଯୋଗୁ ବିଭାଗୀୟ ଅଧିକାରୀ, ଚେୟାରମ୍ୟାନ, ବିଡ଼ିଓ କାର୍ଯ୍ୟାଳୟ କୁ ଆସି ନ ଥିଲେ। ଗ୍ରାମର ଭଦ୍ରବ୍ୟକ୍ତି, ୱାର୍ଡମେମ୍ବର, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତିରେ ଜେଇ ଭିଡିଓ କଲ୍ ଦ୍ୱାରା ଲୋକଙ୍କ ସମସ୍ୟା ତୁରନ୍ତ ସମାଧାନ କରାଯିବା ସହିତ ଉକ୍ତ ସ୍ଥାନରେ ପୁଣି ବୋରିଂ କରାଯିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସରପଞ୍ଚ ମଧ୍ୟ ଉକ୍ତ ଗ୍ରାମରେ ଶାନ୍ତିର ବାତାବରଣ ପାଇଁ ୩ ଜଣ ୱାର୍ଡମେମ୍ବରଙ୍କୁ ନେଇ ଆଲୋଚନା କରିବାର ନିଷ୍ପତ୍ତି ଜଣାଇଥିଲେ। ଏଥିସହିତ ଗ୍ରାମବାସୀ ମହାଦେବସରାଇ ସାହିରେ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବୋରିଂ ହୋଇ ରହିଥିବା ପାଣିପଞ୍ଚାୟତକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିବେଦନ କରିଥିଲେ। ଏ ସମ୍ପର୍କରେ ଏକ ଦରଖାସ୍ତ ବିଡିଓଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।



ବ୍ଲକ ଆଗରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ନାଳରୁ ବୃଦ୍ଧଙ୍କ ମୃତଦେହ ଜବତ

**ଖଇରା, (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ନାଞ୍ଜିଆନାଳରୁ ସୋମବାର ସକାଳେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ କୁପାରୀ କମାରସାହି ଗ୍ରାମର ନରହରି ନାଇକି(୬୦)। ରବିବାର ରାତିରୁ ଘରୁ ଆସିଥିଲେ ମଧ ଆଉ ଫେରି ନ ଥିଲେ ବୋଲି ପୁଅ କୃପାସିନ୍ଧୁ କହିଛନ୍ତି। ଏ ସଂକ୍ରାନ୍ତରେ ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୮/୨୨) ରୁଜୁ କରାଯାଇଛି।

# ଆଖଣ୍ଡଳମଣି ପୀଠରେ ଅସମ୍ଭାଳ ଭିଡ଼

**ଆରଡ଼ି, ୨୫।୭ (ଡି.ଏନ.ଏ.)**

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ମନ୍ଦିରରେ ଲକ୍ଷାଧିକ କାଉଡ଼ିଆ ଜଳଲାଗି କରିଛନ୍ତି। ସୀମିତ ସ୍ଥାନରେ ଏତେସଂଖ୍ୟକ କାଉଡ଼ିଆଙ୍କ ଉପସ୍ଥିତି ପୀଠ ଓ ଏହା ଆଖପାଖ ଅଞ୍ଚଳରେ ଜଟିଳ ପରିସ୍ଥିତି ସୃଷ୍ଟି କରିଥିଲା। ଭିଡ଼ ଯୋଗୁ କାଉଡ଼ିଆମାନେ ପୀଠର ବିଭିନ୍ନ ସ୍ଥାନରେ ଏପରିକି ଜୀବନ୍ତ ଷଣ୍ଢ ଉପରେ ପାଣି ଢାଳୁଥିବା ଦେଖିବାକୁ ମିଳିଥିଲା। ତେବେ ପୀଠରେ ହାଇମାଷ୍ଟ ଲାଇଟ ଥିଲେ ବି ତାହା କାହିଁକି ସଜଡ଼ା ଯାଉନନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୀଠର କେତେକ ସ୍ଥାନରେ ଅନ୍ଧକାର ଥିବାରୁ କାଉଡ଼ିଆମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ପୀଠରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି।

ପୋଲିସ ରବିବାର ସକାଳଠାରୁ ଶତାଧିକ ଛୋଟବଡ଼ ଯାନକୁ ପୀଠକୁ ଛାଡ଼ି ନ ଥିଲା। ମଠଡିହ ଛକରେ ଏହି ଯାନକୁ ଅଟକାଇ ସାଠିବାଙ୍କୁଡ଼ା ଓ ଦୋହରାପାଟଣା ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପାର୍ଶ୍ୱରେ ରଖାଯାଇଥିଲା। ସୋମବାର ସକାଳେ ଯାନଗୁଡ଼ିକୁ ସୁରୁଖୁରୁରେ ଚଳାଚଳ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ମଠଡିହଠାରେ ଟ୍ରାଫିକ୍ ଜାମ୍ ହେବାରୁ ଆଖଣ୍ଡଳମଣି-ଭଦ୍ରକ ଓ ଆଖଣ୍ଡଳମଣି-ଯାଜପୁର ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଚାରି ଚକିଆ ଓ ଦୁଇଚକିଆ ଯାନ ଅଟକି ରହିଥିଲା। ଏପରିକି ଆମ୍ବୁଲାନ୍ସକୁ ମଧ ଘଣ୍ଟାଏ କାଳ ଅଟକି ରହିବାକୁ ପଡ଼ିଥିଲା। ପୀଠ ନିକଟସ୍ଥ ପହଣା, ଆରଡି, ମୁଆଁ, ଭୂଇଁପୁର, ବାତୋଳ ଆଦି ସ୍ଥାନରେ ସ୍କୁଲ ଛୁଟି ରହିବା ପାଇଁ ଜିଲା ଶିକ୍ଷାଧିକାରୀ ଚିଠି କରିଥିଲେ। କିନ୍ତୁ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ ଛୁଟି ନେଇ କୌଣସି ନିର୍ଦ୍ଦେଶନାମା ନ ଥିଲା। ସ୍କୁଲ ଖୋଲା ଥିବା ଜାଣି ବହୁ ପିଲା ଆସୁଥିବା ବେଳେ ଭିଡ଼ ଦେଖି ଘରକୁ ଫେରିଯାଇଥିଲେ। ଅନ୍ୟପକ୍ଷେ କେତେଜଣ ପିଲା ସ୍କୁଲକୁ ପଶୁଥିବା ବେଳେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ୪ ଜଣ ପିଲା ତଳେ ପଡିଯାଇଥିଲେ। ସେମାନଙ୍କୁ ପ୍ରଥମିକ ଚିକିତ୍ସା କରାଯାଇ ଘରକୁ ପଠାଯାଇଥିଲା। ପୀଠ ପାଖରେ ଥିବା ସମସ୍ତ ବିଦ୍ୟାଳୟ ଛୁଟି ଥିବାବେଳେ ମଠଡିହ ସ୍କୁଲକୁ କାହିଁକି ବନ୍ଦ ପାଇଁ ଚିଠି ହୋଇନି ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି। ଏଥର ପାଳିରେ ଅସଂଖ୍ୟ ମହିଳା କାଉଡ଼ିଆ ଜଳଲାଗି ପାଇଁ ଆସି ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପାଣି ଢାଳିବା କିମ୍ବା ମନ୍ଦିରକୁ ପ୍ରବେଶ କରିବାକୁ ସେମାନଙ୍କ ପାଇଁ ପୃଥକ୍ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ପରବର୍ତ୍ତୀ ସୋମବାରରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ କରାଯିବାକୁ ସେମାନେ ମନ୍ଦିର ପ୍ରଶାସନ ନିକଟରେ ଦାବି କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାରୁ କାଉଡ଼ିଆ ଭକ୍ତମାନେ ମାସ୍କ ପିନ୍ଧିବାକୁ ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଥିଲା। ହେଲେ ପୀଠକୁ ଆସିଥିବା ଜଣେ ବି କାଉଡ଼ିଆ ମାସ୍କ ପିନ୍ଧି ନ ଥିଲେ। ଏପରିକି ପ୍ରଶାସନିକ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କ ମଧ୍ୟରୁ ଅନେକେ ମାସ୍କ ପିନ୍ଧି ନ ଥିବା ଦେଖିବାକୁ ମିଳିଥିଲା।


କାଉଡ଼ିଆମାନେ ଜଳଲାଗି କରିବା ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।

- ଜଳଲାଗି କଲେ ଲକ୍ଷାଧିକ କାଉଡ଼ିଆ
- ମହିଳାଙ୍କ ପାଇଁ ପୃଥକ୍ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ

## ସଂକ୍ଷେପରେ

### ଛାତ୍ରୀଙ୍କୁ ମାଡ଼ ଘଟଣା : ନିଲମ୍ବିତ ଶିକ୍ଷକ ଗିରଫ

**ବାସୁଦେବପୁର/ପଦ୍ମପୁର, ୨୫।୭ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିଦେଇପୁର କ୍ଲଷ୍ଟରର ସୁନାମୁହଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ମାଡ଼ ଘଟଣାରେ ନିଲମ୍ବିତ ଶିକ୍ଷକ କଳ୍ପତରୁ ମଲିକଙ୍କୁ ସୋମବାର ଅପରାହ୍ନରେ ଚାନ୍ଦିମାଳ ବଜାରରୁ ପୋଲିସ ଗିରଫ କରିଛି। ଆହତ ଛାତ୍ରୀଙ୍କ ଅଭିଭାବକଙ୍କ ଅଭିଯୋଗ ଆଧାରରେ ଶିକ୍ଷକ ମଲିକଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା କଷିଆ ସାମୁଦ୍ରିକ ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ସିଂ କହିଛନ୍ତି। ସୂଚନାଯୋଗ୍ୟ, ଶିକ୍ଷକ ମଲିକ ଗତ ଶନିବାର ପାଠ ପଢ଼ାଇବା ବେଳେ ଉକ୍ତ ବିଦ୍ୟାଳୟର ୧୪ ଛାତ୍ରୀଙ୍କୁ ମାଡ଼ ମାରିଥିବା ବେଳେ ୪ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ରବିବାର ତାଙ୍କୁ ବ୍ଲକ ଶିକ୍ଷାଧିକାରୀ ନିଲମ୍ବନ କରିଥିଲେ। ଆହତ ଛାତ୍ରୀଙ୍କ ଅଭିଭାବକଙ୍କ ଅଭିଯୋଗ କ୍ରମେ କଷିଆ ସାମୁଦ୍ରିକ ଥାନାରେ ମାମଲା(ନଂ.୮୯/୨୨) ରୁଜୁ କରାଯାଇଛି।


ଶିକ୍ଷକ କଳ୍ପତରୁ ମଲିକ।

### ବଧୂ ହତ୍ୟା ଅଭିଯୋଗ

**ମୋରଡା,୨୫।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ପରମାନନ୍ଦ ଗ୍ରାମର ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୭୯/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତ ମହିଳା ହେଲେ ଦିଗୀ ଟୁଡୁ(୨୧)। ୨୦୨୦ରେ ସେ ପରମାନନ୍ଦ ଗ୍ରାମର କାନ୍ଦ୍ରା ଟୁଡୁ (୨୩)ଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର ୩ ମାସ ପରେ କାନ୍ଦ୍ରା ଓ ତାଙ୍କ ମା' ଦିଗୀଙ୍କୁ ଯୌତୁକ ଦାବିରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତ ରବିବାର ସନ୍ଧ୍ୟାରେ ଦିଗୀଙ୍କ କୌଣସି କାରଣରୁ ମୃତ୍ୟୁ ହୋଇଥିଲା। ତାଙ୍କ ବାପା ଶୁଳିଆପଦା ଥାନା ଅଧୀନ କପ୍ତିଶୋଳ ଗ୍ରାମର ଡମାନ କିସ୍କୁ ପହଞ୍ଚି ଦିଗୀଙ୍କୁ ସ୍ୱାମୀ କାନ୍ଦ୍ରା ଓ ତାଙ୍କ ମା' ତଣ୍ଟି ଚିପି ହତ୍ୟା କରିଥିବା ମୋରଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ରାଜ ପୁରୋହିତଙ୍କ ପରଲୋକ

**ଖୁଣ୍ଟା,୨୫।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଭଞ୍ଜ ରାଜବଂଶର ରାଜ ପୁରୋହିତ ନିର୍ମଳ ଚନ୍ଦ୍ର ତ୍ରିପାଠୀ (୭୪)ଙ୍କ ପରଲୋକ ଘଟିଛି। ଏନେଇ ଅଞ୍ଚଳରେ ଶୋକଚ୍ଛାୟା ଖେଳିଯାଇଛି। ଗୋପବନ୍ଧୁନଗର ବ୍ଲକ ଟିଟିଆ ପଞ୍ଚାୟତ ଟିଟିଆ ଗ୍ରାମସ୍ଥିତ ବାସଭବନରେ ରାଜପୁରୋହିତ ତ୍ରିପାଠୀ ଗତ ରବିବାର ସନ୍ଧ୍ୟାରେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ ହେଁ ମଧ ରାତିରେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦୀର୍ଘ ୩୦ ବର୍ଷ ଧରି ନିଷ୍ଠାର ସହିତ ଭଞ୍ଜ ବଂଶର ରାଜପୁରୋହିତ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଗଣନାଥ ଠାକୁରମୁଣ୍ଡା ଲାଇନ୍ସ୍ ସଭାପତି

**ଠାକୁରମୁଣ୍ଡା,୨୫।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଲାଇନ୍ସ୍‌ର ସଭାପତି ଭାବେ ବିଜେଡି ସମର୍ଥିତ ଗଣନାଥ ନାୟକ ନିର୍ବାଚିତ ହୋଇଛନ୍ତି। ମୋଟ ୧୫ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ଗଣନାଥଙ୍କୁ ୮ଟି ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଶିଖର ମାଝି ୬ଟି ଭୋଟ ପାଇଥିଲେ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ: ଯୁବକ ଗିରଫ

**ପଦ୍ମପୁର, ୨୫।୭ (ଡି.ଏନ.ଏ.)**

ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗ ପୋଲିସ ତିହିଡ଼ି ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ସୁଧାଂଶୁ ପାଣିଗ୍ରାହୀ ନାମକ ଜଣେ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ମୁତାବକ ସାହାଡ଼ା ପଞ୍ଚାୟତ ହରିପୁର ଗ୍ରାମର ସୁଧାଂଶୁ ଧାମରା-ଭଦ୍ରକ ରେଳପଥରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ଜୁନ୍ ୨୦ରେ ଉକ୍ତ ମହିଳା ବିଲକୁ କାମ କରିବାକୁ ଯାଇଥିଲେ। ସେ ଘରକୁ ଫେରିବା ବେଳେ ରେଳପଥ କଡ଼ରେ ସୁଧାଂଶୁ ତାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣଙ୍କ ତାଙ୍କୁ ଚିହ୍ନିପାରି ନ ଥିଲେ। ଗତ ଶୁକ୍ରବାର ସ୍ଥାନୀୟ ଯୁବକଙ୍କ ମୋବାଇଲରେ ତାଙ୍କ ଫଟୋ ଦେଖି ଚିହ୍ନଟ କରିବା ସହ ସାବରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ଶୋଭେନ କୁମାର ସ୍ୱାଇଁ ଘଟଣାର ତଦନ୍ତ କରି ସୁଧାଂଶୁଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୧୨୩/୨୨) ରୁଜୁ ହୋଇଛି।

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

**ଭଦ୍ରକ ଅଫିସ, ୨୫।୭**

ଦୀର୍ଘଦିନ ଧରି ଲାଗି ରହିଥିବା ଜମିବାଡ଼ି ସମସ୍ୟାକୁ ନେଇ ସମ୍ପର୍କୀୟଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାରେ ନ୍ୟାୟ ପାଇବାରେ ବିଳମ୍ବ ଅଭିଯୋଗ କରି ଏକ ପରିବାର ଲୋକେ ସୋମବାର ଭଦ୍ରକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ପୌରାଞ୍ଚଳର ଗରଦପୁର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମାଝି ଓ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଜମିବାଡ଼ି ବଣ୍ଟନକୁ ନେଇ ସମସ୍ୟା ଲାଗି ରହିଛି। ଗତ ୧୯ ତାରିଖ ଅପରାହ୍ନରେ ପୂର୍ଣ୍ଣଚନ୍ଦ୍ରଙ୍କ ଘରେ ତାଙ୍କ ପୁଅମାନେ ଅନୁପସ୍ଥିତ ଥିବା ସମୟରେ ଅପରପକ୍ଷ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ପୂର୍ଣ୍ଣଚନ୍ଦ୍ରଙ୍କ ସମେତ ତାଙ୍କ ପରିବାରର ୪ଜଣ ଆହତ ହୋଇଥିଲେ। ଏନେଇ ପୂର୍ଣ୍ଣଚନ୍ଦ୍ରଙ୍କ ବୋହୂ ସବିତା ପୁରୁଣାବଜାର ଥାନାରେ ଅଭିଯୋଗ କରିଥିଲେ। ଥାନାରେ ମାମଲା (ନଂ.୧୭୨/୨୨) ରୁଜୁ ହୋଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ସାବିତ୍ରୀ ପରିବାର ସହ ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ଅଭିଯୋଗ କରିଛନ୍ତି।

## ଅଭିଯୋଗର ସମାଧାନ ହେବ: ଜିଲାପାଳ

**ବନ୍ତ,୨୫।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ଯୋଗଦେଇ ସମସ୍ତ ଅଭିଯୋଗକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ। ଆବାସ, ଭତ୍ତା, ବାତ୍ୟା ସହାୟତା, ଧାନ ବିକ୍ରି, ନୟନଯୋରୀ ଖନନ, ଜମି ସମସ୍ୟା, ଜଳ ନିଷ୍କାସନ, ବିଦ୍ୟାଳୟକୁ ପୋଷାକ ଯୋଗାଣ, ରାଶନ କାର୍ଡ ଓ ସାମଗ୍ରୀ ଯୋଗାଇବା, ସିଆର୍‌ପି ଚୟନ, ସୂଚନା ଅଧିକାର ଆଇନରେ ତଥ୍ୟ ପ୍ରଦାନ, ବେଆଇନ ମଦ ବିକ୍ରି ଆଦି ସମ୍ପର୍କିତ ୫୪ ଅଭିଯୋଗ ଆସିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, ଉପଜିଲାପାଳ ମନୋଜ ପାତ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଆସିଷ୍ଟାଣ୍ଟ କଲେକ୍ଟର ବସନ୍ତ କୁମାର ଲେଙ୍କା, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, ବିଡିଓ ଶୁଭଦର୍ଶନ ମିଶ୍ର, ତହସିଲଦାର ସରୋଜକାନ୍ତ ନାୟକ, ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ୍ତ କୁମାର ଦାସ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଶୁଭେନ୍ଦୁ କୁମାର ମିଶ୍ର, ଏବିଡିଓ ନିଶିକାନ୍ତ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

## ଟ୍ରକ୍‌ମାଲିକ ସଂଘ ପକ୍ଷରୁ ନବନିର୍ବାଚିତ ରାଷ୍ଟ୍ରପତିଙ୍କୁ ଶୁଭେଚ୍ଛା


ଶୁଭେଚ୍ଛା କାର୍ଯ୍ୟକ୍ରମରେ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

**ଯୋଡ଼ା,୨୫।୭ (ଡି.ଏନ.ଏ.)**

ଦେଶର ପଞ୍ଚଦଶ ରାଷ୍ଟ୍ରପତି ଭାବେ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ସୋମବାର ଶପଥ ନେଇଛନ୍ତି। ସଂସଦ ଭବନ ସେଣ୍ଟ୍ରାଲ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀଙ୍କୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ଏନ.ଭି. ରମନ୍ନା ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ପରିପ୍ରେକ୍ଷୀରେ ଯୋଡ଼ା ଟ୍ରକ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ସଂଘ ସଭାଗୃହରେ ଗାଡ଼ି ମାଲିକ, ବୁଦ୍ଧିଜୀବୀ ମାନଙ୍କୁ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସାଗତ ଓ ଶୁଭେଚ୍ଛା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ବରିଷ୍ଠ ଖବରଦାତା ପ୍ରକାଶ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନନୀୟା ମୁର୍ମୁଙ୍କ ବିଷୟରେ ସମ୍ୟକ ସୂଚନା ଦେଇଥିଲେ। କବି ସାରଦା ଆଚାର୍ଯ୍ୟ ଯୋଗ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମ, ରାଜନୀତି ବିଷୟ ରେ ଉପସ୍ଥିତ ଗାଡ଼ି ମାଲିକମାନଙ୍କୁ ଜଣାଇଥିଲେ। ସଂଘ ସମ୍ପାଦକ ବାରିକ ଭାରତ ଗଣତନ୍ତ୍ରର ତଥା ଓଡ଼ିଶା ମାଟି ପାଇଁ ଏକ ଐତିହାସିକ ଓ ଗର୍ବର ଦିନ ବୋଲି କହି ତାଙ୍କୁ ସାଗତ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନେକ ଗାଡ଼ି ମାଲିକ ଉପସ୍ଥିତ ରହିବା ସହ ସଂଘର ସମସ୍ତ କର୍ମକର୍ତ୍ତା ଜିତେନ୍ଦ୍ର ଜୟଶାଳ, ରାଜେଶ ରୋଶନ, ବିଜୁ ଆପଟ୍ଟ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ପୂଜ୍ୟପୂଜା ସଂସଦ ପକ୍ଷରୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

**ଖଇରା, ୨୫।୭ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଗୋବିନ୍ଦପୁର ପଞ୍ଚାୟତ ଅଧୀନ ପଳାସପୁର ହାଇସ୍କୁଲରେ ଉତ୍ତୀର୍ଣ୍ଣ ୭୫ଜଣ ଛାତ୍ରୀଛାତ୍ର ତଥା ଖଇରା ବ୍ଲକସ୍ତରୀୟ ୫ଜଣ ଟପ୍ପରଙ୍କୁ ପଳାସପୁର ହାଇସ୍କୁଲରେ ସମ୍ବର୍ଦ୍ଧିତ କରାଯାଇଛି । ପୂଜାପୁଜା ସଂସଦ ଆନୁକୂଲ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ସୁଦାମ ଚରଣ ରାଉତ ପୌରୋହିତ୍ୟ କରିଥିଲେ। ସମ୍ପାଦକ ରାମଚନ୍ଦ୍ର ଦାସ ବିବରଣୀ ପାଠ କରିଥିଲେ । କଟକ ବଡ଼ମେଡିକାଲର ଅବସରପ୍ରାପ୍ତ ପ୍ରଫେସର ଡା ଶଶିଭୂଷଣ ରାଉତ ମୁଖ୍ୟଅତିଥି, ଗୋପାଳପୁର ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା, ଖଇରା ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପାଢୀ, ସରପଞ୍ଚ ରଶ୍ମିବାଳା ବେହେରା, ସମିତିସଭ୍ୟା ପାର୍ବତୀ ବାରିକ, ଗୋବିନ୍ଦପୁର ପରିଚାଳନା ବୋର୍ଡ ସଭାପତି ରବୀନ୍ଦ୍ର ବେହେରା, ସୁବାସ ସାମଲ ଓ ନିରୁପମା ସାମଲ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ବ୍ୟବସାୟୀ ମୁରଲୀଧର ବାରିକଙ୍କ ସହଯୋଗରେ ବିଦ୍ୟାଳୟର ୭୫ଜଣ ଛାତ୍ରୀଛାତ୍ର ଓ ସୁବାଷ ସାମଲଙ୍କ ସହଯୋଗରେ ବ୍ଲକସ୍ତରୀୟ ୫ଜଣ ଟପ୍ପର ବର୍ଷା ମହାପାତ୍ର, ଗିରିଜା ଶଙ୍କର ପଣ୍ଡା, ଜୀବନଜ୍ୟୋତି ରଥ, ଜ୍ୟୋତ୍ସ୍ନାରାଣୀ ଓଝା, ନିର୍ମାଲ୍ୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପୂଜ୍ୟପୂଜା ସଂସଦ ଏବଂ କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦ ତରଫରୁ ଡା ରାଉତଙ୍କୁ ମାନପତ୍ର ଉତ୍ତରୀୟ ପ୍ରଦାନ କରାଯାଇଥିଲା।

## ଅନ୍‌ଲାଇନ ପରୀକ୍ଷା ଦାବି

**ବାରିପଦା ଅଫିସ, ୨୫।୭**

ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଛାତ୍ରୀ ନିବାସରେ କରୋନା ସଂକ୍ରମଣ ହେବା ନେଇ ଛାତ୍ରୀମାନେ ଭୟଭୀତ ଅଛନ୍ତି। ଏହାକୁ ନେଇ ୪ଛାତ୍ରୀ ନିବାସର ଅନ୍ତେବାସୀ ଅନ୍‌ଲାଇନ ଯୋଗେ ପରୀକ୍ଷା ଓ କ୍ଲାସ କରିବା ପାଇଁ ନିୟନ୍ତ୍ରକଙ୍କ ଜରିଆରେ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ନିବେଦନ କରିଛନ୍ତି । ଛାତ୍ରୀ ନିବାସରେ ରହୁଥିବା ୧୦୧ଜଣଙ୍କ ମଧ୍ୟରୁ ୧୮ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସେଥିମଧ୍ୟରୁ ଜଣେ ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ସଂକ୍ରମିତ ଛାତ୍ରୀମାନେ ୪ର୍ଥ ଓ ୬ଷ୍ଠ ସେମିଷ୍ଟର ପରୀକ୍ଷାରେ ବସିରହି ପରୀକ୍ଷା ଦେବା ସମ୍ଭବ ନ ଥିବା ବେଳେ ସୁସ୍ଥଥିବା ଛାତ୍ରୀମାନେ ସଂକ୍ରମଣରୁ ବର୍ତ୍ତିବା ପାଇଁ ଅନଲାଇନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ଦୋବଲ ବସ୍‌ଷ୍ଟାଣ୍ଟରେ ଲାଗିଲା ସତର୍କ ଫଳକ

**ଧାମନଗର,୨୫।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ବସ୍‌ଷ୍ଟାଣ୍ଡ ସୀମା ନିର୍ଦ୍ଧାରଣ ଘଟଣାରେ ତହସିଲ ପକ୍ଷରୁ ସୋମବାର ସନ୍ଧ୍ୟାରେ ଏକ ସତର୍କ ଫଳକ ଲଗାଯାଇଛି। ପ୍ରଶାସନିକ ସ୍ତରରେ ପୂର୍ବ ଆଲୋଚନା ଅନୁଯାୟୀ ଏହି ଫଳକ ଲଗାଯାଇ ବସ୍‌ଷ୍ଟାଣ୍ଡରେ ବସ୍ ବ୍ୟତୀତ ଅନ୍ୟ ଗାଡ଼ି ଓ ଉଠାଦୋକାନ ନ ରଖିବାକୁ ଧାମନଗର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଥାନାଧିକରୀ ବନମାଳି ବାରିକ ପ୍ରମୁଖ ଲୋକଙ୍କୁ ତାଗିଦ୍ କରିଛନ୍ତି। ଏହାକୁ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷେ ଆଲୋଚନା ଅନୁଯାୟୀ ଦୋବଲ ବସ୍‌ଷ୍ଟାଣ୍ଡ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ତହସିଲଦାରଙ୍କୁ ଭେଟି କାଗଜପତ୍ର ପ୍ରଦାନ କରିଛନ୍ତି। ଜିଲା ପ୍ରଶାସନର ପରାମର୍ଶ କ୍ରମେ ଆସନ୍ତା ଅଗଷ୍ଟ ୧୫ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଏହାମଧ୍ୟରେ ସୀମା ନିର୍ଦ୍ଧାରଣ କରା ନ ଗଲେ ୧୬ ତାରିଖଠାରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମଞ୍ଚ ସଭାପତି ଅମିୟ ମହାନ୍ତି ପ୍ରକାଶ କରିଛନ୍ତି।

## ୨୦ କୁଇଣ୍ଟାଲ ଚୋରା କୋଇଲା ଜବତ

**ବେପାରୀ ସମେତ ୨ ଗିରଫ**

**ପଦ୍ମପୁର, ୨୫।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପାଳିଆହାଟ ଆର୍‌ପିଏଫ୍ ଓ ତିହିଡ଼ି ପୋଲିସ ରବିବାର ଅପରାହ୍ନରେ ଚଢ଼ାଉ କରି କୋଇଲା ମାଫିଆ ଭଗବାନ ଦାସ (ବାୟା)ଙ୍କୁ ଗିରଫ କରିଛି। ତାଙ୍କ ଘରୁ ୪୦ ବସ୍ତା (ପ୍ରାୟ ୨୦ କୁଇଣ୍ଟାଲ) ଚୋରା କୋଇଲା ଜବତ କରାଯାଇଛି। ସୂଚନା ଅନୁଯାୟୀ, ପୂର୍ବରୁ ଭଗବାନ ନାମରେ ତିହିଡ଼ି ଥାନାରେ ୧୦ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ନିକଟରେ ଏକ ମାମଲାରେ ସେ ଜେଲରେ ଥିବାବେଳେ ସର୍ତ୍ତମୂଳକ ଜାମିନରେ ଆସିଥିଲେ। ଏହାପରେ ସେ ପୁଣି ଧାମରାରୁ ଆସୁଥିବା ହାର୍ଡ଼କୋକ କୋଇଲାକୁ ସଂଗ୍ରହ କରି ବ୍ୟବସାୟ ଆରମ୍ଭ କରିଥିଲେ। ଖବରପାଇ ଆର୍‌ପିଏଫ୍ ଓ ତିହିଡ଼ି ପୋଲିସ ତାଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଆର୍‌ପିଏଫ୍ ଏକ ମାମଲା ରୁଜୁ କରିବା ସହ ରବିବାର ସନ୍ଧ୍ୟାରେ ତାଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଚୋରା କୋଇଲା କାରବାରରେ ମଧ୍ୟସ୍ଥି କରୁଥିବା ଜଣେ ଦଲାଲଙ୍କୁ ସାବରଙ୍ଗ ପୋଲିସ ଗିରଫ ପୂର୍ବକ କୋର୍ଟ ଚାଲାଣ କରିଛି। ସେ ହେଲେ ଗୋରାମାଟି ପଞ୍ଚାୟତ ତୋରଣପଦା ଗ୍ରାମର କୃପାସିନ୍ଧୁ ଦାସ। ତିହିଡ଼ି ଥାନାରେ ତାଙ୍କ ନାଁରେ ବିଭିନ୍ନ ଆପରାଧିକ ମାମଲା ରହିଥିବା ବେଳେ ବେଆଇନ ଅସ୍ତ୍ର ରଖିଥିବା ନେଇ ମାମଲା (ନଂ. ୩୭୧/୨୨) ରହିଛି। ସେହିପରି ସାବରଙ୍ଗ ଅଞ୍ଚଳର କୋଇଲା ବେପାରୀଙ୍କୁ ସହାୟତା କରିବା, ଧମକ ଦେବା ସହ ଅନ୍ୟାନ୍ୟ ଆପରାଧିକ ମାମଲା ସାବରଙ୍ଗ ଥାନାରେ ରହିଛି। ଏନେଇ ଥାନାରେ ଏକ ମାମଲା (ନଂ.୫୯/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶୋଭେନ କୁମାର ସ୍ୱାଇଁ କହିଛନ୍ତି।

# ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

**ମୋରଡ଼ା,୨୫।୭(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ୨୦ଟି ପଞ୍ଚାୟତରୁ ଖେଳାଳିମାନଙ୍କୁ ଚିହ୍ନଟ କରିବା ପାଇଁ ୩ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଶୀର୍ଷାପାଳ ଫୁଟବଲ ପଡ଼ିଆରେ ଆରମ୍ଭ ହୋଇଛି। ସମସ୍ତ ସରପଞ୍ଚ ନିଜ ନିଜ ଅଞ୍ଚଳର କୃତି ଖେଳାଳିଙ୍କୁ ଚିହ୍ନଟ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରାଇଛନ୍ତି। ପ୍ରଥମ ଲିଗ୍ ମ୍ୟାଚ ବରକନ୍ଦ ଓ ଭାଲିଆଡିହା ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଲିଆଡିହା ପଞ୍ଚାୟତ ବିଜୟ ଲାଭ କରିଥିଲା। ଚିକିଟାମାଟିଆ ଓ ଚିତ୍ରଡା ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଚିକିଟାମାଟିଆ ପଞ୍ଚାୟତ ବିଜୟୀ ହୋଇଥିବା ବେଳେ ଦାନ୍ତିଆମୁହାଁ ଓ ଧଡ଼ାସାହି ପଞ୍ଚାୟତ ମ୍ୟାଚରେ ଧଡ଼ାସାହି ପଞ୍ଚାୟତ ବିଜୟୀ ହୋଇଥିଲା। ଦୁର୍ଗାପୁର ଓ ଗଡିଆ ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଦୁର୍ଗାପୁର ପଞ୍ଚାୟତ ବିଜୟୀ ହୋଇଥିଲା। ସେମିଫାଇନାଲକୁ ଚିକିଟାମାଟିଆ ଓ ଦୁର୍ଗାପୁର ପଞ୍ଚାୟତ ଉନ୍ନୀତ ହୋଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହଳଦୀପାଳ ସରପଞ୍ଚ ମାଳତୀ ମାର୍ଣ୍ଡି, ଭାଲିଆଡିହା ସରପଞ୍ଚ ସୌଦାମିନୀ ସିଂ, ଦୁର୍ଗାପୁର ସରପଞ୍ଚ ସୁମିତ୍ରା ଟୁଡୁ, ଚିତ୍ରଡା ସରପଞ୍ଚ ବାଳକ ମାର୍ଣ୍ଡି, ଧଡ଼ାସାହି ସରପଞ୍ଚ ତିଲକା ମାର୍ଣ୍ଡି, ନୂଆଗାଁ ସରପଞ୍ଚ ଦାସମାଥ ସୋରେନ, ଗଡ଼ିଆ ସରପଞ୍ଚ ବାସନ୍ତୀ ଟୁଡୁ ଯୋଗ ଦେଇଥିଲେ। ମୋରଡ଼ା ଜିପିଓ ସୁଶାନ୍ତ କୁମାର ରାଉଳଙ୍କ ପରିଚାଳନାରେ ଖେଳ ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ସଭାକର ମହାନ୍ତ ଓ ପଦ୍ମଲୋଚନ ଦାସ ମ୍ୟାଚ ପରିଚାଳନା କରିଥିଲେ।


ଅଂଶଗ୍ରହଣ କରିଥିବା ଖେଳାଳି।

# ବିକଶିତ ଅଞ୍ଚଳରେ ବି ଜନନୀ ଯନ୍ତ୍ରଣା

**ଯୋଡ଼ା,୨୫।୭ (ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ଏକାଧିକ ଖଣି ଖାଦାନ ଓ କାରଖାନା ରହିଥିବା ବେଳେ ସରକାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ଲାଭ କରୁଛନ୍ତି। ଏହା ବ୍ୟତୀତ ଜିଲା ଖଣିଜ ପାଣ୍ଠି ( ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ )ରେ ବହୁ ଟଙ୍କା ଗଚ୍ଛିତ ହୋଇ ରହିଥିଲେ ସୁଦ୍ଧା ଏବେ ବିବିକଶିତ ଅଞ୍ଚଳରେ ଜନନୀ ଯନ୍ତ୍ରଣା ଭଳି ଘଟଣା ଦେଖିବାକୁ ମିଳିଛି। ପକ୍କା ସଡ଼କ ନ ଥିବାରୁ ସ୍ୱାସ୍ଥ୍ୟସେବା ପାଇବାକୁ ଗର୍ଭବତୀଙ୍କୁ ଖଟିଆରେ ବୁହାଯାଉଛି। ଏଭଳି ଘଟଣା ଘଟିଛି ଯୋଡ଼ା ବ୍ଲକ ବଲାଣି ପଞ୍ଚାୟତ ଲୋଟାପାଣି ଗ୍ରାମରେ।

ପକ୍କା ସଡକ ନ ଥିବାରୁ ଗ୍ରାମକୁ ଜନନୀ ଏକ୍ସପ୍ରେସ ପହଞ୍ଚି ପାରିଲାନି। ପ୍ରାୟ ଏକ ସପ୍ତାହ ତଳେ ଜଣେ ଗର୍ଭବତୀଙ୍କୁ ଦୀର୍ଘ ୨ କି.ମି. ଖଟିଆରେ ବୁହା ହେବା ପରେ ଆମ୍ବୁଲାନ୍ସର ସୁବିଧା ଯୋଗାଇ ଦିଆଯାଇଥିଲା ବୋଲି ରବିବାର ଏବିଷୟରେ ଜଣାପଡ଼ିଛି। ସୂଚନା ଅନୁସାରେ ଲୋଟାପାଣି ଗ୍ରାମର ବିପିନ ମୁଣ୍ଡାଙ୍କ ସ୍ତ୍ରୀଙ୍କର ଯନ୍ତ୍ରଣା ଆରମ୍ଭ ହେବା ପରେ ସେ ଜନନୀ ଏକ୍ସପ୍ରେସର ସହାୟତା ଲୋଡ଼ିଥିଲେ। ତେବେ କଚ୍ଚା ଓ କାଦୁଅ ରାସ୍ତାରେ ଆମ୍ବୁଲାନ୍ସ ତାଙ୍କ ଘର ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା। ଶେଷରେ ଗାଁ ମୁଣ୍ଡରେ ଆମ୍ବୁଲାନ୍ସଟି ଅଟକି ଯାଇଥିଲା। ଗ୍ରାମବାସୀ ଗର୍ଭବତୀଙ୍କୁ ଖଟିଆରେ ବୋହିକି ସେଠାରେ ପହଞ୍ଚାଇବାପରେ ସେ ସ୍ୱାସ୍ଥ୍ୟ ସେବା ପାଇପାରିଥିଲେ। ନିର୍ବାଚିତ ଜନ ପ୍ରତିନିଧି ନିଜ ଅଞ୍ଚଳ ପ୍ରତି ଆନ୍ତରିକତା ଦେଖାଇଲେ ଓ ଜିଲା ପ୍ରଶାସନ ଅଧିକାରୀ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ବାସ୍ତବରେ ଅଞ୍ଚଳ ବିକଶିତ ହୋଇ ପାରିବ ବୋଲି ଜନ ସାଧାରଣରେ ମତ ପ୍ରକାଶ ପାଇଛି।


ଖଟିଆରେ ବୋହି ଗର୍ଭବତୀଙ୍କୁ ଆଣିବା ପରେ ଆମ୍ବୁଲାନ୍ସରେ ନିଆଯାଉଛି।

**୨କି.ମି. ଖଟିଆରେ ବୁହା ହେଲେ ଗର୍ଭବତୀ**

## ୨ ମଦ ବେପାରୀ ଗିରଫ

କୁଆମରା,୨୫।୭(ଡି.ଏନ.ଏ.): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ମୋଟ ୧୭ ଲିଟର ଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ ବଡ଼ସାହି ଥାନା ଅଧୀନ ଅସ୍ତୁଝରଣ ଗ୍ରାମର ଗୋପୀନାଥ ବାରିକ ଓ ସାନଖୁଣ୍ଟା ଗ୍ରାମର ଦୀନକୃଷ୍ଣ ବେହେରା। ଉଭୟଙ୍କୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଛି।

# ରେଳରୋକୋ ଲାଗି ବାଧା ଦେବାରୁ ଉତ୍ତେଜନା

ବାଲେଶ୍ୱର ଅଫିସ, ୨୫।୭

ବାଲେଶ୍ୱର ଜିଲା ସଦର ଥାନା ଅନ୍ତର୍ଗତ ବାଙ୍ଗରାଠାରେ ଏକ ରେଳଷ୍ଟେଶନ ନିର୍ମାଣ ସହ ପାସେଞ୍ଜର ଟ୍ରେନ ରହଣି ଏବଂ ରେଳଫାଟକ ଉପରେ ଓଭରବ୍ରିଜ୍ ନିର୍ମାଣ ଦାବିରେ ସାମାଜିକ ନ୍ୟାୟ ଅଧିକାର ମଞ୍ଚ ପକ୍ଷରୁ ୫ଘଣ୍ଟିଆ ରେଳରୋକୋ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ରେଳୱେ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯିବାରୁ ସୋମବାର ମଞ୍ଚ ପକ୍ଷରୁ ନେତୃବୃନ୍ଦ ରେଳେରୋକୋ କରିବାକୁ ଯାଉଥିବା ବେଳେ ରେଲୱେ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇ ଧାରଣାସ୍ଥଳକୁ କଡନ କରି ୧୪୪ ଧାରା ଲାଗୁ କରାଯାଇଥିଲା। ଆନ୍ଦୋଳନକାରୀଙ୍କୁ ବାଧା ଦିଆଯିବାରୁ କିଛିସମୟ ଚାପା ଉତ୍ତେଜନା ଲାଗିରହିଥିଲା। ରେଲୱେ ଖଡ଼ଗପୁର ଡିଭିଜନର ଏସିଏମ୍ ଆଶୁତୋଷ କୁମାର ସିଂହ, ଆରପିଏଫ କମାଣ୍ଡର ଅଶ୍ୱନୀ ସିଂହ, ବାଲେଶ୍ୱର ରେଲୱେ ଥାନା ଅଧିକାରୀ ଦୀପକ କୁମାର, ଷ୍ଟେଶନ ମ୍ୟାନେଜର ବିଜଶ କୁମାର ବେର, ଡିଟିଆଇ ଆଶିଷ କୁମାର ଖୁଣ୍ଟିଆ ଯଥାଶୀଘ୍ର ଷ୍ଟେଶନ ନିର୍ମାଣ ପାଇଁ ଡିଆରଏମ୍ ଖଡ଼ଗପୁରଙ୍କ ସହ ଆଲୋଚନା କରିବା ପାଇଁ ୫ଜଣ ନେତୃବୃନ୍ଦଙ୍କୁ ଆମନ୍ତ୍ରଣ କରିଥିଲେ।



ରେଳରୋକୋ ସମୟରେ ପୋଲିସ ଓ ଆନ୍ଦୋଳନକାରୀ ସାମ୍ନାସାମ୍ନି।

### ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ

ଏହାପରେ ଆନ୍ଦୋଳନ ସ୍ଥଗିତ ରହିଥିଲା।

ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ଜିଲା ପରିଷଦ ସଭ୍ୟା ବନଲତା ସେଠୀ, ଖାନନଗର ସରପଞ୍ଚ ଅଞ୍ଜନ କୁମାର ନାୟକ, ଗେଙ୍ଗୁଟି ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ଘନଶ୍ୟାମ ପଣ୍ଡା, ମଙ୍ଗ ସିଂ, ରବୀନ୍ଦ୍ର ସେଠୀ, ସତ୍ୟନାରାୟଣ ଆଚାର୍ଯ୍ୟ, ଜିତେନ୍ଦ୍ର ରାଉତ, ମନ୍ମଥ ମହାନ୍ତି, ଶ୍ୟାମସୁନ୍ଦର ବାରିକ, କରୁଣାକର ବେହେରା, ରାଧାକୃଷ୍ଣ ବେହେରା, ଗୌରହରି ନାୟକ, ସୁରେନ୍ଦ୍ର ମହାନ୍ତି ଓ କରୁଣାକର ନାୟକ ପ୍ରମୁଖ ଆନ୍ଦୋଳନକୁ ସଫଳ କରାଇବାରେ ସହଯୋଗ କରିଥିଲେ। କୁରୁଡା ଛକରୁ ବାଙ୍ଗରା, ସାଉଁ, ବନ୍ଧନପୁର, ପାଛୁଡିଆ, ସାତସଙ୍ଗ, ଗେଙ୍ଗୁଟି ଲୋକ ଯାଆସ କରୁଥିବା ବେଳେ ଫ୍ରୁଫ୍ ରୋଡର ତାରିଣୀ ଛକ ଦେଇ ବାଲେଶ୍ୱର ସହରକୁ ପ୍ରତିଦିନ ହଜାର ହଜାର ଲୋକ ଉକ୍ତ ରାସ୍ତାରେ ଯିବା ଆସିବା କରନ୍ତି। ବାଙ୍ଗରା ଲେଭଲକ୍ରସିଂଠାରେ ବାରମ୍ବାର ରେଳ ଦୁର୍ଘଟଣାରେ ବହୁତ ଲୋକ ପ୍ରାଣ ହରାଇଥିବାରୁ ସ୍ଥାନୀୟ ଲୋକମାନେ ଏକ ଓଭରବ୍ରିଜ ନିମାଣ ପାଇଁ ଦାବି କରି ଆସୁଛନ୍ତି। ବିଭାଗୀୟ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଲୋକମାନେ ଅନ୍ଦୋଳନର ପନ୍ଥା ଆପଣାଇଥିବା ସଙ୍ଗଠନ ସଭାପତି ବିଧାନ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି।

# ଚାଷଜମିରୁ ଜଳ ନିଷ୍କାସନ ଦାବିରେ ଆମରଣ ଅନଶନ

**ଜଳେଶ୍ୱର, ୨୫।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକନାମ୍ପୋ ଫାଣ୍ଡିଠାରେ ୫୭ନଂ. ରାଜ୍ୟରାଜପଥର ଏକ ବଡପୋଲ ଥିଲେ ମଧ୍ୟ ଜଳ ନିଷ୍କାସନର ସୁବିଧା ନାହିଁ। ଫଳରେ ବିସ୍ତୀର୍ଣ୍ଣ ଅଞ୍ଚଳରେ ଧାନତଳି ଓ ଚାଷ ନଷ୍ଟ ହୋଇଯାଉଛି। ଚାଷୀମାନେ ୨ବର୍ଷ ଧରି ବିଭିନ୍ନ ସମୟରେ ଜଳେଶ୍ୱର ତହସିଲଦାରଙ୍କ ନିକଟରେ ଆବେଦନ କରି ସୁଫଳ ପାଇନାହାନ୍ତି। ଏହାର ପ୍ରତିବାଦ କରି ଭାଜପା ନେତୃତ୍ୱରେ ଚାଷୀମାନେ ଅନଶନରେ ବସିଛନ୍ତି। ଜଗଦୀଶ ପ୍ରଧାନ, ବିଜୟ କୁମାର ପାତ୍ର, ଜଗଦୀଶ ବାରିକ, ସୁନୀତା ପ୍ରଧାନ, ସୁମତି ଦେ, ଉମାଶଙ୍କର ମହାପାତ୍ର, ସୁକାନ୍ତ ଦାସ, ଜ୍ୟୋତିବ୍ରହ୍ମ ଦେ, କାଳିଚରଣ ନାୟକ, ଜ୍ୟୋତିପ୍ରକାଶ ପାତ୍ର, ତରଣୀ ଦାସ, ଗଣେଶ ଦାସ, ଗୌତମ ଦାସ, ରାଜୁ ଦାସ, ତପନ ମହାପାତ୍ର, ବାପି ଦାସ ପ୍ରମୁଖ ଅନଶନରେ ବସିଛନ୍ତି। ସହକାରୀ ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ପଣ୍ଡା ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ନିଷ୍କର୍ସ ବାହାରିପାରିନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିଥିବା ଜଣାଯାଇଛି।

# ଅପହୃତ ଯୁବକ ଉଦ୍ଧାର, ଅପହରଣକାରୀ ଥାନାରେ ଅଟକ

କେନ୍ଦୁଝର ,୨୫।୭(ସ୍ୱ.ପ୍ର.)

କେନ୍ଦୁଝର ଟାଉନ ଥାନା ଅଧୀନ ମାଇନିଙ୍ଗ ଅଞ୍ଚଳରୁ ଜଣେ ଯୁବକଙ୍କୁ ତିନି ଅଭିଯୁକ୍ତ ଅପହରଣ କରିନେଇଥିବା ତାଙ୍କ ବାପା ତାରା ପ୍ରସନ୍ନ ମହାନ୍ତି ଥାନାରେ ଅଭିଯୋଗ କରିଥିଲେ। ଟାଉନ ପୋଲିସ ଅପହୃତ ଯୁବକଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ ଗତ ରବିବାର ବିଳମ୍ବିତ ରାତିରେ ତାରା ପ୍ରସନ୍ନ ମହାନ୍ତିଙ୍କ ପୁଅ ନିକଟକୁ କଥାବାର୍ତ୍ତା ହେବା ପାଇଁ ୩ଜଣ ପିଲା ଗୋଟିଏ କାର୍‌ରେ ଆସିଥିଲେ। କିନ୍ତୁ ତାଙ୍କ ପୁଅ ଆଶୁତୋଷଙ୍କୁ ଘରେ ନ ପାଇ ତାଙ୍କୁ ଫୋନ ଯୋଗେ ସମ୍ପର୍କ କରିଥିଲେ। ଆଶୁତୋଷ କେନ୍ଦୁଝର ସହର ନିକଟବର୍ତ୍ତୀ ବିଗ ବଜାର ସମ୍ମୁଖରେ ଅଛନ୍ତି ବୋଲି କହିବାରୁ ୩ଅଭିଯୁକ୍ତ ସେହି ସ୍ଥାନରେ ପହଞ୍ଚି ତାଙ୍କୁ ଜବରଦସ୍ତି ଉଠାଇ ନେଇଥିଲେ। ନରଣପୁର ନିକଟରେ ପହଞ୍ଚି ସେମାନେ ଫୋନ କରି ଆଶୁତୋଷଙ୍କୁ ଭୁବନେଶ୍ୱର ନେଇଯାଉଥିବା କହିଥିଲେ। ପରିବାର ଲୋକେ ତାଙ୍କୁ ଯେତେ ଗୁହାରି କରିଥିଲେ ହେଁ ସେମାନେ ଶୁଣି ନ ଥିଲେ। ଭୁବନେଶ୍ୱର ଆସି କଥାବାର୍ତ୍ତା ହେବାକୁ କହିଥିଲେ। ଏନେଇ ପରିବାର ଲୋକ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସେମାନଙ୍କୁ ଟୋଲ ଗେଟ ନିକଟରେ ଅଟକାଇ ଥାନାକୁ ଆଣି ପଚରାଉଚରା ଜାରି ରଖିଛି। ଟଙ୍କା କାରବାରକୁ ନେଇ ଏଭଳି ଘଟଣା ଘଟିଥିବା ପୋଲିସ କହିଛି। ତଦନ୍ତର ସତ୍ୟାସତ୍ୟ ଜଣାପଡ଼ିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି।

# ବିଦ୍ୟାଳୟ ପରିସରରେ ଚିଙ୍ଗୁଡ଼ି ଝୋଳ

**ଭିଡିଓ ଭାଇରାଲ**

**ପଦ୍ମପୁର, ୨୫।୭ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଞ୍ଚଳର ଏକ ବିଦ୍ୟାଳୟ ପରିସରରେ ଚିଙ୍ଗୁଡ଼ି ଝୋଳ କରି ଶିକ୍ଷୟିତ୍ରୀ ଶିକ୍ଷକ ଖାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏନେଇ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଣୟ କୁମାର ନାୟକ ତଦନ୍ତ ପାଇଁ ସୋମବାର ସିଆର୍‌ସିସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ଶୁକ୍ରବାର ମଧ୍ୟାହ୍ନଭୋଜନ ଦିଆଯାଉଥିବା ସମୟରେ ଜଣେ ଅଭିଭାବକ ଉକ୍ତ ସ୍କୁଲ ପରିସରକୁ ଯାଇଥିଲେ। ଛାତ୍ରୀଛାତ୍ରଙ୍କୁ ଖାଇବା ପାଇଁ ଭାତ ଓ ସୋୟାବିନ ତରକାରୀ ଦିଆଯାଇଥିଲା। ଅଭିଭାବକ ଜଣଙ୍କ ବିଦ୍ୟାଳୟର ଏକ କୋଠରୀରେ ଶିକ୍ଷୟିତ୍ରୀ ଶିକ୍ଷକ ଚିଙ୍ଗୁଡ଼ି ତରକାରୀ ଖାଉଥିବା ଦେଖି ମୋବାଇଲରେ ରେକର୍ଡିଂ କରିଥିଲେ। ବିଦ୍ୟାଳୟ ପରିସରରେ ଭୋଜି କରି ଖାଇବାକୁ ଅନୁମତି କିଏ ଦେଇଛନ୍ତି ବୋଲି ସେ ପଚାରିବାରୁ ଆମେ ଖାଇଲେ ପିଲାଙ୍କୁ ପାଠ ପଢ଼ାଇବୁ ଜଣେ ଶିକ୍ଷୟିତ୍ରୀ ଉତ୍ତର ଦେଇଥିଲେ।

# ପଞ୍ଚଲିଙ୍ଗେଶ୍ୱର ପୀଠରେ ଜଳାଭିଷେକ

ସୋର, ୨୫।୭(ଡି.ଏନ.ଏ.)-ଶ୍ରାବଣ ମାସର ୨ୟ ସୋମବାର ସୋର ଗୋପୀନାଥପୁର ପଞ୍ଚାୟତ ଅଧୀନ ଦେବଗିରି ପାହାଡତଳି ଝରଣାରୁ ଶ୍ରଦ୍ଧାଳୁମାନେ ଶ୍ରାବଣୀଭାର ନେଇ ନୀଳଗିରି ପଞ୍ଚଲିଙ୍ଗେଶ୍ୱରରେ ଜଳାଭିଷେକ କରିଛନ୍ତି। ଶତାଧିକ କାଉଡିଆ ଜଳ ଭାର ନେଇ ମଙ୍ଗଳପୁରସ୍ଥିତ ଗୋପେଶ୍ୱର ମନ୍ଦିର ପରିସରରେ ପହଞ୍ଚିଥିଲେ। ସୋମବାର ଭୋର ସମୟରେ ସେମାନେ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଜଳାଭିଷେକ କରିଛନ୍ତି। କମିଟି ସଭାପତି ସଞ୍ଜିତ କୁମାର ମହାନ୍ତି, ଉପସଭାପତି ଚନ୍ଦ୍ରମୋହନ ରଥ, ସମ୍ପାଦକ ମନୋରଞ୍ଜନ ରାଉଳ, କୋଷାଧକ୍ଷ ଅଶୋକ କୁମାର ଦାଶ, ଦିବାକର ପ୍ରଧାନ, ଜୟନ୍ତ କୁମାର ବେହେରା, ଅଶୋକ କୁମାର ନାୟକ, ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ସହ କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।


GOVERNMENT OF ODISHA (Email ID: ori-titilagarh@nic.in)

## OFFICE OF THE PANCHAYAT SAMITI, TITILAGARH

**INVITATION FOR BIDS (IFB)**

**Details Tender Call Notice No. 04/TIG/22-23**

| Sl. No. | Name of Work | Approximate Value of Work | Class of Contractor | Concerned office with Head Qrs. | E.M.D. (Rs.) | Cost of Document (Rs.) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | New Construction of New High School Building UGHS Chantipala, At/G.P.: Chantipala under Titilagarh Block of Balangir Dist. (Civil Portion) | 37,12,676.00 | C & B | Panchayat Samiti, Titilagarh | 37000.00 | 6000.00 | 12 (Twelve) Calendar Months |

1. Bids must be accompanied with financial instruments towards E.M.D. in shape of **Bid Security declaration** as provided in Memorandum No. 5984 Dt.27.04.2021 of Works Dept., Govt. of Odisha. The declaration of Schedule-H of Tender Document relating to Bid Security Declaration also to be attached. Bids must also be accompanied by self-attested Photo copy of valid GSTIN, PAN Card and valid contract registration certificate, failing which the bid will be liable for rejection.
2. The sale and receipt of the Bid document shall start from Dt.26.07.2022 to 5 P.M. of Dt.04.08.2022 during office hour in Panchayat Samiti Office, Titilagarh and DRDA, Balangir.
3. Bid must be dropped in the tender box having mentioned as Tender Call Notice No. 04/TIG/22-23 in **Panchayat Samiti Office, Titilagarh and Project Director, DRDA, Balangir**.
4. Bid documents can be downloaded from official website of Government of Odisha **(http://www.balangir.nic.in)**. The bidders who have downloaded.

**Sd./- Block Development Officer**

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

**E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore**

**No. O-716**

**"e" Procurement Notice for Road Work**

**Letter No. 2754** **Identification No. - Online Tender - Road N.C.B. No. 344 for 2022-23** **Date: 20.07.2022**

1. Name of the Work : PMGSY Road Work
2. Total No. of Work : 01 No. (One)
3. Estimated Cost : Rs.293.02 lakhs (Approximately)
4. Eligible Class of Contractor : 'B' & 'A' (of Odisha PWD) or relevant Class of other licencing authorities (as per annexure).
5. Period of Completion : 09 Calendar months for the work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 344 | Dt.25.07.2022 at 11.00 A.M. | Dt.10.08.2022 upto 5.00 P.M. | Dt.08.08.2022 upto 5.00 P.M. | Dt.12.08.2022 at 11.00 A.M. | Will be intimated later |

• Further details can be seen from the website: **www.pmgsytenders.gov.in**.

**OIPR-25105/11/0023/2223** **Sd./- Chief Construction Engineer, R.W. Circle, Balasore**

## Bhubaneswar Municipal Corporation

Progress through Partnership for better Bhubaneswar

**RFP No.35530** **Date:22.07.2022**

**RFP for "Selection of Agency for undertaking the O&M of Animal Welfare Centre at Jamukoli"**

**No.C-851:**Bhubaneswar Municipal Corporation invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking operation and maintenance of Animal Welfare Centre at Jamukoli. The detailed RFP document shall be made available on the website bmc.gov.in from 25.07.2022 at 12:00 noon onwards. The pre-bid meeting is scheduled to be held on Dt 03.08.2022 & 4.00 P.M. in the mini conference hall of Bhubaneswar Municipal Corporation. The last date of receipt of proposals is till 5:00 PM on 19.08.2022. For any clarification, an e-mail may be sent on bmcpmu@bmc.gov.in.

By Order
**Dy.Commissioner (ABC)**
**Bhubaneswar Municipal Corporation**
**OIPR-13002/11/0060/2223**

GOVERNMENT OF ODISHA

## OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH

E.Mail - rw_sundargarh@yahoo.co.in

**No.O-710:** **E-PROCUREMENT NOTICE**

**BID IDENTIFICATION NO. ONLINE-SESNG-13 of 2022-23**

1. Name of the Work :- Road works
2. Total No. of works :- 05 nos Road
3. Estimated cost :- Rs. 22.13 Lakhs to Rs.38.87 Lakhs
4. Class of contractor :- 'C'&'B'
5. Period of completion :- 01 to 02 calendar months
6. Type of Tender :- Single Cover
7. Other details :-

| Procurement Officer | Bid Identification No. | Availability of Tender Online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-13 of 2022-23 | 26.07.2022 10.00 A.M. | 04.08.2022 05.30 P.M. |

Further details can be seen from the website www.tendersorissa.gov.in.

**Sd./- Superintending Engineer**
**Rural Works Division, Sundargarh**
**OIPR-25046/11/0016/2223**

GOVERNMENT OF ODISHA

## DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER ANGUL IRRIGATION CIRCLE, ANGUL, ODISHA, PIN - 759143

**email :seangulirrigation@gmail.com**

**'e' Procurement Notice-ACEAIC- 01 /2022-23**

**No.A-419:**The Additional Chief Engineer, Angul Irrigation Circle, Angul on behalf of Governor of Odisha invites On-line percentage rate basis bid in double cover system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 01 (One) No. Civil, Electrical, PH & Fancy works |
| 2 | Estimated Cost put to tender | | Rs. 172.40 Lakh (Excluding GST) |
| 3 | Tender Paper Cost | | Rs10,000/- (Non Refundable) with GST as applicable |
| 4 | Class of Contractor | | 'B' & 'A' equivalent Grade / Class |
| 5 | Period of Completion | | 4 (Four) Calendar Months |
| 6 | Availability of Bid Documents and receipt of bid through online | | From 10-00 A.M of 27.07.2022 to 5-00 P.M of 19.08.2022 in the website (www.tendersodisha.gov.in) |
| 7 | Date, time & place for opening of online Technical Bid | | 22.08.2022 at 11-00 A.M in the O/o the ACE, Angul Irrigation Circle, Angul |
| 8 | Date, time & place for opening of online Financial Bid | | 07.09.2022 at 11-00 A.M in the O/o the ACE, Angul Irrigation Circle, Angul |
| 9 | Date,time & Place for finalization of tender through transparent lottery system if required | | 14.09.2022 at 11-00 A.M in the O/o the ACE, Angul Irrigation Circle, Angul |
| 10 | Digital Signature Certificate | | The bidders must possess compatible Digital Signature Certificate (DSC) of Class-II or Class-III |
| 11 | Name and Address of Officer inviting Tender (OIT) | | Additional Chief Engineer, Angul Irrigation Circle, Angul, At/PO: -Angul, Dist:-Angul, Odisha. e-mail ID - seangulirrigation@gmail.com |

Further details can be seen from the e-procurement portal of Government Odisha at **www.tendersodisha.gov.in.**

**Sd./- Additional Chief Engineer,**
**Angul Irrigation Circle, Angul**
**OIPR-32081/11/0001/2223**

## PUBLIC NOTICE

**No.XXXIII-05: Delivery of possession of land acquired for the Project "CONSTRUCTION OF KHORDHA BY-PASS OF NH-57"** IN MOUZA- SARADHAPUR, TARATUA, GURUJANGA, WILLKINSON NAGAR, KUMBHARABASTA and KANJIAMA U/s-3(E) of N.H. Act. 1956 for Land owners/ person interested therein.

Kind attention of all landowners/ interested person is invited to the Public Notice published in the following newspapers informing them regarding

- Announcement of award,
- Calling upon them to produce documents for collecting compensation amount within a period of 60 days, and
- Requesting the landowners to handover the possession of the subject land to the undersigned.

| Sl. No. | Names of Newspapers in which published | Date of Newspaper |
|---|---|---|
| 1 | Sambad | 20.05.2022 |
| 2 | Dharitri | 20.05.2022 |

The prescribed time of 60 days has expired on 18.07.2022. Accordingly, all the landowners/interested persons are hereby called upon to hand over the possession of the acquired land to the undersigned immediately, falling which the same shall be taken with the police assistance in accordance with sub-section (2) of section 3E of the NH Act, 1956.

Needless to say, such of the landowners/interested persons, who have still not produce their documents, may produce the same on any working day in the office of the undersigned.

**Sd./- Addl. Sub-Collector-cum-L.A.O. (Civil) & CALA N.H.-57, Khordha**
**OIPR-24013/14/0008/2223**

## The Odisha Small Industries Corporation Ltd.

**(A Government of Odisha Undertaking)**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in
**CAD-1228** **OSIC GST No. 21AAACO2101M1Z1**

**TENDER CALL NOTICE**

**Tender Notice No.3200/RE/OSIC** **Dt.22.07.2022**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC **for the works** "Supply and installation of Solar, LED, High Max light and electrification work under Biju KBK plan 2022-23(District Sector) in the District of Koraput". Tender details can be downloaded from the OSIC website **www.osicltd.in** Authority reserves the right to accept or reject any or all tenders without assigning any reason thereof. The tendering process may be cancelled in Toto. Any corrigendum/changes/ modifications will appear in OSIC Ltd. website **www.osicltd.in** only.

**Sd/-**
**GENERAL MANAGER(O)**
**OIPR-14073/11/0050/2223**

## The Odisha Small Industries Corporation Ltd.

**(A Government of Odisha Undertaking)**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in
**CAD-1229** **OSIC GST No. 21AAACO2101M1Z1**

**TENDER CALL NOTICE**

**Tender Notice No.3192/OSIC/MKT** **Dt.22.07.2022**

The OSIC Ltd., Cuttack invites sealed bids from experienced Manufacturers for supply of Furniture and Amenities for the ICT Lab and Seminar Hall of four year Integrated B.A./ B.Sc., B.Ed. programme under Department of Education of the Ravenshaw University, Cuttack. The detail schedules, terms and conditions of the tender document along with the quantity of requirement can be downloaded from **www.osicltd.in** . Any corrigendum/changes/ modifications will appear in OSIC Ltd. website: **www.osicltd.in** .only and the responsibility lies with the bidders to download the same before last date of submission of bids.

**By order of MD**
**Sd/-Manager(Mktg)**
**OIPR-14073/11/0051/2223**

## OFFICE OF THE MUNICIPAL COUNCIL, JODA

**Phone No:- 06767-272214, Fax No:- 06767-272214**
**E-Mail:- jodam.hud@nic.in**

**No.2876** **Dt.24.07.2022**

**'e' -Procurement Notice**
**Bid identification No. JM-03/ 2022-23**

**No.C-850:**Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e www.tendersodisha.gov.in

1. Nature of Work :- Civil Works.
2. No. of Works :- 46 Nos.
3. Estimated Cost :- from Rs.53,779/- to Rs.17,86,450/-
4. Bid identification No. :- 2022_ORULB_80052_1 to 2022_ORULB_80052_46
5. Date & time of availability of the Documents in the Portal :- From 10.00 A.M. on dt. 25.07.2022 to 5.00 P.M of Dt.05.08.2022.
6. Last date/time for receipt of Bids in the Portal :- on dt. 05.08.2022 upto 5.00 P.M.
7. Bids received on line shall be opened :- At 10,00 AM on Dt.06.08.2022.
8. Name and address of the Officer Inviting Bid. :- Executive Officer, Joda Municipality

Further, the details can be seen from the e-Procurement Portal:- **www.tendersodisha.gov.in.**

**Sd./-Executive Officer, Joda Municipality**
**OIPR-13124/11/0015/2223**

## OFFICE OF THE DISTRICT COLLECTOR, NAYAGARH

**(EXCISE SECTION)**

## NOTICE INVITING APPLICATIONS FOR SETTLEMENT OF ADAKATA IMFL OFF SHOP OF NAYAGARH DISTRICT

**No. 796/Ex.** **Dated: 22.07.2022**

No. F-157: Applications are invited for settlement of 01 (ONE) number of IMFL OFF Shops of Nayagarh District for the year, 2022-23 onwards by way of lottery. The persons interested to participate may apply online in **'Form - B'** through the portal **http://stateexcise.odisha.gov.in** from **22.07.2022 to 04.08.2022** (5.00 P.M.). Lottery will be held on **10.08.2022** at Conference Hall of Collectorate, Nayagarh from 11.00 A.M. onwards.

The details of the shops to be settled and the terms and conditions applicable thereof are available in the said website and notice boards of the District Excise, Nayagarh and Collectorate, Nayagarh.

**Sd./- Collector, Nayagarh**
**OIPR-24009/11/0015/2223**

## OFFICE OF THE MUNICIPAL COUNCIL, GUNUPUR

**Email ID: eomun-gunupur@gov.in**

**No. 2477** **Dt.22.07.2022**

**QUOTATION CALL NOTICE**

No. C-846: Sealed quotations are invited from the intending registered firms/suppliers for supply of following P.H. Articles to Gunupur Municipality. Quotationers are required to submit valid GST Clearance Certificate, PAN, MSME along with the quotation. The quotation should be accompanied with paper cost of Rs.4000/- (Rupees four thousand only) in shape of DD/Bankers Cheque of any Nationalized Bank in favour of Executive Officer, Gunupur Municipality payable at Gunupur should reach to the undersigned by Regd. Post/Speed Post/Courier/by Hand in the Office before the 4.00 P.M. on Dtd.01.08.2022. All the quotations shall be opened on 02.08.2022 at 11.00 A.M. in the presence of the quotationer or their authorized agents. The cost should be inclusive of all taxes, transportation cost, etc. The authority reserves the right to reject any or all the quotations without assigning any reason thereof.

| Sl. No. | Description of Items | Rate Per Unit |
|---|---|---|
| 01 | Box type two wheeled wheel barrow of 6 cft. capacity fabricated with 16 gauge GPI sheet on side end platform fixing with 20mm × 60mm Ms flat and all round of box and rested on 20mm dia MS rod frame with rigid handle (proper grip easy to push) and two side support (rear side of box) to stand in position the wheel barrow should fitted with axle whose live load of 100 Kg. and 2 Nos. 300mm dia heavy duty wheel solid rubber type with antrifiction arrangement. The wheel barrow should be completely finishing with anti corrosive primer over iron. | |
| 02 | Push type hand cart of 13 cft. capacity with partition based G.P.I. box for segregation of wet and dry waste on MS Angular frame with raised handle pipe of width same as cart a height of approximately 900mm from base at maximum angle of 45 degree to horizontal, it should heavy duty wheel of 600mm dia consisting 28 pipe spokes with solid rubber tyre and bearing. There should be two side support to stand the cart in position. The axle live load should be 150 kg. the front side box of hand cart should be sliding door/hinges door (easy for unloading) arrangement. The hand cart be completely finishing with anti corrosive primer, enamel and written both side as Gunupur Municipality and serial no. the dimension of push type hand cart should be 1050mm × 750mm × 450mm (1 × b × h), thickness of GPI sheet of 16 swg, size of M.S. angle of 25mm × 25mm × 5mm, 25mm MS pipe and MS flat of 20mm × 5mm. | |

**Sd./- Executive Officer, Gunupur Municipality**
**OIPR-13104/11/0008/2223**

## DISTRICT MINERAL FOUNDATION, JAJPUR

**Ph. - 06728-222227**
**E-mail:dmfjajpur@gmail.com**
**Website:https://jajpur.nic.in**

**Letter No.DMF/439/2022** **Date:25.07.2022**

**Free Residential Medical Coaching for NEET-2023 Examination**

District Mineral Foundation (DMF), Jajpur is sponsoring Free Medical Coaching to meritorious students for NEET-2023 like previous year. All section process and examination will be conducted and organized by the partnering agency **CAREER POINT, (Kota).**

**Examination Schedule:**

| | |
|---|---|
| Date & Time | 31-07-2022 from 1 1:00 AM to 01:00 PM |
| Venue | PlotNo.-1065, Infront of V.N. College, Dhabalgiri, Jajpur Road |
| Application Form | Available in our Centre - Plot No.-1065, Infront of V.N. College, Dhabalgiri, Jajpur Road |
| Registration Procedure | The filled application with relevant document/certificates shall be submitted-Plot No.-1065, Infront of V.N. College, Dhabalgiri, Jajpur Road |
| Requirements of Documents | 1. Identity Proof (Voter/PAN/DL/ Aadhar Card)<br>2.Filled Application Form<br>3. One colour passport photograph<br>4. Xerox copy of 12th/XII Board mark sheet, Certificate 10th/HSE Board mark sheet & certificate |
| Last date of registration | 30-07-2022 |
| On spot registration | 9:30 AM to 10:30 AM on 31.07.2022 at same venue |
| Contact person of Career Point for registration | Mr. Salila Kumar Parida, Tushar Ranjan Bala, Career Point, Mob.7205687080, 9437850176, 7008615806, 9337449749 |

**Eligibility:**

1. Candidates should continue +2 second year/Class 12th second year or +2/12th Class passed with Biology as subject.
2. Minimum Marks: CBSE/ICSE Board (for Gen/OBC-70%), (SC & ST-60%). CHSE Board for (Gen/OBC - 60%), (SC & ST-50%)
3. Annual income of the family should not be exceeded Rs 6 Lakhs per annum.

**Sd./- Collector & Managing Trustee**
**DMF, Jajpur**

**Note :** The candidate must belongs to permanent resident of Jajpur district. (Sukinda & Dhanagadi Block and Vyasanagar Municipality area only).

**Address: Collectorate, Jajpur, 1st Floor, Jajpur Town, Dist-Jajpur- 755001**

## ଇରାନ ବନ୍ୟାରେ ଗଲାଣି ୨୧ ଜୀବନ

ପ୍ରବଳ ବର୍ଷା କାରଣରୁ ସାଉଥର୍ନ ଇରାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ଗଣମାଧମ ରିପୋର୍ଟ ଅନୁସାରେ ବନ୍ୟାରେ ଅଦ୍ୟାବଧି ୨୧ ଜଣଙ୍କ ମୃତ୍ୟୁ ଘଟିଛି। ବର୍ଷା କାରଣରୁ ରାଉଡବଲ ନଦୀର ଜଳସ୍ତର ବୃଦ୍ଧି ପାଇବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବନ୍ୟା ହୋଇଥିବା ସିଟି ଗଭର୍ନର ୟୁସେଫ୍ କାରେଗୋର କହିଛନ୍ତି। ବନ୍ୟା ଜଳରେ ଫସିରହିଥିବା ପାଖାପାଖି ୫୫ ଜଣଙ୍କୁ ଉଦ୍ଧାରକାରୀ ଦଳ ସ୍ଥାନାନ୍ତର କରିଥିବାବେଳେ ୬ ଜଣ ନିଖୋଜ ଥିବା ଖବର ପ୍ରକାଶ ପାଇଛି। ବନ୍ୟାରେ ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ପ୍ରଭାବିତ ହୋଇଛି କୁହାଯାଇଛି।

## ସଂକ୍ଷେପରେ

### ଝିଅକୁ ଅଲୋଡ଼ା ଭାବି ଛାଡ଼ିଯାଇଥିଲେ ବାପା

## ସିବିଏସ୍‌ଇରେ ରଖିଲେ ୯୯.୪%



ଆଈଙ୍କ ସହ ଶ୍ରୀଜା

**ପାଟନା, ୨୫।୭:** ପାଟନାର ଶ୍ରୀଜା ଚଳିତବର୍ଷ ସିବିଏସ୍‌ଇ ପରୀକ୍ଷାରେ ୯୯.୪ ପ୍ରତିଶତ ମାର୍କ ରଖି ପରିବାର ଓ ଜିଲା ପାଇଁ ଆଣିଛନ୍ତି ଗର୍ବ। କିନ୍ତୁ ଶ୍ରୀଜାଙ୍କ ଜୀବନରେ ରହିଛି ଏକ ବଡ଼ ଦୁଃଖ। ପିଲାଟି ଦିନରୁ ଆଈଙ୍କ ଘରେ ରହି ପାଠ ପଢୁଛନ୍ତି ସେ। ଛୋଟ ଥିଲାବେଳେ ଶ୍ରୀଜାଙ୍କ ମା'ଙ୍କ ଅକାଳ ବିୟୋଗ ଘଟିଥିଲା। ଏହାପରେ ଝିଅକୁ ଅଲୋଡ଼ା ଭାବି ତାଙ୍କ ବାପା ତାଙ୍କୁ ଆଈଘରେ ଛାଡ଼ି ଚାଲିଯାଇଥିଲେ। ତା ପରଠାରୁ କେବେ ହେଲେ ଝିଅକୁ ଦେଖିବାକୁ ଆସି ନ ଥିବା କହିଛନ୍ତି ଶ୍ରୀଜାଙ୍କ ଆଈ। ଯଦି ଗଣମାଧମ ଜରିଆରେ ଶ୍ରୀଜାଙ୍କ ଉପଲବ୍ଧିକୁ ସେ ଦେଖିପାରିଥିବେ, ତେବେ ସେ ନିହାତି ଭାବେ ଅନୁତାପ କରୁଥିବେ ବୋଲି ସେ କହିଛନ୍ତି। ସୋମବାର ଭାଜପା ନେତା ବରୁଣ ଗାନ୍ଧୀ ଶ୍ରୀଜାଙ୍କ ଫଟୋ ଟୁଇଟରରେ ଶେୟାର କରିବା ସହ ତାଙ୍କୁ ସାହାଯ୍ୟ କରିବାନେଇ ଆଗ୍ରହ ପ୍ରକାଶ କରିଛନ୍ତି। ପାଟନାର ବିଏସ୍‌ଇବି କଲୋନୀରେ ଥିବା ଡିଏଭି ପବ୍ଲିକ ସ୍କୁଲରେ ପାଠ ପଢୁଥିବା ଶ୍ରୀଜା ଭବିଷ୍ୟତରେ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ହେବାକୁ ଆଶା ରଖିଛନ୍ତି। ସଂସ୍କୃତ ଏବଂ ବିଜ୍ଞାନରେ ସେ ଶତ ପ୍ରତିଶତ ନମ୍ବର ରଖିଥିବାବେଳେ ଇଂଲିଶ, ଗଣିତ ଏବଂ ସାମାଜିକ ବିଜ୍ଞାନରେ ସେ ୯୯ ମାର୍କ ରଖିଛନ୍ତି। ଡିଏଭି- ବିଏସ୍‌ଇବିରେ ସେ ପ୍ଲସ୍ ଟୁ ଫାଷ୍ଟଇୟର୍ ସାଇନ୍ସରେ ନାମ ଲେଖିସାରିଛନ୍ତି।

### ପାର୍ଲାମେଣ୍ଟରେ ବିଶୃଙ୍ଖଳ ଆଚରଣ: ୪ କଂଗ୍ରେସ ଏମ୍‌ପି ନିଲମ୍ବିତ

**ନୂଆଦିଲ୍ଲୀ, ୨୫।୭:** ପାର୍ଲାମେଣ୍ଟରେ ବିଶୃଙ୍ଖଳ ଆଚରଣ ପ୍ରଦର୍ଶନ କରିବା ପରେ ସୋମବାର କଂଗ୍ରେସ ଦଳର ୪ ଏମ୍‌ପିଙ୍କୁ ଲୋକ ସଭା ମୌସୁମୀ ଅଧିବେଶନରୁ ବାଚସ୍ପତି ଓମ୍ ବିର୍ଲା ନିଲମ୍ବନ କରିଛନ୍ତି। ଅଗଷ୍ଟ ୧୨ ପର୍ଯ୍ୟନ୍ତ ପାର୍ଲାମେଣ୍ଟରେ ହେବାକୁ ଥିବା ମୌସୁମୀ ଅଧିବେଶନରେ ଉକ୍ତ ଏମ୍‌ପି ଯୋଗ ଦେଇପାରିବେ ନାହିଁ। ଦର ବୃଦ୍ଧି ନେଇ ସେମାନେ ପାର୍ଲାମେଣ୍ଟ ଗୃହ ମଧରେ ପ୍ଲାକାର୍ଡ ଧରି ପ୍ରତିବାଦ ପ୍ରଦର୍ଶନ କରୁଥିବାବେଳେ ବାହାରେ ପ୍ରଦର୍ଶନ ପାଇଁ ଓମ୍ ବିର୍ଲା ସେମାନଙ୍କୁ କହିଥିଲେ ସୁଦ୍ଧା ସେମାନେ ବାଚସ୍ପତିଙ୍କ କଥାକୁ ଅମାନ୍ୟ କରିଥିଲେ। ନିଲମ୍ବିତ ଏମ୍‌ପିମାନେ ହେଲେ ମନିକାମ୍ ଟାଗୋର, ଜୋଠିମାନି, ରାମ୍ୟା ହରିଦାସ ଏବଂ ଟି.ଏନ୍ ପ୍ରାଥପାନ। ବାଚସ୍ପତିଙ୍କ ନିଲମ୍ବନ ନିର୍ଦ୍ଦେଶ ପରେ ଏହାର ପ୍ରତିବାଦରେ ସେମାନେ ପାର୍ଲାମେଣ୍ଟ ଗ୍ରାଉଣ୍ଡରେ ଥିବା ଗାନ୍ଧୀ ମୂର୍ତ୍ତି ନିକଟକୁ ଯାଇ ନାରାବାଜି କରିଥିଲେ। ଏମ୍‌ପିମାନଙ୍କୁ ନିଲମ୍ବନ କରି କେନ୍ଦ୍ର ସରକାର ତାଙ୍କୁ ଡରାଇବାକୁ ଚେଷ୍ଟା କରୁଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି।




ମିସ୍ ଟିନ୍ ଇଣ୍ଟରନ୍ୟାଶନାଲ ପ୍ରତିଯୋଗୀମାନେ ସୋମବାର ଆଗ୍ରାସ୍ଥିତ ତାଜମହଲ ପରିସରରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

# ପ୍ରଥମ ଦିନରୁ ଆକ୍ସନ ନେବି

ଲଣ୍ଡନ, ୨୫।୭

### ପ୍ରଚାରରେ ଚାଇନାକୁ ସୁନକଙ୍କ ଟାର୍ଗେଟ



ଋଷି ସୁନକ

କେବଳ ବ୍ରିଟେନ ନୁହେଁ ସାରା ବିଶ୍ୱର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଚାଇନା ସବୁଠାରୁ ବଡ଼ ବିପଦ। ଆମେରିକାଠାରୁ ଆରମ୍ଭ କରି ଭାରତକୁ ବେଜିଂ ଟାର୍ଗେଟ କରୁଥିବାର ଯଥେଷ୍ଟ ପ୍ରମାଣ ରହିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ହେଲେ ପ୍ରଥମ ଦିନରୁ ହିଁ ବେଜିଂ ବିରୋଧରେ କଡ଼ା ଆଭିମୁଖ୍ୟ ରଖି ଆକ୍ସନ ନେବେ ବୋଲି ଡାଉନିଂ ଷ୍ଟ୍ରିଟ୍ ଦୌଡ଼ରେ ଥିବା ଭାରତୀୟ ବଂଶୋଦ୍ଭବ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକ କହିଛନ୍ତି। ଶାସକ କନ୍‌ଜରଭେଟିଭ ପାର୍ଟିର ଶୀର୍ଷ ନେତା ଦୌଡ଼ରେ ଥିବା ଅନ୍ୟତମ ଶେଷ ପ୍ରତିଦ୍ୱନ୍ଦ୍ୱୀ ତଥା ବହିର୍ବ୍ୟାପାର ମନ୍ତ୍ରୀ ଲିଜ୍ ଟ୍ରସ୍ ଚାଇନା ଓ ରୁଷିଆ ପ୍ରସଙ୍ଗରେ ସୁନକ୍ ଦୁର୍ବଳ ଥିବା କହି ସମାଲୋଚନା କରିଥିଲେ। ଏହା ପରେ ୪୨ ବର୍ଷୀୟ ସୁନକ ରବିବାର ଟ୍ରସ୍‌ଙ୍କ ମନ୍ତବ୍ୟ ଉପରେ ଜବାବ ରଖି ନିଜ ସପକ୍ଷରେ ପ୍ରଚାର କରିଛନ୍ତି। ସୁନକ କହିଛନ୍ତି, ପ୍ରଧାନମନ୍ତ୍ରୀ ନିର୍ବାଚିତ ହେଲେ ଟେକ୍ନୋଲୋଜି ମାଧମରେ ଚାଇନାର ଆକ୍ରମଣ ଦକ୍ଷତାକୁ ପ୍ରତିହତ କରିବା ପାଇଁ ସେ ନାଟୋ ଶୈଳୀରେ ନୂଆ ସେନାବାହିନୀ ଗଠନ କରିବେ। ଏଥିପାଇଁ ସ୍ୱାଧୀନ ରାଷ୍ଟ୍ରଗୁଡ଼ିକ ସହ ମେଣ୍ଟ ହେବ। ବ୍ରିଟେନରେ ଚାଇନିଜ୍ ଭାଷା, ଶିକ୍ଷା ଏବଂ ସଂସ୍କୃତିକୁ ପ୍ରଚାର କରିବା ପାଇଁ ଥିବା ୩୦ ଅନୁଷ୍ଠାନ (କନ୍‌ଫୁସିଅସ୍ ଇନ୍‌ଷ୍ଟିଚ୍ୟୁଟ)କୁ ବନ୍ଦ କରାଯିବ। କନ୍‌ଫୁସିଅସ୍ ଇନ୍‌ଷ୍ଟିଚ୍ୟୁଟଗୁଡ଼ିକୁ ଚାଇନା ସରକାର ଚଳାଇଥାନ୍ତି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ନିଜ ଏଜେଣ୍ଡା ଚଳାଇବା ପାଇଁ ବେଜିଂ ଏହାକୁ ବ୍ୟବହାର କରିଥାଏ ବୋଲି ଅଭିଯୋଗ ରହିଛି।

# ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୫।୭

### ଆଧାର-ଭୋଟର କାର୍ଡ ଲିଙ୍କ୍ ମାମଲାରେ ସୂର୍ଯ୍ୟେଓ୍ୱାଲା ନିରାଶ




### ଦିଲ୍ଲୀ ହାଇକୋର୍ଟ ଯିବାକୁ କହିଲେ ସର୍ବୋଚ୍ଚ ଅଦାଲତ

ଆଧାର ସହ ଭୋଟର ପରିଚୟପତ୍ରର ସଂଯୋଗ ପାଇଁ ଉଦ୍ଦିଷ୍ଟ ଆଇନକୁ ଚ୍ୟାଲେଞ୍ଜ କରି କଂଗ୍ରେସ ପକ୍ଷରୁ ହୋଇଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଆଧାର-ଭୋଟର କାର୍ଡ ସଂଯୋଗୀକରଣ ନେଇ ଅତି ତରବରିଆ ଭାବେ ବିନା କୌଣସି ବିତର୍କରେ ପାର୍ଲାମେଣ୍ଟରେ ଆଇନ ଗୃହୀତ କରାଯାଇଥିବାରୁ ଏହାଦ୍ୱାରା ବହୁ ସଂଖ୍ୟକ ଭୋଟର ମତଦାନ ଅଧିକାରରୁ ବଞ୍ଚିତ ହେବେ ବୋଲି କଂଗ୍ରେସ ନେତା ରଣଦୀପ ସୂର୍ଯ୍ୟେଓ୍ୱାଲା ଏକ ପିଟିଶନ ଦାଏର କରିଥିଲେ। ସୋମବାର ସର୍ବୋଚ୍ଚ ଅଦାଲତରେ ଏହାର ଶୁଣାଣି ହେବାକୁ ଥିବାବେଳେ ସୂର୍ଯ୍ୟେଓ୍ୱାଲା ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟକୁ ଯାଆନ୍ତୁ ବୋଲି ଜଷ୍ଟିସ୍ ଡି. ଓ୍ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଏ. ଏସ୍ ବୋପାନ୍ନାଙ୍କ ଖଣ୍ଡପୀଠ କହିଛନ୍ତି।

ପିଟିଶନ ଉପରେ ସୁପ୍ରିମକୋର୍ଟ କହିଥିଲେ, ନିର୍ବାଚନ ଆଇନ (ସଂଶୋଧନ), ୨୦୨୧ର ସେକ୍ସନ ୪ ଏବଂ ୫କୁ ସୂର୍ଯ୍ୟେଓ୍ୱାଲା ଚ୍ୟାଲେଞ୍ଜ କରିଛନ୍ତି। ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଅନୁରୂପ ପିଟିଶନର ବିଚାର କରୁଛନ୍ତି। ଏହାର ପ୍ରଭାବଶାଳୀ ବିକଳ୍ପ ପ୍ରତିକାର ହାଇକୋର୍ଟରେ ଅଛି। ସମ୍ବିଧାନର ଧାରା ୨୨୬ ଏପରି ମାମଲାକୁ ଉଚ୍ଚ ଅଦାଲତକୁ ସ୍ଥାନାନ୍ତର କରିବାର ସ୍ୱାଧୀନତା ପ୍ରଦାନ କରିଥାଏ। ଯଦି ବିଭିନ୍ନ ସ୍ଥାନରେ ଏପରି ପିଟିଶନ ଦାଏର କରାଯାଏ ତେବେ କେନ୍ଦ୍ର ସରକାର ସେଗୁଡ଼ିକର ସ୍ଥାନାନ୍ତର ପାଇଁ ମଧ ଆବେଦନ କରିପାରିବେ। ସେତେବେଳେ ସୁପ୍ରିମକୋର୍ଟ ସମସ୍ତ ପିଟିଶନକୁ ଏକଜୁଟ କରି କୌଣସି ହାଇକୋର୍ଟରେ ବିଚାର ପାଇଁ କହିପାରିନ୍ତି ବୋଲି ଖଣ୍ଡପୀଠ କହିଥିଲେ। ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀ ପରେ ସୂର୍ଯ୍ୟେଓ୍ୱାଲା ନିଜ ପିଟିଶନ ଫେରାଇ ନେଇଛନ୍ତି। ସୂଚନାଯୋଗ୍ୟ, ପାର୍ଲାମେଣ୍ଟର ଶୀତ ଅଧିବେଶନ ବେଳେ ୨୦୨୧ ଡିସେମ୍ବର ୨୦ରେ କେନ୍ଦ୍ର ସରକାର ନିର୍ବାଚନ ଆଇନ (ସଂଶୋଧନ), ୨୦୨୧ ବିଲ୍‌କୁ ଲୋକ ସଭାରେ ଉପସ୍ଥାପନ କରିଥିଲେ। ଆଇନମନ୍ତ୍ରୀ କିରେନ୍ ରିଜିଜୁଙ୍କ ପକ୍ଷରୁ ଆଗତ ଉକ୍ତ ବିଧେୟକକୁ ବିଜେଡି ସମେତ କଂଗ୍ରେସ, ଡିଏମ୍‌କେ, ଏନ୍‌ସିପି, ଟିଏମ୍‌ସି, ଓ୍ୱାଇଏସ୍‌ଆର୍‌ସିପି, ବିଏସ୍‌ପି, ଶିବସେନା ପ୍ରମୁଖ ବିରୋଧୀ ଦଳଗୁଡ଼ିକ ବିରୋଧ କରିଥିଲେ। ତେବେ ରିଜିଜୁ ଏହାକୁ ନିର୍ବାଚନ ସଂସ୍କାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦର୍ଶାଇ ଭୋଟର ପରିଚୟପତ୍ର ସହ ଆଧାର ବାଧ୍ୟତାମୂଳକ ନୁହେଁ ବୋଲି କହିଥିଲେ। ଏହି ଆଇନକୁ ଅସାମ୍ବିଧାନିକ ତଥା ନାଗରିକଙ୍କ ପ୍ରିଭେସି (ବ୍ୟକ୍ତିଗତ ଅନ୍ତରଙ୍ଗ ତଥ୍ୟ) ଓ ସମାନତା ଅଧିକାର ଉଲ୍ଲଂଘନକାରୀ ଭାବେ ଅଭିହିତ କରି ରଦ୍ଦ ପାଇଁ ସୂର୍ଯ୍ୟେଓ୍ୱାଲା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

### ୟୁପିରେ ବସ୍ ଦୁର୍ଘଟଣା: ୮ ମୃତ

ବାରବାଙ୍କି, ୨୫।୭

ୟୁପିର ନରେନ୍ଦ୍ରପୁର ମାଦ୍ରାହ ଦିଲ୍ଲୀ ପୂର୍ବାଞ୍ଚଳ ଏକ୍ସପ୍ରେସ୍ ଓ୍ୱେ'ରେ ବଡ଼ ଧରଣର ସଡ଼କ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ସୋମବାର ଭୋର ସମୟରେ ଦ୍ରୁତ ବେଗରେ ଆସୁଥିବା ଏକ ଡବଲ ଡେକର ବସ୍ ରାସ୍ତାକଡ଼ରେ ଛିଡ଼ା ହୋଇଥିବାବେଳେ ଆଉ ଏକ ବସ୍ ସହ ପିଟି ହୋଇଥିଲା। ଡବଲ୍ ଡେକର ବସ୍‌ଟି ବିହାର ମୁଜାଫରପୁରରୁ ଦିଲ୍ଲୀ ଅଭିମୁଖେ ଆସୁଥିଲା। ଏଥିରେ ୧୬ ଜଣ ଆହତ ହୋଇଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁର୍ଘଟଣାରେ ଶୋକପ୍ରକାଶ କରିଛନ୍ତି। ଉଭୟ ବସ୍‌ରେ ୩୬ ଜଣ ଯାତ୍ରୀଥିବାବେଳେ ଡ୍ରାଇଭରଙ୍କ ଆଖି ଲାଗିଯିବା କାରଣରୁ ଦୁର୍ଘଟଣା ଘଟିଥିବା ପୋଲିସ କହିଛି।

# ଚର୍ଚ୍ଚାରେ ମସ୍କ-ନିକୋଲଙ୍କ ସମ୍ପର୍କ

### ପରକୀୟା ପ୍ରୀତିକୁ ମସ୍କଙ୍କ ଖଣ୍ଡନ



**ଓ୍ୱାଶିଂଟନ୍, ୨୫।୭:** ଆଉ ଏକ ବିବାଦରେ ଯୋଡ଼ି ହୋଇଯାଇଛି ବିଶ୍ୱର ସବୁଠାରୁ ଧନୀ ଏଲନ ମସ୍କ। ଗୁଗଲ କମ୍ପାନୀ ସହ-ପ୍ରତିଷ୍ଠାତା ସେରଗେ ବ୍ରିନ୍ ଓ ମସ୍କଙ୍କ ବନ୍ଧୁତାରେ ପଡ଼ିଯାଇଛି ପୂର୍ଣ୍ଣଚ୍ଛେଦ। ବ୍ରିନ୍‌ଙ୍କ ସ୍ତ୍ରୀ ନିକୋଲ ଶାନାହାନ ଓ ମସ୍କଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ଏହାର କାରଣ ବୋଲି କୁହାଯାଉଛି। ଓ୍ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶିତ ଖବର ଅନୁସାରେ ଟେସ୍‌ଲା ସିଇଓ ମସ୍କ ଓ ନିକୋଲଙ୍କ ମଧରେ ପ୍ରେମ ସମ୍ପର୍କ ବ୍ରିନ୍‌ଙ୍କ ବୈବାହିକ ଜୀବନୀରେ ଫାଟ ସୃଷ୍ଟି କରିଥିଲା। ଏଥିପାଇଁ ବ୍ରିନ୍ ନିକୋଲଙ୍କଠାରୁ ଅଲଗା ହେବା ନିଷ୍ପତ୍ତି ନେଇଛନ୍ତି। ଏଥିଯୋଗୁ କେବଳ ମସ୍କ ଓ ବ୍ରିନ୍‌ଙ୍କ ବନ୍ଧୁତା ନୁହେଁ, ସେମାନଙ୍କ ପ୍ରଫେସନାଲ ରିଲେଶନ୍ ମଧ ପ୍ରଭାବିତ ହୋଇଛି। ମସ୍କଙ୍କ କମ୍ପାନୀରେ ଥିବା ସମସ୍ତ ଶେୟାରକୁ ବ୍ରିନ୍ ବିକ୍ରି କରିଦେବା ପାଇଁ ତାଙ୍କ ଆର୍ଥିକ ପରାମର୍ଶଦାତାଙ୍କୁ ନିର୍ଦ୍ଦେଶ ଦେଇଥିବା ରିପୋର୍ଟରୁ ଜଣାପଡ଼ିଛି। ମସ୍କ ଏହାକୁ ଖଣ୍ଡନ କରି ଏକ ଟୁଇଟ୍‌ରେ କହିଛନ୍ତି, ସେରଗେ ତାଙ୍କ ଭଲ ସାଙ୍ଗ। ଦିନକ ପୂର୍ବରୁ ଦୁହେଁ ଏକାଠି ପାର୍ଟି କରିଥିଲେ। ୩ ବର୍ଷ ଭିତରେ ନିକୋଲଙ୍କ ସହ ମାତ୍ର ୨ ଥର ତାଙ୍କ ଭେଟ ହୋଇଛି। ସେମାନଙ୍କ ମଧରେ କୌଣସି ପ୍ରେମ ସମ୍ପର୍କ ନାହିଁ।

### କ୍ୟାଟ୍ରିନା, ଭିକିଙ୍କୁ ହତ୍ୟା ଧମକ: ଅଭିନେତା ଗିରଫ



**ମୁମ୍ବାଇ:** ସେଲିବ୍ରିଟି କପୁଲ କ୍ୟାଟ୍ରିନା କୈଫ୍ ଏବଂ ସ୍ୱାମୀ ଭିକି କୌଶଲଙ୍କୁ ହତ୍ୟା ଧମକ ଦେଇଥିବା ଜଣେ ଅଭିନେତାଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଷ୍ଟ୍ରଗ୍‌ଲିଂ ଆକ୍ଟର ମନଭିନ୍ଦର ସିଂ। ଇନ୍‌ଷ୍ଟାଗ୍ରାମ ଜରିଆରେ ମନଭିନ୍ଦର ହତ୍ୟା ଧମକ ଦେବା ପରେ ଭିକି ସାନ୍ତାକ୍ରୁଜ୍ ଥାନାରେ ଅଭିଯୋଗ କରିଥିଲେ। ମୁମ୍ବାଇ ପୋଲିସର ସ୍ୱତନ୍ତ୍ର ଟିମ୍ ତାଙ୍କୁ ଗିରଫ କରିଛି। ମନଭିନ୍ଦର କ୍ୟାଟ୍ରିନାଙ୍କୁ ଏକତରଫା ପ୍ରେମ କରୁଥିବା ଏବଂ ତାଙ୍କୁ ବାହାହେବାକୁ ଚାହୁଁଥିଲେ ବୋଲି ପୋଲିସକୁ କହିଛନ୍ତି। ଏଥିପାଇଁ କିଛିମାସ ଧରି ସେ ସୋସିଆଲ ମିଡିଆରେ ତାଙ୍କର ଏବଂ କ୍ୟାଟ୍ରିନାଙ୍କ ଏଡିଟ୍ ଫଟୋ ସବୁ ଶେୟାର କରିବାରେ ଲାଗିଥିଲେ। ଏଥିସହ ଅନେକ ସମୟରେ ସେ କ୍ୟାଟ୍ରିନାଙ୍କୁ ବାହାରେ ଫଲୋ କରୁଥିବା ମଧ ପୋଲିସ କହିଛି। ଗତ ଡିସେମ୍ବର ୯ରେ କ୍ୟାଟ୍ରିନା ଓ ଭିକି ରାଜସ୍ଥାନରେ ବିବାହ କରିଛନ୍ତି। ପ୍ରଥମେ ପ୍ରେମ ଆଉ ତା'ପରେ ଦୁହେଁ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ।

## ଫୁର୍‌ସତ୍

# ସେଲିବ୍ରିଟିଙ୍କ ନ୍ୟୁଡ୍ ଫଟୋଶୁଟ୍



ପେପର ମାଗାଜିନ୍ ପାଇଁ ବଲିଉଡ୍ ଅଭିନେତା ରଣବୀର ସିଂ କରିଥିବା ନ୍ୟୁଡ୍ ଫଟୋଶୁଟ୍‌କୁ ନେଇ ଏବେ ସବୁ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଫିଲ୍ମ ଇଣ୍ଡଷ୍ଟ୍ରିର ଅନେକେ ରଣବୀରଙ୍କୁ ପ୍ରଶଂସା କରିଥିବାର ଦେଖାଯାଇଛି। ଅନ୍ୟପଟେ ବର୍ତ୍ତମାନର ସମାଜରେ ନ୍ୟୁଡିଟି କେତେମାତ୍ରାରେ ଗ୍ରହଣୀୟ ସେ ନେଇ କେତେଜଣ ସାମାଜିକ କର୍ମୀ ପ୍ରଶ୍ନ ମଧ କରିଛନ୍ତି। ହିନ୍ଦୀ ଫିଲ୍ମ ଜଗତରେ ରଣବୀର ସିଂ ପ୍ରଥମ ଅଭିନେତା ନୁହନ୍ତି ଯିଏ ଉଲଗ୍ନ ଫଟୋ ଶୁଟ୍ କରିଛନ୍ତି। ତାଙ୍କ ପୂର୍ବରୁ ଅନେକ ନାୟକ ଓ ନାୟିକା ମଧ ଅଛନ୍ତି ଯେଉଁମାନେ ଉଲଗ୍ନ ହୋଇ କ୍ୟାମେରା ଆଗରେ ପୋଜ୍ ଦେବାକୁ କୁଣ୍ଠାବୋଧ କରି ନାହାନ୍ତି।

**ମିଲିନ୍ଦ ସୋମନ:** ଭାରତର ଜଣେ ଚର୍ଚ୍ଚିତ ମଡେଲ ହେଉଛନ୍ତି ମିଲିନ୍ଦ। ୯୦ ଦଶକରେ ସେ ଥିଲେ ପ୍ରଥମ ମଡେଲ୍ ଯେ, ଉଲଗ୍ନ ଫଟୋ ଶୁଟ୍ କରିଥିଲେ। ୧୯୯୫ରେ ସେ ମହିଳା ମଡେଲ ମଧୁ ସପ୍ରେଙ୍କ ସହ ଏକ ନ୍ୟୁଡ୍‌ଫଟୋଶୁଟ୍ କରିଥିଲେ। ଉତ୍ତୋଳିତ ଫଟୋରେ ଦୁହେଁ ଦେହରେ ସାପ ଗୁଡ଼ାଇ ପୋଜ୍ ଦେଇଥିଲେ। **ପୂଜା ବେଦୀ:** ୯୦ ଦଶକରେ ପୂଜା ଏକ ଆପତ୍ତିଜନକ ସାମଗ୍ରୀର ଆଡ୍ ପାଇଁ ଫଟୋଶୁଟ୍ କରିଥିଲେ। ଏଥିପାଇଁ ପୂଜା ନ୍ୟୁଡ୍ ଫଟୋଶୁଟ୍ କରିଥିଲେ। ତେବେ ଫଟୋ ରିଲିଜ୍ ହେବାର କିଛିମାସ ପରେ ହିଁ ଏହାକୁ ବ୍ୟାନ୍ କରିଦିଆଯାଇଥିଲା। **ଆମିର ଖାନ୍:** ବଲିଉଡ୍‌ର ପ୍ରଫେସ୍ନାଲିଷ୍ଟ ଭାବେ ପରିଚିତ ଆମିର ଖାନ୍ ନ୍ୟୁଡ୍ ଫଟୋଶୁଟ୍ ରେସ୍‌ରୁ ବାଦ୍ ପଡ଼ି ନାହାନ୍ତି। ସୁପର ହିଟ୍ ଫିଲ୍ମ 'ପିକେ' ପାଇଁ ଆମିର ନ୍ୟୁଡ୍ ଫଟୋଶୁଟ୍ କରିଥିଲେ। ଫଟୋରେ ସେ ଉଲଗ୍ନ ହୋଇ ଏକ ରେଡିଓ ଧରିଥିବାର ଦେଖାଯାଇଥିଲା। **ଶେରଲିନ ଚୋପ୍ରା:** ଫିଲ୍ମ 'କାମସୂତ୍ର ଥ୍ରୀ ଡି' ଫିଲ୍ମରେ ଅଭିନୟ ସମୟରେ ଶେରଲିନ ଏକାଧିକ ଥର ଟପ୍‌ଲେସ୍ ହୋଇ ଦେଖାଯାଇଥିଲେ। ବିନା ଟପ୍‌ରେ ଶେରଲିନଙ୍କ ଫଟୋ ଇଣ୍ଟରନେଟ୍‌ରେ ବହୁବାର ଶେୟାର କରାଯାଇଥିଲା। **ସପନା ଭବନାନି:** ରିଆଲିଟି ଶୋ' ବିଗ୍‌ବସ୍ ଫେମ୍ ତଥା ହେୟାର ଷ୍ଟାଇଲିସ୍ ସପନା ଭବନାନି ନ୍ୟୁଡ୍ ଫଟୋଶୁଟ୍ ପାଇଁ ବେଶ୍ ଚର୍ଚ୍ଚାକୁ ଆସିଥିଲେ। ସେହିପରି ବଲିଉଡ ସେଲିବ୍ରିଟି ଜନ୍ ଆବ୍ରାହମ୍, ଈଶା ଗୁପ୍ତା, କଲକି କୋଚଲିନ୍, ରାହୁଲ ଖାନ୍ନା ପ୍ରମୁଖ ନ୍ୟୁଡ୍ ଫଟୋଶୁଟ କରିଛନ୍ତି।



ମିଲିନ୍ଦ ସୋମନ



ପୂଜା ବେଦୀ



ଆମିର ଖାନ୍



ଜେନିଫର

### ରଣବୀରଙ୍କୁ ଅନୁକରଣ କଲେ ବିଶାଲ

ରଣବୀର ସିଂଙ୍କୁ ଅନୁକରଣ କରିଛନ୍ତି ସାଉଥ୍ ଇଣ୍ଡିଆନ୍ ଅଭିନେତା ବିଷ୍ଣୁ ବିଶାଳ। ସେ ଉଲଗ୍ନ ଫଟୋ ଇନ୍‌ଷ୍ଟାଗ୍ରାମରେ ଅପ୍‌ଲୋଡ୍ କରିଛନ୍ତି। ସ୍ତ୍ରୀ ଜ୍ୱାଲା ଗୁଟ୍ଟା ତାଙ୍କର ଏ ସବୁ ଫଟୋ ଉଠାଇଥିବା ସେ କହିଛନ୍ତି। **ଟ୍ରେଣ୍ଡ ସହ ଜେନିଫର:** ବର୍ତ୍ତମାନ ସମୟରେ ଉଲଗ୍ନ ଫଟୋ ଉତ୍ତୋଳନ କରିବା ଏକ ଟ୍ରେଣ୍ଡ ପାଲଟିଯାଇଛି। ନିଜର ୫୩ତମ ଜନ୍ମଦିନ ପାଳନ ଅବସରରେ ଜେନିଫର ନ୍ୟୁଡ୍ ଫଟୋଶୁଟ୍ କରିଛନ୍ତି।

କଳା ହେଉଛି ମନୋରଞ୍ଜନର ଏକ ମାଧ୍ୟମ। ବିଭିନ୍ନ କଳାତ୍ମକ ଇଭେଣ୍ଟ, ସିନେମା ଆଦି ଏଣ୍ଟରଟେନ୍‌ମେଣ୍ଟର ଖୋରାକ ଯୋଗାଉଥିବାବେଳେ ଅନେକ ସମୟରେ ଏହାକୁ ଆୟୁଧ କରି ନଗ୍ନତାକୁ ପ୍ରଶ୍ରୟ ଦିଆଯାଉଥିବା ଦେଖିବାକୁ ମିଳୁଛି। କଳାକାରମାନେ ମଧ ଶସ୍ତା ଲୋକପ୍ରିୟତା ପାଇଁ ଏହାର ସାହାରା ନେଉଛନ୍ତି। ଆଗ ଧାଡ଼ିର ଅଭିନେତ୍ରୀ ଅଭିନେତା ଏବେ ଏହି ଟ୍ରେଣ୍ଡକୁ ଆଗକୁ ନେଉଥିବା ଦେଖାଯାଉଛି।

## ଦେଶସେବାରେ ଜୀବନ ଉତ୍ସର୍ଗ

### କାର୍‌ଗିଲ ବିଜୟ ଦିବସ

କାର୍‌ଗିଲ ଯୁଦ୍ଧରେ ପାକିସ୍ତାନ ଉପରେ ଭାରତର ବିଜୟ ପାଳନ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୬ରେ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଥାଏ। ଉତ୍ତର କାର୍‌ଗିଲ ଜିଲାର ପାର୍ବତ୍ୟ ଶିଖରରୁ ପାକିସ୍ତାନୀ ସୈନ୍ୟବାହିନୀକୁ ହଟାଇବା ପାଇଁ ଭାରତୀୟ ସେନା ବୀରତ୍ୱର ପରିଚୟ ଦେଇଥିଲେ। ଏହାକୁ ସ୍ମରଣକରି ଜୀବନକୁ ବଳିଦାନ ଦେଇ ଦେଶସେବାରେ ନିଜକୁ ଉତ୍ସର୍ଗ କରିଥିବା ଯବାନମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ। ୧୯୯୯ରେ ଲଦାଖର କାର୍‌ଗିଲ ଜିଲାରେ ପାକିସ୍ତାନୀ ସୈନ୍ୟ ଅନୁପ୍ରବେଶ କରିଥିବା ଜଣାପଡ଼ିଥିଲା। ପ୍ରାରମ୍ଭରେ ପାକିସ୍ତାନୀ ସେନା ଏହି ଯୁଦ୍ଧରେ ଜଡ଼ିତ ଥିବା କଥାକୁ ଅସ୍ୱୀକାର କରି କଶ୍ମୀର ଆତଙ୍କବାଦୀଙ୍କ ଦ୍ୱାରା ଏଭଳି ହୋଇଥିବା ଦାବି କରାଯାଇଥିଲା। ମାତ୍ର ପରେ ପାକିସ୍ତାନର ଷଡ଼ଯନ୍ତ୍ର ବିଷୟରେ ଜଣାପଡ଼ିଥିଲା। ଭାରତୀୟ ସେନା ଜବରଦଖଲ ହଟାଇଥିଲେ। କାର୍‌ଗିଲ ଯୁଦ୍ଧର ହିରୋମାନଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ଭାରତର ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ଇଣ୍ଡିଆ ଗେଟ୍‌ରେ ଅମର ଯବାନ ଜ୍ୟୋତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥାନ୍ତି। ଭାରତୀୟ ସଶସ୍ତ୍ର ବାହିନୀର ଅବଦାନକୁ ସ୍ମରଣ କରିବା ପାଇଁ ସାରା ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ।

**ଅଗଷ୍ଟ ୧୫ରୁ କମିପାରେ ଔଷଧ ଦାମ୍**

**ଭୁବନେଶ୍ୱର:** ଚଳିତ ବର୍ଷ ଅଗଷ୍ଟ ୧୫ ଅବସରରେ କେନ୍ଦ୍ର ସରକାର କ୍ୟାନସର, ଡାଇବେଟିସ୍ ଓ ହୃଦ୍‌ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ରୋଗରେ ପୀଡ଼ିତ ରୋଗୀ ବ୍ୟବହାର କରୁଥିବା ଔଷଧର ମୂଲ୍ୟ ହ୍ରାସ ସମ୍ପର୍କରେ ଘୋଷଣା କରିପାରନ୍ତି। ଏ ସମ୍ପର୍କରେ ମଧ ଏକ ବିସ୍ତୃତ ପ୍ରସ୍ତାବ ପ୍ରସ୍ତୁତ ହୋଇଥିବା ବେଳେ ତାହା ଚୂଡ଼ାନ୍ତ ମଞ୍ଜୁରୀ ଅପେକ୍ଷାରେ ରହିଛି। ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ଔଷଧର ଦାମ୍‌କୁ ନେଇ ସରକାର ଚିନ୍ତିତ ଥିବା ବେଳେ ସେ ସବୁ ଔଷଧର ମୂଲ୍ୟ କମାଇବା ବିଷୟରେ ସରକାର ବିଚାର କରୁଛନ୍ତି। ସେହିଭଳି ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ହୋଇଥିବା ପ୍ରସ୍ତାବ ମଞ୍ଜୁର ହେଲେ ଔଷଧଗୁଡ଼ିକର ଦାମ୍ ପ୍ରାୟ ୭୦% ପର୍ଯ୍ୟନ୍ତ ହ୍ରାସ ହେବ ବୋଲି ଶୁଣାଯାଉଛି।

# ଭୁବନେଶ୍ୱର ସେଣ୍ଟରରେ ଏଜିଏସ୍‌ଡିର ଶୁଭାରମ୍ଭ

**ଭୁବନେଶ୍ୱର,୨୫।୭**




ଇଞ୍ଜିନିୟରିଂ ଏବଂ ମେଡିକାଲ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ପାଇଁ ଜଣାଶୁଣା ଘରୋଇ ଶିକ୍ଷାନୁଷ୍ଠାନ 'ଆଲେନ୍ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ'ର ବ୍ୟାପକ ସଫଳତା ପରେ ଆଲେନ୍ ବର୍ତ୍ତମାନ ଛାତ୍ରୀଛାତ୍ରମାନଙ୍କୁ ବିଶ୍ୱର ଶୀର୍ଷ ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟରେ ସ୍ଥାନ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ସଂସ୍ଥାର ଭୁବନେଶ୍ୱର ସେଣ୍ଟରଠାରେ ଆଲେନ୍ ଗ୍ଲୋବାଲ ଷ୍ଟଡିଜ୍ ଡିଭିଜନ୍ (ଏଜିଏସ୍‌ଡି)ର ଶୁଭାରମ୍ଭ ସୋମବାର ମହା ଆଡମ୍ବର ସହକାରେ ହୋଇଯାଇଛି।

ଏହି ଅବସରରେ ଏଜିଏସ୍‌ଡିର ମୁଖ୍ୟ ଅପୂର୍ବ ଭଟ୍ଟ ଏବଂ ସଚିନ ଶ୍ରୀବାସ୍ତବଙ୍କ ସମେତ ଆଲେନ୍ ସେଣ୍ଟର ହେଡ୍ ଅନୁରାଗ ମିଶ୍ର, ଆଲେନ୍ ଆଡ୍‌ମିନ୍ ହେଡ୍ ସିଦ୍ଧାର୍ଥ ଶଙ୍କର ରାଉତ ଏବଂ ଏଜିଏସ୍‌ଡିର ସଂଯୋଜକମାନେ ଉପସ୍ଥିତ ଥିଲେ। ବିଶ୍ୱର ପ୍ରମୁଖ ବିଶ୍ୱବିଦ୍ୟାଳୟଗଡ଼ିକରେ ସ୍ନାତକୋତ୍ତର କାର୍ଯ୍ୟକ୍ରମ ପାଇଁ ଅନୁଷ୍ଠିତ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ଲାଗି ଏଜିଏସ୍‌ଡି ତା'ର ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରାଉଛି। ଏଠାରେ ପାଠ୍ୟକ୍ରମର ପ୍ରସ୍ତୁତି ସହ ଛାତ୍ରୀଛାତ୍ରମାନଙ୍କୁ ପ୍ରୋଫାଇଲ ତିଆରି, ସାକ୍ଷାତକାର କୌଶଳ ଆଦି ଉପରେ ମଧ୍ୟ ଆବଶ୍ୟକ ଶିକ୍ଷା ଦିଆଯାଇଥାଏ ବୋଲି ଅପୂର୍ବ ଭଟ୍ଟ ମତବ୍ୟକ୍ତ କରିଛନ୍ତି। ସେହିଭଳି ବର୍ତ୍ତମାନ ସୁଦ୍ଧା ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଶ୍ୱର ଶୀର୍ଷ ବିଶ୍ୱବିଦ୍ୟାଳୟରେ ସ୍ଥାନ ପାଇସାରିଛନ୍ତି। ଯେପରିକି ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି), ଅକ୍ସଫୋର୍ଡ ୟୁନିଭର୍ସିଟି, କାନାଡାର ୟୁନିଭର୍ସିଟି ଅଫ୍ ଟରୋଣ୍ଟୋ ଆଦିରେ ଆଲେନ୍ ଛାତ୍ରୀଛାତ୍ରମାନଙ୍କୁ ପଢ଼ିବାକୁ ଚୟନ କରାଯାଇଛି। ଏଠାରେ ଏଜିଏସ୍‌ଡି ମାଧ୍ୟମରେ ଲିଖିତ ପରୀକ୍ଷା ସହ ଭିସା ସାକ୍ଷାତକାର ପ୍ରସ୍ତୁତିର ମକ୍ ଟେଷ୍ଟ ମଧ୍ୟ କରାଯାଇଥାଏ ବୋଲି ସଚିନ ଶ୍ରୀବାସ୍ତବ କହିଛନ୍ତି।

## ୩୦୬ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ନୂଆଦିଲ୍ଲୀ,୨୫।୭**

ଗତ କିଛି ମାସ ହେବ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କାରଣ ଯୋଗୁ ଭାରତୀୟ ଶେୟାର ବଜାରର କାରବାର ଉପର ତଳ ହେଉଛି। ଫଳରେ କେଉଁ ସପ୍ତାହରେ ବଜାର କାରବାର ଭଲ ରହୁଥିବା ବେଳେ ଆଉ କେଉଁ ସପ୍ତାହରେ ଖରାପ ରହୁଛି। ଏପରିକି ଗତ ସପ୍ତାହରେ ବଜାର କାରବାର ଭଲ ରହିଥିଲା। ହେଲେ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ଶେୟାର ବଜାର କାରବାର ହ୍ରାସ ପାଇଛି। ଫଳରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ପ୍ରାୟ ୧% ଶେୟାର ହ୍ରାସ ଘଟିଛି। ସୋମବାର ସେନ୍‌ସେକ୍ସ ୩୦୬.୦୧ ପଏଣ୍ଟ (୦.୫୫%) ହ୍ରାସ ଘଟି ୫୫,୭୬୬.୨୨ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ୮୮.୪୫ ପଏଣ୍ଟ (୦.୫୩%) ଖସି ୧୬,୬୩୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ପ୍ରଥମ କାର୍ଯ୍ୟ ଦିବସରେ ବିଶେଷ କରି ବ୍ୟାଙ୍କ, ଆଇଟି ଓ ମେଟାଲ ଭଳି କ୍ଷେତ୍ରରେ ବ୍ୟାପକ କାରବାର ମାନ୍ଦା ରହିବା ଯୋଗୁ ଷ୍ଟକ ବଜାରର ଫଳାଫଳ ଖରାପ ରହିଥିଲା।

## ଫ୍ଲାଗ୍ କୋଡ୍ ସଂଶୋଧନ ସୁଦୂରପ୍ରସାରୀ : ନବୀନ

**ଭୁବନେଶ୍ୱର,୨୫।୭**


ନବୀନ ଜିନ୍ଦଲ

ଭାରତୀୟ ଗଣତନ୍ତ୍ରର ସର୍ବୋଚ୍ଚ ପ୍ରତୀକ ତ୍ରିରଙ୍ଗାକୁ ଉତ୍ତୋଳନ କରିବାର ଅଧିକାର ନିକଟରେ ଜନସାଧାରଣଙ୍କୁ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଦ୍ୱାରା ଫ୍ଲାଗ୍ କୋଡ୍ ଅଫ୍ ଇଣ୍ଡିଆର ସଂଶୋଧନକୁ ନବୀନ ଜିନ୍ଦଲ ସ୍ୱାଗତ କରିବା ସହ ବର୍ତ୍ତମାନ ଏହାକୁ ନିଜ ଘର କିମ୍ବା ପ୍ରତିଷ୍ଠାନରେ ୨୪ଘଣ୍ଟା ଉଡ଼ାଇବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ନୂତନ ସଂଶୋଧନ ଅନୁଯାୟୀ ଜାତୀୟ ପତାକା ତ୍ରିରଙ୍ଗାକୁ ବର୍ତ୍ତମାନ ଦିନରାତି ସମ୍ମାନର ସହକାରେ ଉଡ଼ାଯାଇପାରିବ। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଦେଶବାସୀଙ୍କୁ ସରକାରଙ୍କ ଏହା ଏକ ବଡ଼ ଉପହାର ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଯେତେବେଳେ ନବୀନ ଜିନ୍ଦଲ ଆମେରିକାରେ ପଢୁଥିଲେ, ସେତେବେଳେ ସେ ୩୬୫ ଦିନ ଭାରତୀୟ ପତାକା ଲଗାଉଥିଲେ। କିନ୍ତୁ ଭାରତ ଆସିବା ପରେ ତାଙ୍କୁ ପ୍ରତିଦିନ ପତାକା ଉତ୍ତୋଳନ କରିବାକୁ ବାରଣ କରାଯାଇଥିଲା। ଏହି ଅଧିକାର ପାଇବା ପାଇଁ ସେ ୧୦ବର୍ଷ ଧରି ଆଇନ ଯୁଦ୍ଧ ଲଢ଼ିଥିଲେ ଏବଂ ଶେଷରେ ୨୩ ଜାନୁୟାରୀ ୨୦୦୪ରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ଜନସାଧାରଣ ଏହି ଅଧିକାର ପାଇଲେ, ଆଜି ତ୍ରିରଙ୍ଗା ଦେଶବାସୀଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇପାରିଛି।

# ଓଡ଼ିଶା ବଜାରରେ ଓଏସ୍‌ଏମ୍‌ର ୩ ଚକିଆ ଯାନ



**ଭୁବନେଶ୍ୱର,୨୫।୭**

ଭାରତ ସରକାରଙ୍କ ଷ୍ଟାର୍ଟଅପ ଯୋଜନାରେ ଗଢ଼ିଉଠିଥିବା ଓମେଗା ସେଇକି ମୋବିଲିଟି (ଓଏସ୍‌ଏମ୍)ର ଇଭି ଯାନ ବର୍ତ୍ତମାନ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏପରିକି କମ୍ପାନୀ ତା'ର ୧ମ ଶୋ'ରୁମ୍ ସ୍ଥାନୀୟ ମଞ୍ଚେଶ୍ୱରସ୍ଥିତ ଇଷ୍ଟର୍ନ ସ୍କାଏ ଭେଞ୍ଚର୍ସ ଆନୁକୂଲ୍ୟରେ ଶୁଭାରମ୍ଭ କରିଛି। ଏହି ଅବସରରେ କମ୍ପାନୀର ଫାଉଣ୍ଡର ଏବଂ ଚେୟାରମ୍ୟାନ ଉଦୟ ନାରଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଷ୍ଟର୍ନ ସ୍କାଏ ଭେଞ୍ଚର୍ସ ଫ୍ରାଞ୍ଚାଇଜ ଓନର ବିଶ୍ୱଜିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଉଦୟ କହିଥିଲେ, ଓଏସ୍‌ଏମ୍ ହେଉଛି ଏକ କାର୍ଗୋ ଇଭି ଗାଡ଼ି, ମୁଁ ଜୋର ଦେଇ କହିପାରିବି ମୋ କଷ୍ଟମରମାନେ ଏହି କାର୍ଗୋ ଗାଡ଼ି ଦ୍ୱାରା ବହୁତ ଲାଭବାନ ହେବେ। ସେହିଭଳି ୨୦୨୫ ସୁଦ୍ଧା ଏହି କାର୍ଗୋ ଗାଡ଼ି ସାରା ଭାରତରେ ଆଧିପତ୍ୟ ବିସ୍ତାର କରିବ। ଆମେ କଷ୍ଟମରଙ୍କ ଲୋନ୍ ସୁବିଧା ପାଇଁ ଅନେକ ବ୍ୟାଙ୍କ ସହ ମଧ୍ୟ ସହବନ୍ଧିତ ହୋଇଛୁ। ଏହାର ଗ୍ରାହକମାନେ କମ୍ ସୁଧରେ ଗାଡ଼ିକୁ ଫାଇନାନ୍ସ କରିପାରିବେ। ବର୍ତ୍ତମାନ ଏହା ୨ଟି ଭାରିଆଣ୍ଟର ଇଲେକ୍ଟ୍ରି ଥ୍ରି ହୁଇଲର ଇଭି ଯାନର ଶୁଭାରମ୍ଭ କରିଛି। ପ୍ରଥମଟି ରେଜ+ ରାପିଡ ଓପନ କ୍ୟାରିୟର ହାଫ୍ ଟ୍ରେ, ଯାହାର ଏକ୍ସ ଶୋ'ରୁମ ମୂଲ୍ୟ ୩.୫୯ ଲକ୍ଷ ଓ ଅନ୍ୟଟି ରେଜ+ ରାପିଡ ଇଭି ଟପ୍ ବଡ଼ି କଣ୍ଟେନର ଏକ୍ସ ଶୋ'ରୁମ ମୂଲ୍ୟ ୩.୯୯ ଲକ୍ଷ ଟଙ୍କା ରହିଛି।

## ବିଏନ୍‌ପି ପରିବାସ ଫ୍ଲେକ୍ସି କ୍ୟାପ୍ ଫଣ୍ଡ

**ଭୁବନେଶ୍ୱର,୨୫।୭**

ବରୋଦା ବିଏନ୍‌ପି ପରିବାସ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ବିବିଧ ମାର୍କେଟ କ୍ୟାପଗୁଡିକରେ ନିବେଶ ନିମନ୍ତେ ନମନୀୟତା ରଖୁଥିବା ଏକ ପ୍ରଗତିଶୀଳ ଇକ୍ୱିଟି ସ୍କିମ୍ 'ବରୋଦା ବିଏନ୍‌ପି ପରିବାସ ଫ୍ଲେକ୍ସି କ୍ୟାପ ଫଣ୍ଡ' ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫଣ୍ଡ ବିବିଧ କ୍ଷେତ୍ରରେ ନିବେଶ ସୁଯୋଗ ଚିହ୍ନଟ କରିବା ଏବଂ ମାର୍କେଟ କ୍ୟାପିଟାଲାଇଜେଶନ ଉପରେ ଦୃଷ୍ଟିନିବଦ୍ଧ କରିବା ସହ ଅଗ୍ରାଧିକାର ଭିତ୍ତିରେ ଇକ୍ୱିଟି ଏବଂ ଇକ୍ୱିଟି ସମ୍ପର୍କିତ ପ୍ରତିଭୂତିଗୁଡ଼ିକରେ ନିବେଶ ଦ୍ୱାରା ଦୀର୍ଘ ଅବଧି ସମ୍ପତ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି। ଏନ୍‌ଏଫଓ ୨୦୨୨ ଜୁଲାଇ ୨୫ରୁ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ସବସ୍କ୍ରିପସନ ନିମନ୍ତେ ଉପଲବ୍ଧ ହେଉଛି।

# ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ୧ମ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୨୫।୭**

JSW Steel

ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସିକ ଆର୍ଥିକ ପ୍ରଦର୍ଶନ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତର ଇସ୍ପାତ ବ୍ୟବହାର ପରିମାଣ ୨୭.୩୬ ନିୟୁତ ଟନ୍ ରହିଛି, ଯାହା ପୂର୍ବ ତ୍ରୈମାସିକ ତୁଳନାରେ ୫.୬% କମ୍ । ସେହିଭଳି ୨୦୨୨-୨୩ ବର୍ଷର ପ୍ରଥମ ତିନିମାସରେ ବିଶ୍ୱ ବଜାରରେ ଦୁର୍ବଳ ଚାହିଦା ସହିତ ରପ୍ତାନି ଶୁଳ୍କ ଲାଗୁ କାରଣରୁ ଇସ୍ପାତ ସାମଗ୍ରୀ ରପ୍ତାନି ୨୬% ହ୍ରାସ ପାଇ ୨.୮୮ ନିୟୁତ ଟନ୍ ହୋଇଛି। ଅସ୍ଥିର ବଜାର ପରିସ୍ଥିତିକୁ ଦୃଷ୍ଟିରେ ରଖି କମ୍ପାନୀ ଚଳିତ ବର୍ଷ ନେଇଥିବା ରକ୍ଷଣାବେକ୍ଷଣ ସମ୍ପର୍କିତ କେତେକ ବନ୍ଦ ନିଷ୍ପତ୍ତିକୁ ଆଗୁଆ କାର୍ଯ୍ୟକାରୀ କରିଛି, ଯାହା ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ହାରାହାରି କ୍ଷମତା ଉପଯୋଗ ୯୩%କୁ ହ୍ରାସ କରିଛି, ଏହା ୨୦୨୧-୨୨ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ୯୮% ରହିଥିଲା। ୫ ଏମ୍‌ଟିପିଏ ଡଲଭି ଫେଜ-୨ ସମ୍ପ୍ରସାରଣ କାର୍ଯ୍ୟ ଆଗେଇ ଚାଲିଛି ଏବଂ ଆଗାମୀ ମାସଗୁଡ଼ିକରେ ଚାହିଦା ସୁଧୁରିବା ସହିତ ଏହା ପରିମାଣଗତ ଅଭିବୃଦ୍ଧିକୁ ଆଗେଇ ନେବ। ଅଶୋଧିତ ଇସ୍ପାତ ଉତ୍ପାଦନ ୫ ନିୟୁତ ଟନ୍ ଥିଲା, ଯାହା ପୂର୍ବବର୍ଷ ସେହି ସମୟ ତୁଳନାରେ ୨୨% ଅଧିକ। ତେବେ କେତେକ ରକ୍ଷଣାବେକ୍ଷଣ ନିମନ୍ତେ ଉଦ୍ଦିଷ୍ଟ ବନ୍ଦକୁ ପୂର୍ବରୁ କାର୍ଯ୍ୟକାରୀ କରାଯିବା ଦ୍ୱାରା ଏହା ତାହାର ପୂର୍ବ ତିନିମାସ ତୁଳନାରେ ସାମାନ୍ୟ କମ ରହିଥିଲା। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଷ୍ଟାଣ୍ଡଆଲୋନସ୍ତରରେ ବିକ୍ରିଯୋଗ୍ୟ ଇସ୍ପାତ ବିକ୍ରି ପରିମାଣ ୪.୦୩ ନିୟୁତ ଟନ ରହିଥିଲା, ଯାହା ପୂର୍ବବର୍ଷ ସେହି ସମୟ ତୁଳନାରେ ୧୨% ଅଧିକ, କିନ୍ତୁ ଏହାର ଠିକ ପୂର୍ବ ତିନିମାସ ତୁଳନାରେ ୨୧% କମ୍ ହୋଇଥିଲା। ୨୦୨୨ ମେ ୨୨ରୁ ୧୫% ରପ୍ତାନି ଶୁଳ୍କ ଲାଗୁ କରାଯିବା ଦ୍ୱାରା ରପ୍ତାନି ପରିମାଣ ହ୍ରାସ ଏବଂ ଇସ୍ପାତ ମୂଲ୍ୟ ଅଧିକ ହ୍ରାସ ଆଶାରେ ଇସ୍ପାତ ବ୍ୟବହାରକାରୀ ଶିଳ୍ପଗୁଡିକ ପକ୍ଷରୁ ଏହାର କ୍ରୟ ସମୟ ଘୁଞ୍ଚାଇ ଦିଆଯିବା ଦ୍ୱାରା ମୋଟ ଉପରେ ଇସ୍ପାତ ବିକ୍ରି ପ୍ରଭାବିତ ହୋଇଥିଲା।

## ନୀତି ରାଜନୀତି

# ୧୦୦ କୋଟି ଟଙ୍କା କିଏ ଦେବ

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**



- ସରକାରୀ ସମ୍ପତ୍ତିକୁ ଘରୋଇ କମ୍ପାନୀ ଜବତ ଘଟଣା
- ବିଧାନସଭାରେ ସରକାରଙ୍କୁ ଘେରିଲେ ବିରୋଧୀ
- ସୁପ୍ରିମ୍‌କୋର୍ଟରେ ରିଭ୍ୟୁ ପିଟିଶନ କଲେ ସରକାର

ରାଜ୍ୟ ସରକାର ଘରୋଇ କମ୍ପାନୀକୁ ୧୨୦ କୋଟି ଗଣିବେ। କମ୍ପାନୀର ବକେୟା ୨୦ କୋଟି ସହ ୨୦୦୪ରୁ ଆଜି ଯାଏ ୧୦୦ କୋଟି ଟଙ୍କା ପଇଠ କରିବେ। ତଳକୋର୍ଟରୁ ସର୍ବୋଚ୍ଚ ଅଦାଲତ ଯାଏ ସବୁଠି ସରକାରଙ୍କୁ ନିରାଶ ହେବାକୁ ପଡ଼ିଛି। ଟଙ୍କା ନ ଦେବାରୁ ପୂର୍ତ୍ତ ବିଭାଗର ସରକାରୀ ସମ୍ପତ୍ତିକୁ କୋର୍ଟ ନିର୍ଦ୍ଦେଶରେ ପୋଲିସ ସହାୟତାରେ ଏକ ଘରୋଇ କମ୍ପାନୀ ଜବତ କରିଛି। ବିଭାଗର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ସମସ୍ତ ଆସବାବପତ୍ର କମ୍ପାନୀ ନେଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଲଜ୍ଜାଜନକ। ସରକାରୀ ସମ୍ପତ୍ତି ଜବତ ହେଉଛି, ମାତ୍ର ମନ୍ତ୍ରୀ ଏ ବିଷୟରେ ଜାଣିନାହାନ୍ତି। ଏଭଳି ଅଭିଯୋଗ ଆଣି ବିଧାନସଭାରେ ବିରୋଧୀ ଶାସକ ମୁହାଁମୁହିଁ ହୋଇଛନ୍ତି। ଏମିତିକି ବିରୋଧୀଙ୍କ ହଙ୍ଗାମା ଯୋଗୁ ଓଳିଏ ଗୃହକାର୍ଯ୍ୟ ବରବାଦ୍ ହୋଇଯାଇଛି।

ଭାଜପା ଦ୍ୱାରା ପ୍ରଦତ୍ତ 'ସରକାରୀ ସମ୍ପତ୍ତିକୁ ଘରୋଇ କମ୍ପାନୀ ଜବତ କଲା' ଶୀର୍ଷକ ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଗ୍ରହଣ କରି ନ ଥିଲେ। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ବିଧାନସଭାରେ ହଟ୍ଟଗୋଳ କରିଥିଲେ। ଫଳରେ ବିଧାନସଭାର ପ୍ରଶ୍ନକାଳ ବାଏଁ ବାଏଁ ଉଡ଼ିଯାଇଥିଲା। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ପ୍ରଶ୍ନକାଳ ବାତିଲ କରି ବାଚସ୍ପତି ଗୃହକୁ ୧୦.୩୩ ମିନିଟ୍‌ରୁ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

୧୧ଟା ୩୦ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି କହିଥିଲେ, ସୁପ୍ରିମ୍‌କୋର୍ଟରେ ଏ ପ୍ରସଙ୍ଗରେ ରିଭ୍ୟୁ ପିଟିଶନ ଦାଖଲ ହୋଇଥିବାରୁ ରୁଲ୍ ୬୦(VII) ଅନୁସାରେ ଏହା ଆଲୋଚନା ପରିସରଭୁକ୍ତ ହୋଇପାରିବ ନାହିଁ। ଏ ବିଷୟ ଏବେ କୋର୍ଟରେ ବିଚାରାଧୀନ ରହିଛି। ସେଥିପାଇଁ ଏହି ବିଷୟକୁ ଆଲୋଚନା ପାଇଁ ଅଣାଯାଉନାହିଁ। ବାଚସ୍ପତିଙ୍କ ଘୋଷଣାକୁ ଭାଜପା ସଦସ୍ୟମାନେ ଗ୍ରହଣ କରି ନ ଥିଲେ। ଭାଜପା ସଭ୍ୟ ଜୟ ନାରାୟଣ ମିଶ୍ର କହିଥିଲେ, ରାଜ୍ୟ ସରକାର ଯେଉଁ ରିଭ୍ୟୁ ପିଟିଶନ ଦାଖଲ କରିଛନ୍ତି ସୁପ୍ରିମ୍‌କୋର୍ଟ ତାହାକୁ ଗ୍ରହଣ କରିନାହାନ୍ତି। ତେବେ ଏହା କିପରି ସବ୍‌ଜୁଡିସ୍ ଅଛି ବୋଲି ପ୍ରଶ୍ନ କରିଥିଲେ। ବାଚସ୍ପତି କହିଥିଲେ, ଆମ ମାଟିର ଗର୍ବ ଯେ ଓଡ଼ିଆ ଝିଅ ଦେଶର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହୋଇଛନ୍ତି। ତାଙ୍କ ପାଇଁ ବିଧାନସଭାରେ ଏକ ସଙ୍କଳ୍ପ ପ୍ରସ୍ତାବ ଅଣାଯିବ। ଗୃହକାର୍ଯ୍ୟରେ ସହଯୋଗ କରନ୍ତୁ ବୋଲି ବିରୋଧୀ ସଦସ୍ୟମାନଙ୍କୁ ବାଚସ୍ପତି ଅନୁରୋଧ କରିଥିଲେ। ମାତ୍ର ବିରୋଧୀ ଦଳ ସଦସ୍ୟମାନେ ଏହାକୁ ଗ୍ରହଣ କରି ନ ଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଲେ, ଏହି ବିଷୟ ତଳ କୋର୍ଟରେ ଥିଲା, ହାଇକୋର୍ଟ ଗଲା। ହାଇକୋର୍ଟ ନିଷ୍ପତ୍ତିକୁ ସୁପ୍ରିମ୍‌କୋର୍ଟ କାଏମ ରଖିଲେ। ଏଠାରେ ରିଭ୍ୟୁ ପିଟିଶନ କଥା ଉଠିଲା କେଉଁଠି। ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ହାଇକୋର୍ଟ ଅଗ୍ରାହ୍ୟ କରିବା ପରେ ମଧ୍ୟ ରିଭ୍ୟୁ ପିଟିଶନ ଦାଖଲ ବ୍ୟବସ୍ଥା ରହିଛି। ଏହାକୁ ସୁପ୍ରିମ୍‌କୋର୍ଟ ଅଗ୍ରାହ୍ୟ କରିନାହାନ୍ତି। ୨୦୨୨ ମାର୍ଚ୍ଚ ୧୦ରେ ରାଜ୍ୟ ସରକାର ରିଭ୍ୟୁ ପିଟିଶନ ଦାଖଲ କରିଛନ୍ତି। ସୁପ୍ରିମ୍‌କୋର୍ଟରେ ଏହା ୭୭୪୭ ନମ୍ବରରେ ଆଡ୍‌ମିଟ୍ ହୋଇଛି। ବିଷୟ କୋର୍ଟଙ୍କ ବିଚାରାଧୀନ ଥିବା ବେଳେ ଏ ସମ୍ପର୍କରେ ଆଲୋଚନା କରିବା ବିଧାନସଭା ନିୟମବିରୁଦ୍ଧ। ବିଜେଡି ସଭ୍ୟ ଭୂପିନ୍ଦର ସିଂ ମଧ୍ୟ ଅମରଙ୍କୁ ସମର୍ଥନ କଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ। ୨୦୦୪ରୁ ଆର୍ବିଟ୍ରେଶନ ମାମଲାରୁ ଏହା ଗଡ଼ି ଗଡ଼ି ଯାଇଛି। ୨୦ କୋଟିରୁ ୧୨୦ କୋଟିରେ ପହଞ୍ଚିଲାଣି। ୧୦୦ କୋଟି ଟଙ୍କା କିଏ ଦେବ। ସରକାର ତାହାର ଜବାବ ଦେବା ଦରକାର। ପୂର୍ତ୍ତ ବିଭାଗ ମନ୍ତ୍ରୀ ଗଣମାଧ୍ୟମରେ କହୁଛନ୍ତି ଯେ ଏ ବିଷୟରେ ସେ ଜାଣିନାହାନ୍ତି। ଏହାଠାରୁ ଲଜ୍ଜାକର ବିଷୟ ଆଉ କ'ଣ ହୋଇପାରେ। ସୁପ୍ରିମ୍‌କୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି। ଯଦି ଗ୍ରହଣ କରିଛନ୍ତି ମନ୍ତ୍ରୀ ଗୃହକୁ ଜଣାନ୍ତୁ। ଗରିବ ଲୋକଙ୍କ ଅର୍ଥକୁ ଏଭଳି ଭାବେ ସରକାରୀ ଅଧିକାରୀ ଘରୋଇ ସଂସ୍ଥାକୁ ଟେକିଦେବେ। ଅଧିକାରୀ ଦୋଷ କରିବେ ସରକାର ଦଣ୍ଡ ଗଣିବେ। ସରକାର କାହିଁକି ସେ ଟଙ୍କା ଦେବେ। ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ସହ ଉକ୍ତ ଟଙ୍କା ତାଙ୍କଠାରୁ ଆଦାୟ କରିବାକୁ ମୋହନ ଦାବି କରିଛନ୍ତି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ନିନ୍ଦନୀୟ ଘଟଣା। ୨୦୦୪ରୁ ୨୦୨୧ ଭିତରେ ୨୦ କୋଟିଟା ୧୨୦ କୋଟି ହୋଇଗଲା। ଘରୋଇ କମ୍ପାନୀ ଦ୍ୱାରା ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗର ସମସ୍ତ ଗୁପ୍ତତଥ୍ୟ ଜବତ କରାଗଲା। ଯଦି ଏହା କୋର୍ଟରେ ବିଚାରାଧୀନ ରହିଛି ତେବେ ସରକାରୀ ସମ୍ପତ୍ତି ଜବତ ହେଲା କେମିତି। ସରକାର ଏହା କରିବାକୁ ଅନୁମତି ଦେଲେ କିପରି। ଗରିବ, ଖଟିଖିଆ ଲୋକଙ୍କ ପଇସାକୁ ଏମିତି ବରବାଦ୍ କରାଯିବ। ଯେଉଁ କମ୍ପାନୀ ଏହା କରିଛି ସରକାର ସେହି କମ୍ପାନୀକୁ ତୁରନ୍ତ କଳା ତାଲିକା(ବ୍ଲାକ୍ ଲିଷ୍ଟ )ଭୁକ୍ତ କରନ୍ତୁ। ଯେଉଁ ଅଫିସର ଏଥିପାଇଁ ଦାୟୀ ତାଙ୍କଠାରୁ ଏ ଟଙ୍କା ଆଦାୟ କରାଯାଉ।

କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଲେ, ରାଉରକେଲା ଓ ସମ୍ବଲପୁର ରାସ୍ତା ପାଇଁ ୨୦ କୋଟି ବଦଳରେ ଏଲ୍‌ଆଣ୍ଡଟିକୁ ୧୨୦ କୋଟି ସରକାର ଦେବେ। ଏହି ମାମଲା ଲଢୁଥିବା ଓକିଲ ଗଲେ କୁଆଡ଼େ। ସବୁ କୋର୍ଟରେ ହାରିଲ। ଏଲ୍‌ଆଣ୍ଡଟିକୁ ରାସ୍ତା, ଡ୍ରେନ୍, ଘର ସବୁ ଛାଡ଼ିଦେଇଛ। ଖାରବେଳ ଭବନ ଫାଟିଗଲାଣି। ୧୨୦ କୋଟି ଗରିବଙ୍କ ପଇସା। ତଦନ୍ତ କରି ଅଫିସରଙ୍କ ବିରୋଧରେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଲେ, ଏହି ବିଷୟ କୋର୍ଟରେ ବିଚାରାଧୀନ ଥିବା ବେଳେ ଗୃହରେ ଆଲୋଚନା କରାଯାଇ ପାରିବନାହିଁ। ଏହାକୁ ନେଇ ଭାଜପା ଓ କଂଗ୍ରେସ ସଭ୍ୟମାନେ ଗୃହରେ ହଟ୍ଟଗୋଳ କଲେ। ସ୍ଲୋଗାନ ଓ ନାରାବାଜିରେ ବିଧାନସଭା ପ୍ରକମ୍ପିତ ହେଲା। ବାଚସ୍ପତି ବାଧ୍ୟହୋଇ ଗୃହକୁ ୧୧ଟା ୫୫ ମିନିଟ୍‌ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ।

## 'ବେଳେବେଳେ ମନକୁ ଆସୁଛି ରାଜନୀତି ଛାଡିଦେବି'

**ନୂଆଦିଲ୍ଲୀ,୨୫।୭**


ନୀତୀନ ଗଡକରୀ

ବର୍ତ୍ତମାନର ରାଜନୈତିକ ପରିସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ନୀତୀନ ଗଡକରୀ। ଏକ ସମ୍ମାନ ସମାରୋହରେ ଗଡକରୀ କହିଛନ୍ତି, ରାଜନୀତିର ଅର୍ଥ ସମାଜ, ଦେଶର କଲ୍ୟାଣ ପାଇଁ ନା ସରକାରରେ ରହିବା ତାହା ପ୍ରଥମେ ବୁଝିବାକୁ ପଡ଼ିବ। କାରଣ ଆଜିର ରାଜନୀତି, ଯାହା ଦେଖୁଛୁ ତାହା କେବଳ ଶତପ୍ରତିଶତ କ୍ଷମତାରେ ରହିବା ଚିନ୍ତାଧାରା ଉପରେ ପର୍ଯ୍ୟବସିତ। ରାଜନୀତି ହେଉଛି ସାମାଜିକ ଏବଂ ଅର୍ଥନୈତିକ ସଂସ୍କାରର ପ୍ରକୃତ ମାଧ୍ୟମ। ତେଣୁ ଆଜିର ରାଜନେତା ସମାଜରେ ଶିକ୍ଷା, କଳା ଇତ୍ୟାଦି ବିକାଶ ପାଇଁ କାର୍ଯ୍ୟ କରିବା ଜରୁରୀ। ଗଡକରୀ ଆହୁରି ମଧ୍ୟ କହିଛନ୍ତି, ବେଳେବେଳେ ରାଜନୀତି ଛାଡିବାକୁ ଚିନ୍ତା କରେ। କାରଣ ରାଜନୀତି ବ୍ୟତୀତ ଜୀବନରେ ଅନେକ କିଛି କରିବାକୁ ପଡିବ। ଯେତେବେଳେ ଲୋକେ ମୋତେ ବଡ଼ ବଡ଼ ଫୁଲତୋଡା ଦିଅନ୍ତି କିମ୍ବା ମୋ ପୋଷ୍ଟର ଲଗାନ୍ତି ମୋତେ ଖରାପ ଲାଗେ। ସେ କହିଥିଲେ, ଆଜିକାଲି ରାଜନୀତିରେ ଯିଏ ମୁଖ୍ୟମନ୍ତ୍ରୀ ହେଉଛନ୍ତି,ସେଚିନ୍ତାରେ ରହୁଛନ୍ତି କେତେବେଳେ ସେ ଗାଦିରୁ ହଟିଯିବେ। ବିଧାୟକ ଏଥିପାଇଁ ଦୁଃଖୀ ଥାଆନ୍ତି, କାରଣ ମନ୍ତ୍ରୀ ପଦ ତାଙ୍କୁ ମିଳୁନାହିଁ। ମନ୍ତ୍ରୀ ଏଥିଲାଗି ଦୁଃଖୀ, ତାଙ୍କୁ ଭଲ ବିଭାଗ ମିଳୁନାହିଁ। ଭଲ ବିଭାଗ ମିଳିଥିବା ମନ୍ତ୍ରୀ ଏଥିପାଇଁ ଦୁଃଖୀ, ସେ ମୁଖ୍ୟମନ୍ତ୍ରୀ ହୋଇପାରିଲେ ନାହିଁ। ଗଡକରୀଙ୍କ ଏହି ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା।

## ରାଷ୍ଟ୍ରପତିଙ୍କ ଶପଥ ଉତ୍ସବ ଏକାଠି ଦେଖିଲେ ଭାଜପା ନେତା, କର୍ମୀ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ):** ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ସୋମବାର ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ଭାଜପା ନେତା ଓ କର୍ମୀ ଦଳୀୟ କାର୍ଯ୍ୟାଳୟଠାରେ ଶପଥ ଗ୍ରହଣର ସିଧାପ୍ରସାରଣ ଏକାଠି ବସି ଦେଖିଛନ୍ତି। ଶପଥ ଗ୍ରହଣ ଉତ୍ସବ ପୂର୍ବରୁ ରାଜ୍ୟ କାର୍ଯ୍ୟାଳୟରେ ପାରମ୍ପରିକ ନାଚ, ଗୀତ ଓ ମିଷ୍ଟାନ ବଣ୍ଟନ କରି ବିଜୟ ଉତ୍ସବ ପାଳନ ଆରମ୍ଭ ହୋଇସାରିଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ବିଧାୟକ, ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଏହାପରେ ସମସ୍ତେ ଶପଥ ଗ୍ରହଣ ସମାରୋହ କାର୍ଯ୍ୟକ୍ରମ ଦେଖିଥିବା ଦଳ ପକ୍ଷରୁ ସୂଚିତ କରାଯାଇଛି।

## ଆଜି କଂଗ୍ରେସର ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ):** ନ୍ୟାଶନାଲ୍ ହେରାଲ୍ଡ ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ନେତା ରାହୁଲ ଗାନ୍ଧୀଙ୍କୁ ଇଡି ପକ୍ଷରୁ ଏକାଧିକ ଥର ଜେରା କରାଯାଇସାରିଛି। ଦଳୀୟ ହାଇକମାଣ୍ଡଙ୍କୁ ଇଡିର ଏଭଳି ଜେରା ହେବା କଥାକୁ ବିରୋଧ କରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ରାଜ୍ୟବ୍ୟାପୀ ବାରମ୍ବାର ଆନ୍ଦୋଳନ ଚାଲିଛି। ତେବେ ସୋନିଆଙ୍କୁ ପୁଣି ଇଡିରେ ହାଜର ହେବା ନୋଟିସ୍‌କୁ ନେଇ ପିସିସି ପକ୍ଷରୁ ମଙ୍ଗଳବାର କଂଗ୍ରେସ ଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଲାଗି ଡାକରା ଦିଆଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧ଟାରେ ଏହି ସତ୍ୟାଗ୍ରହ କରାଯିବ। ଦଳର ବରିଷ୍ଠ ନେତା ଓ କର୍ମୀମାନଙ୍କୁ ଏହି ସତ୍ୟାଗ୍ରହରେ ସାମିଲ ହେବା ଲାଗି ପିସିସି ସଭାପତି ଅନୁରୋଧ କରିଛନ୍ତି।


ନୂଆଦିଲ୍ଲୀର ଆଇଟିଓଠାରେ ରାଜ୍ୟ ସରକାରଙ୍କ ଅବକାରୀ ନୀତିକୁ ବିରୋଧ କରି ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ ବେଳେ ଜଣେ ଭାଜପା କର୍ମକର୍ତ୍ତାଙ୍କୁ ସୁରକ୍ଷା କର୍ମୀମାନେ ଅଟକାଉଛନ୍ତି।

# ଆର. ଶ୍ରୀକାନ୍ତଙ୍କୁ ଗୁରୁଦାୟିତ୍ୱ, ରଶ୍ମିରଞ୍ଜନ ଓସିଏ ଏକାଡେମୀ ମୁଖ୍ୟ କୋଚ୍

**ଭୁବନେଶ୍ୱର, ୨୫।୭ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ୨୦୨୨-୨୩ ସିଜନ ପାଇଁ କୋଚିଂ ଓ ସପୋର୍ଟ ଷ୍ଟାଫ୍ ପ୍ୟାନେଲ ଘୋଷଣା କରାଯାଇଛି। ଗତ ଏପ୍ରିଲରେ କ୍ରିକେଟ ପରାମର୍ଶଦାତା କମିଟି ପକ୍ଷରୁ ସାକ୍ଷାତକାର ନିଆ ଯାଇଥିଲା। ସେହି ପରିପ୍ରେକ୍ଷୀରେ ଏବେ ନିଯୁକ୍ତି ମିଳିଛି। ଆର. ଶ୍ରୀକାନ୍ତଙ୍କୁ ସିନିୟର ପୁରୁଷ କ୍ରିକେଟ ଦଳର ବୈଷୟିକ ନିର୍ଦ୍ଦେଶକ ଏବଂ ଲିଡ୍ କୋଚ୍‌ର ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ରଶ୍ମି ରଞ୍ଜନ ପରିଡ଼ା ଓସିଏ ଏକାଡେମୀର ମୁଖ୍ୟ କୋଚ୍ ଏବଂ ପୁଷ୍ପାଞ୍ଜଳୀ ବାନାର୍ଜୀ ଓସିଏ ଏକାଡେମୀ ମହିଳା ୱିଙ୍ଗ୍‌ର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଏକ ୧୫ ଜଣିଆ କୋଚ୍ ତାଲିକା ଘୋଷଣା କରାଯାଇଛି। ଏଥିରେ ଗୌତମ ଗୋପାଳ, ନଟରାଜ ବେହେରା,

## ୨୦୨୨-୨୩ ସିଜନ ପାଇଁ ଓସିଏର କୋଚିଂ ଓ ସପୋର୍ଟ ଷ୍ଟାଫ୍ ପ୍ୟାନେଲ ଘୋଷିତ

ରଶ୍ମି ରଞ୍ଜନ ଦାସ, ନିରଞ୍ଜନ ବେହେରା, ସୁରେଶ କୁମାର, କାଦମ୍ବିନୀ ମହାକୁଡ଼, କେ.ଭି. ପ୍ରସାଦ, ମଧୁମିତା ବେହେରା, ଦୀପକ ମଙ୍ଗରାଜ, ରାକେଶ ମହାନ୍ତି, ସୋଭନ ଦେବ, ଦୀପକ ବେହେରା, ଇତିଶ୍ରୀ ପଟ୍ଟନାୟକ, ଟିଙ୍କିଲତା ପ୍ରଧାନ ଓ ସୌରଭ ସେହଗଲ ସ୍ଥାନ ପାଇଛନ୍ତି। ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିଶନିଂ ୱିଙ୍ଗ୍‌ରେ ପୂର୍ଣ୍ଣେନ୍ଦୁ ଜେନା ମୁଖ୍ୟ କୋଚ୍ ଏବଂ ମନୋଜ ବିଶ୍ୱାଳ, ଜଗତ ରଞ୍ଜନ ଦାସ, ସୌର୍ଯ୍ୟ ରଞ୍ଜନ ରାୟ, ସ୍ୱେତା ସାମନ୍ତରାୟ, ବିନୁ ସାହୁ ଓ ସସ୍ମିତା ସାହୁ ସ୍ଥାନ ପାଇଛନ୍ତି। ସେହିପରି ଫିଜିଓଥେରାପି ୱିଙ୍ଗ୍‌ରେ ରୋନି ଚାଟାର୍ଜୀ (ମୁଖ୍ୟ ଫିଜିଓ), ବୁଶ୍‌ରା ଅଜିଜ (ମହିଳା ଫିଜିଓ ମୁଖ୍ୟ), ଶୁଭକାନ୍ତ ସାହୁ, ସ୍ୱସ୍ତିକ ପି. ମହାନ୍ତି, ଦୀନେଶ ସାହୁ, ଅମ୍ରିତା ତ୍ରିପାଠୀ ଓ ନଫିସା ସବନମ ରହିଛନ୍ତି। ଆନାଲିଷ୍ଟ ପ୍ୟାନେଲରେ ସ୍ଥାନ ପାଇଛନ୍ତି ଶାରଦା ପ୍ରସନ୍ନ ବିଶ୍ୱାଳ, ନବିନ ବେହେରା ଓ ଗାୟତ୍ରୀ ବେହେରା। ଏହିସବୁ କୋଚ୍ ଏବଂ ସପୋର୍ଟ ଷ୍ଟାଫ୍‌ମାନେ ଓସିଏ ଏକାଡେମୀର ସମସ୍ତ କାର୍ଯ୍ୟକଳାପରେ ସାମିଲ ରହିବେ ଏବଂ ୨୦୨୨-୨୩ ବିସିସିଆଇ ଘରୋଇ ଟୁର୍ନାମେଣ୍ଟ ଅବସରରେ ବିଭିନ୍ନ ଦଳସହ କାର୍ଯ୍ୟ କରିବେ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ନବନିଯୁକ୍ତ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା

ଶ୍ରେୟାଂଶୀ (ତ୍ରିଷା)
ପ୍ରତାପରୁଦ୍ରପୁର, ବାଲିଅନ୍ତା
ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ନୀରୋଗୀ ରଖନ୍ତୁ, ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ଅମିୟବାଳା ପଣ୍ଡା, କାଶୀନାଥ, ବିଶ୍ୱନାଥ, ବିଷ୍ଣୁଚରଣ, ସାଜନ୍, ଲିପିକା, ବଡ଼ମାମା, ସାନମା', ମିକୁ ଓ ଲକୁ ଓ ବନ୍ଧୁ ପରିବାରବର୍ଗ।
ଧ-୭୧୨୧୩




କଳିଙ୍ଗ ଷ୍ଟାଡିୟମରେ ସୋମବାର ଆରମ୍ଭ ହୋଇଥିବା ୨୦ ବର୍ଷରୁ କମ୍ ସାଉଥ୍ ଏସିଆନ ଫୁଟବଲ ଚାମ୍ପିୟନଶିପ୍‌ରେ ନେପାଳ-ମାଳଦ୍ୱୀପ ଏବଂ ବାଂଲାଦେଶ-ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

# ମାଳଦ୍ୱୀପକୁ ୪-୦ରେ ହରାଇଲା ନେପାଳ

**ଭୁବନେଶ୍ୱର, ୨୫।୭ (କ୍ରୀଡ଼ା ପ୍ରତିନିଧି)**

୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ୍ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍‌ର ୪ର୍ଥ ସଂସ୍କରଣ ସୋମବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପୂର୍ବରୁ ଏଠାରେ ୨୦୧୯

## କଳିଙ୍ଗରେ ସାଫ୍ ଫୁଟବଲ ଆରମ୍ଭ

ଫେବୃୟାରୀରେ ମହିଳା ଗୋଲ୍ଡ କପ୍ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବାବେଳେ କଳିଙ୍ଗ ଷ୍ଟାଡିୟମ ଫୁଟ୍‌ବଲ ଇତିହାସରେ ଯୋଡ଼ିହୋଇଛି ଏକ ନୂଆ ଫର୍ଦ୍ଦ। କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଉପସ୍ଥିତ ରହି ନେପାଳ ଓ ମାଳଦ୍ୱୀପ ଖେଳାଳିଙ୍କ ସହ ପରିଚିତ ହେବାପରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ନେପାଳ ୪-୦ ଗୋଲରେ ମାଳଦ୍ୱୀପକୁ ପରାସ୍ତ କରିଛି।



ମ୍ୟାଚ ଆରମ୍ଭ ପୂର୍ବରୁ ନେପାଳ ଓ ମାଳଦ୍ୱୀପ ଖେଳାଳିଙ୍କ ସହ ରାଜ୍ୟ କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା।

ପ୍ରଥମାର୍ଦ୍ଧରେ ଉଭୟ ଦଳ ସମକକ୍ଷ ପ୍ରଦର୍ଶନ କରିଥିଲେ। ଫଳରେ ୪୦ ମିନିଟ୍ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲେ। ୪୨ତମ ମିନିଟରେ ଦୀପେଶ ଗୁରୁଙ୍ଗ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷବେଳକୁ ନେପାଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ନେପାଳ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲା। ୫୭ତମ ମିନିଟରେ ସୁଗମ ସୁୱାଲ ଏକ ଗୋଲ ଦେଇ ନେପାଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିବାବେଳେ ଏହାର ୫ ମିନିଟ୍ ପରେ ଅର୍ଥାତ୍ ୬୨ତମ ମିନିଟରେ କ୍ରିତିଶ ରତ୍ନ ଛୁନ୍‌ଜୁଙ୍କ ଗୋଲ ବଳରେ ଏହି ଦଳ ୩-୦ରେ ଆଗୁଆ ହୋଇଯାଇଥିଲା। ମାଳଦ୍ୱୀପ କୋଚ୍ ଅହମଦ ଶାକିର ୬୪ରୁ ୭୧ ମିନିଟ୍ ମଧ୍ୟରେ ୩ ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରିଥିଲେ ହେଁ କିଛି ଫଳ ମିଳି ନ ଥିଲା। ଏହାପରେ ନେପାଳ ମୁଖ୍ୟ କୋଚ୍ ମେଘରାଜ କେ.ସି. ୫ ଖେଳାଳି ପରିବର୍ତ୍ତନ କରି ଆକ୍ରମଣ ଜାରି ରଖିଥିଲେ। ଇଞ୍ଜୁରି ଟାଇମ୍ ୯୦+୪ ମିନିଟ୍‌ରେ ମନଙ୍କ ନକର୍ମି ନେପାଳ ପକ୍ଷରୁ ୪ର୍ଥ ଗୋଲଟି ସ୍କୋର କରିଥିଲେ। ମଙ୍ଗଳବାର ବିଶ୍ରାମ ପରେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ବୁଧବାର ବାଂଲାଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଗତ ସଂସ୍କରଣ ଅର୍ଥାତ୍ ୨୦୧୯ ଫାଇନାଲରେ ବାଂଲାଦେଶକୁ ୨-୧ ଗୋଲରେ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଏହାର ରି-ମ୍ୟାଚ୍ ୨୭ ତାରିଖରେ କଳିଙ୍ଗରେ ଦେଖିବାକୁ ମିଳିବ। ବାଂଲାଦେଶ ଦଳ ପରାଜୟର ମଧୁର ପ୍ରତିଶୋଧ ନେବା ଲକ୍ଷ୍ୟରେ ଥିବାବେଳେ ଭାରତର ଉନ୍ନତ ପ୍ରଦର୍ଶନ ନେଇ ଆଶା ପ୍ରକାଶ କରିଛନ୍ତି ମୁଖ୍ୟ କୋଚ୍ ଶନ୍ମୁଗମ୍ ଭେଙ୍କଟେଶ।

# ପ୍ରିଶା ରନର୍ସଅପ୍

**ଭୁବନେଶ୍ୱର, ୨୫।୭ (କ୍ରୀଡ଼ା ପ୍ରତିନିଧି):** ବେଙ୍ଗାଲୁରୁସ୍ଥିତ ଆଭେନ୍ୟୁ ଗଡ୍‌ସ୍ପିଡ୍ ଟେନିସ୍ ଏକାଡେମୀରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଚାମ୍ପିୟନଶିପ୍ ସିରିଜ୍‌ର ଟେନିସ୍ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରିଶା ଦାସ ରନର୍ସଅପ୍ ହୋଇଛନ୍ତି। ପ୍ରତିଯୋଗିତାରେ ଆକର୍ଷଣୀୟ ପ୍ରଦର୍ଶନ କରିଥିବା ଓଡ଼ିଶାର ଏହି ଟେନିସ୍ ପ୍ରତିଭା ଫାଇନାଲରେ ପଶ୍ଚିମବଙ୍ଗର ଯଶ୍‌ଭି ଶର୍ମାଙ୍କଠାରୁ ୨-୬, ୬-୭ (୪/୭) ସେଟ୍‌ରେ ହାରି ଯାଇଥିଲେ। ପଟିଆସ୍ଥିତ ଟେନିସ୍ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଅଲୀଙ୍କଠାରୁ ପ୍ରିଶା ପ୍ରଶିକ୍ଷଣପ୍ରାପ୍ତ।



ପୁରସ୍କାର ସହ ପ୍ରିଶା ଦାସ।

# ମୀରାଜୁଲ୍‌ଙ୍କ ଗୋଲରେ ବାଂଲାଦେଶ ବିଜୟୀ

**ଭୁବନେଶ୍ୱର, ୨୫।୭ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ୨୦ ବର୍ଷରୁ କମ୍ ସାଉଥ ଏସିଆନ ଫୁଟବଲ ଚାମ୍ପିୟନଶିପ୍‌ର ସୋମବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ବାଂଲାଦେଶ ବିଜୟୀ ହୋଇଛି। ମୀରାଜୁଲ ଇସଲାମଙ୍କ ଗୋଲ ବଳରେ ବାଂଲାଦେଶ ୧-୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଆରମ୍ଭରୁ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ମୀରାଜୁଲ ୭୧ତମ ମିନିଟରେ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ବିଜୟ ସହ ଅଭିଯାନ ଆରମ୍ଭ କରିଥିବାରୁ ନେପାଳ ଓ ବାଂଲାଦେଶ ୩ ପଏଣ୍ଟ ଲେଖାଏ ପାଇଛନ୍ତି।

# ମୁସେଟିଙ୍କୁ ପ୍ରଥମ ଟୁର୍ ଟାଇଟଲ

**ହାମ୍‌ବର୍ଗ, ୨୫।୭ (ଏପି):** ହାମବର୍ଗ ୟୁରୋପିଆନ୍ ଓପନ୍ ଫାଇନାଲରେ ଟପ୍ ସିଡ କାର୍ଲୋସ ଅଲ୍‌କାରାଜଙ୍କୁ ୬-୪, ୬-୭ (୬), ୬-୨ରେ ହରାଇ ଲୋରେଞ୍ଜୋ ମୁସେଟି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଇଟାଲୀର ଏହି ୨୦ ବର୍ଷୀୟ ଖେଳାଳି ତାଙ୍କ ପ୍ରଥମ ଟୁର୍ ଲେଭଲ ଟାଇଟଲ ଜିତିବା ଲାଗି ୨ ଘଣ୍ଟା ୪୭ ମିନିଟ ସମୟ ନେଇଥିଲେ। ସ୍ପେନର ୧୯ବର୍ଷୀୟ ଅଲ୍‌କାରାଜ ଚଳିତ ବର୍ଷ ତାଙ୍କ ୫ମ ଟାଇଟଲ ହାସଲ ଲକ୍ଷ୍ୟରେ ରହିଥିଲେ। ପୂର୍ବରୁ ସେ ମାଡ୍ରିଡ୍, ବାର୍ସିଲୋନା, ମାୟାମି ଓ ରିଓ ଡି'ଜେନିରୋରେ ଚାମ୍ପିୟନ ହୋଇସାରିଥିଲେ। ଶନିବାର ଆମେରିକାର ବର୍ନାର୍ଡା ପେରା ଟପ୍ ସିଡ୍ ଆନେଟ କୋଣ୍ଟାଭିଟ୍‌ଙ୍କୁ ପରାସ୍ତ କରି ମହିଳା ସିଙ୍ଗଲ୍ସ ଫାଇନାଲ ଜିତିଥିଲେ।

# ୱେଷ୍ଟଇଣ୍ଡିଜ ଟୁର୍‌ରେ ଯିବ ନ୍ୟୁଜିଲାଣ୍ଡ

**ୱେଲିଂଟନ, ୨୫।୭ (ଏପି)**

ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ୮ ବର୍ଷ ବ୍ୟବଧାନରେ ୱେଷ୍ଟଇଣ୍ଡିଜ ଟୁର୍‌ରେ ଯିବ। ଦଳ ସେଠାରେ ଅଗଷ୍ଟ ୧୦ରୁ ୨୧ ମଧ୍ୟରେ ତିନୋଟି ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ଖେଳିବ। ପ୍ରଥମେ ଟି୨୦ ସିରିଜ ଖେଳାଯିବ। ଓପନିଂ ମ୍ୟାଚ୍ ଅଗଷ୍ଟ ୧୦ରେ ଜାମାଇକାର କିଙ୍ଗ୍‌ଷ୍ଟନଠାରେ ଖେଳାଯିବ। କିଛିଦିନ ବିଶ୍ରାମ ପରେ ନିୟମିତ ଅଧିନାୟକ କେନ୍ ୱିଲିୟମ୍‌ସନ ଫେରିବା ଦ୍ୱାରା ଦଳ ଅଧିକ ଶକ୍ତିଶାଳୀ ହୋଇଛି। ବ୍ୟାଟର ଟମ୍ ଲଥାମ୍ ଓ ଡେଭନ କନୱେ ଏବଂ ଫାଷ୍ଟ ବୋଲର ଟ୍ରେଣ୍ଟ ବୋଲ୍ଟ ଓ ଟିମ୍ ସୌଦି ମଧ୍ୟ ଦଳରେ ପୁନର୍ବାର ଯୋଗଦେବେ। ଘୋଷଣା କରାଯାଇଥିବା ୧୫ ଜଣିଆ ନ୍ୟୁଜିଲାଣ୍ଡ ଦଳରେ ମାଇକେଲ ବ୍ରେସ୍‌ୱେଲ୍ ଓ ଫିନ୍ ଆଲେନ୍‌ଙ୍କୁ ସ୍ଥାନ ମିଳିଛି। ନିକଟରେ ହ୍ୱାଇଟ୍ ବଲ୍ ମ୍ୟାଚ୍‌ଗୁଡ଼ିକରେ ସେମାନଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା।

# ଭାରତରେ ଟ୍ରେନିଂ ନେବେ ୮ ଅଷ୍ଟ୍ରେଲୀୟ

**ସିଡ୍‌ନୀ, ୨୫।୭:** ଅଷ୍ଟ୍ରେଲୀୟ ବ୍ୟାଟର ୱିଲ୍ ପୁକୋଭସ୍କି ଏବଂ ଅନ୍ୟ ୭ଜଣ କ୍ରିକେଟ ଖେଳାଳି ଆସନ୍ତା ମାସରେ ଭାରତ ଆସିବେ। ସେମାନେ ଚେନ୍ନାଇଠାରେ ଏକ ୧୦ ଦିନିକିଆ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେବେ। ଏମ୍ଆର୍‌ଏଫ୍ ପେସ୍ ଫାଉଣ୍ଡେଶନ ବିନିମୟ କାର୍ଯ୍ୟକ୍ରମର ଅଂଶ ବିଶେଷ ସ୍ୱରୂପ ଅଷ୍ଟ୍ରେଲୀୟ ଖେଳାଳିମାନେ ଭାରତ ଆସିବେ। ୨୪ ବର୍ଷୀୟ ପୁକୋଭସ୍କି ଗତବର୍ଷ ଜାନୁୟାରୀରେ ଭାରତ ବିପକ୍ଷରେ ତାଙ୍କ ଟେଷ୍ଟ ପଦାର୍ପଣ କରିଥିଲେ। ମାତ୍ର ମ୍ୟାଚ ବେଳେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

KUBER FINANCE
(Registered)
ଭାରତର ନଂ ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

ଧନଲକ୍ଷ୍ମୀ ଫାଇନାନ୍ସ
ରେଜିଷ୍ଟର୍ଡ କମ୍ପାନୀ
ସବୁ ବ୍ୟାଙ୍କ ଦ୍ୱାରା ଋଣ
ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଟର, ଏଜୁକେଶନ, ଗୃହ ଉଦ୍ୟୋଗ, ଗାଡ଼ି, ଗୃହ ଋଣ 36 ଘଣ୍ଟାରେ
2% ସୁଧ
50% ଛାଡ଼
(ସିବିଲ ଖରାପ ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
7599195877

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତର କ୍ରମାଗତ ୧୨ ଦିନିକିଆ ସିରିଜ ବିଜୟ

**ପୋର୍ଟ ଅଫ୍ ସ୍ପେନ୍, ୨୫।୭**

ଅକ୍ଷର ପଟେଲଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ଭାରତ ରବିବାର ବିଳମ୍ବିତ ରାତିରେ ଶେଷ ହୋଇଥିବା ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୨ ଉଇକେଟରେ ପରାସ୍ତ କରିଛି। ଏଥିସହ ଭାରତ ୨-୦ରେ ଆଗୁଆ ରହି ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଜିତି ନେଇଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତର ଏହା କ୍ରମାଗତ ୧୨ତମ ଦିନିକିଆ ସିରିଜ ବିଜୟ, ଯାହାକି ଅନ୍ୟ କୌଣସି ଦଳ ତୁଳନାରେ ସର୍ବାଧିକ। ୨୦୦୭ରୁ ୨୦୨୨ ମଧ୍ୟରେ ଏହି ଦଳ ବିପକ୍ଷରେ ଭାରତ ଲଗାତର ୧୨ଥର ସିରିଜ ଜିତିବାକୁ ସକ୍ଷମ ହୋଇଛି। ୧୯୯୬ରୁ ୨୦୨୧ ମଧ୍ୟରେ ଜିମ୍ବାୱେ ବିପକ୍ଷରେ ପାକିସ୍ତାନ ୧୧ଟି ସିରିଜ ଜିତି ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ୧୯୯୯ରୁ ୨୦୨୨ ମଧ୍ୟରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ପାକିସ୍ତାନ ୧୦ଟି, ୧୯୯୫ରୁ ୨୦୧୮ ମଧ୍ୟରେ ଜିମ୍ବାୱେ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୯ଟି ଏବଂ ୨୦୦୭ରୁ ୨୦୨୧ ମଧ୍ୟରେ ଶ୍ରୀଲଙ୍କା ବିପକ୍ଷରେ ଭାରତ କ୍ରମାଗତ ୯ଟି ସିରିଜ ଜିତି ଏହି ତାଲିକାରେ ପଛକୁ ପଛ ରହିଛନ୍ତି।

ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମାତ୍ର ଶେଷରେ ଭାରତ ବାଜି ମାରିଥିଲା। ମ୍ୟାଚ୍‌ର ହିରୋ ସାଜିଥିଲେ ଅକ୍ଷର ପଟେଲ। ସେ ୩୫ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୫ ଛକା ସହାୟତାରେ ୬୪ ରନ୍‌ରେ ଅପରାଜିତ ରହି ଭାରତକୁ ରୋମାଞ୍ଚକ ବିଜୟ ଦେଇଥିଲେ। ଶେଷ ଓଭରରୁ

## ବନାମ ୱେଷ୍ଟଇଣ୍ଡିଜ

ମ୍ୟାଚ୍ ଜିତିବା ପାଇଁ ଭାରତ ୮ ରନ୍ ଆବଶ୍ୟକ କରୁଥିଲା। କାଏଲ ମେୟର୍ସଙ୍କ ପ୍ରଥମ ୟର୍କର ବଲ୍‌ରୁ ଅକ୍ଷର କୌଣସି ରନ୍ ନେଇପାରି ନ ଥିବାବେଳେ ଦ୍ୱିତୀୟ ବଲ୍‌ରୁ ସିଙ୍ଗଲ ନେଇଥିଲେ। ମହମ୍ମଦ ସିରାଜ ତୃତୀୟ ବଲ୍‌ରୁ ସିଙ୍ଗଲ ନେଇ ଅକ୍ଷରଙ୍କୁ ଷ୍ଟ୍ରାଇକ୍ ଦେଇଥିଲେ। କ୍ରିଜ୍‌ରେ ସେଟ୍ ହୋଇସାରିଥିବା ଅକ୍ଷର ମ୍ୟାଚ୍‌କୁ ଶେଷ ବଲ୍ ପର୍ଯ୍ୟନ୍ତ ନେବା ଯୋଜନାରେ ନ



ଦ୍ୱିତୀୟ ଦିନିକିଆରେ ପ୍ଲେୟର ଅଫ୍ ଦି ମ୍ୟାଚ ଅକ୍ଷର ପଟେଲ।

ଥିଲେ। ୪ର୍ଥ ବଲ୍‌କୁ ମେୟର୍ସ ୟର୍କର ପକାଇବାକୁ ଚେଷ୍ଟା କରିଥିଲେ ହେଁ ତାହା ଅଫ୍‌ଷ୍ଟମ୍ପ ବାହାରେ ଫୁଲ୍‌ଟସ୍ ହୋଇଯାଇଥିଲା। ସୁଯୋଗର ସଦ୍‌ବ୍ୟବହାର କରି ଅକ୍ଷର ଏହାକୁ ଲଙ୍ଗ୍-ଅଫ୍ ଉପରେ ଛକାରେ ପରିଣତ କରି ମ୍ୟାଚ୍‌ର ଉତ୍କଣ୍ଠାପୂର୍ଣ୍ଣ ପରିସମାପ୍ତି ଘଟାଇଥିଲେ। ତେଣୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ୱେଷ୍ଟଇଣ୍ଡିଜ ୫୦ ଓଭରରେ ୬ ଉଇକେଟ ହରାଇ ୩୧୧ ରନ୍ କରିଥିବାବେଳେ ଭାରତ ୪୯.୪ ଓଭରରେ ୮ ଉଇକେଟ ହରାଇ ୩୧୨ ରନ୍ ସଂଗ୍ରହ କରିନେଇଥିଲା। ଅନ୍ୟ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଶ୍ରେୟାସ ଆୟାର ୬୩, ସଞ୍ଜୁ ସାମ୍‌ସନ ୫୪, ଶୁବମନ ଗିଲ୍ ୪୩ ଓ ଦୀପକ ହୁଡା ୩୩ ରନ୍‌ର ଯୋଗଦାନ ଦେଇଥିଲେ। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ ଆଲଜାରି ଜୋସେଫ ଓ କାଏଲ ମେୟର୍ସ ୨ଟି ଲେଖାଏ ଉଇକେଟ ନେଇଥିଲେ। ୪୧ରୁ ୫୦ ଶେଷ ୧୦ ଓଭରରେ ଭାରତ ୧୦୦ ରନ୍ ସଂଗ୍ରହ କରିଥିଲା। ରନ୍‌ଚେଜ୍ କ୍ଷେତ୍ରରେ ଭାରତ ପାଇଁ ଏହା ଥିଲା ସର୍ବାଧିକ। ପୂର୍ବରୁ ୨୦୧୫ରେ ଅକ୍‌ଲାଣ୍ଡଠାରେ ଜିମ୍ବାୱେ ବିପକ୍ଷରେ ଭାରତ ସର୍ବାଧିକ ୯୧ ରନ୍ ସଂଗ୍ରହ କରିଥିଲା।

# ଶ୍ରୀଲଙ୍କା ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ

**ଗାଲେ, (ଶ୍ରୀଲଙ୍କା), ୨୫।୭ (ଏପି):** ସ୍ପିନ ବୋଲରମାନଙ୍କ ପ୍ରଭାବୀ ବୋଲିଂ ଯୋଗୁ ଶ୍ରୀଲଙ୍କା ଗାଲେ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟକୁ ନିଜ ନିୟନ୍ତ୍ରଣରେ ରଖିଛି। ପ୍ରଥମ ଟେଷ୍ଟରେ ୩୪୨ ରନ ଡିଫେଣ୍ଡ କରି ନ ପାରିବାରୁ ସମାଲୋଚନାର ପାତ୍ର ହୋଇଥିବା ଶ୍ରୀଲଙ୍କା ସ୍ପିନରମାନେ ସୋମବାର ଲାଇନ୍ ଲେନ୍ଥ୍ ରଖି ବୋଲିଂ କରିଛନ୍ତି। ଫଳରେ ସେମାନଙ୍କ ଦଳ ୧୮୭ରନର ଅଗ୍ରଣୀ ଲାଭ କରିପାରିଛି।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ: ୩୭୮, ପାକିସ୍ତାନ ପ୍ରଥମ ଇନିଂସ: ୧୯୧/୭ (ଆଘା ସଲମନ-୬୨, ଇମାମ୍ ଉଲ୍ ହକ୍-୩୨, ରମେଶ ମେଣ୍ଡିସ-୩/୪୨, ପ୍ରବାଥ ଜୟସୁରିୟା-୨/୫୯)।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ବୀରେନ୍ଦ୍ର ମୋହନ ପାତ୍ର
National Coir, Satasankha Siriapur, Puri
ଆବିର୍ଭାବ-୧୮।୦୮।୧୯୫୪
ତିରୋଧାନ- ୦୬।୦୮।୨୦୨୧
ତୁମର ଅକାଳ ବିୟୋଗ ଆମକୁ ହତୋତ୍ସାହ କରି ଦେଇଛି। ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ ବତ୍ସଳ ଓ ପ୍ରେରଣା ଆମ ପାଇଁ ଚିର ସ୍ମରଣୀୟ। ଜୀବନର ଚଲା ପଥରେ ଯାହା ସବୁ ପ୍ରତିଷ୍ଠା କରି ଯାଇଛ ତାହା ଚିର ଅବିସ୍ମରଣୀୟ। ତୁମ ପୁଣ୍ୟ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ତୁମର ହତଭାଗୀ ସ୍ତ୍ରୀ: ପ୍ରତିଭା, ପୁଅ: ଜ୍ୟୋତିରଞ୍ଜନ, ଝିଅ: କୁନି, ସୋନି, ମୋନି ଓ ଜ୍ୱାଇଁ: ଅମୀୟ, ହାପି ଓ ଦୀପ୍ତ, ପୁତୁରା: ବାପି, ଟିକି ଓ ଲକି, ନାତି, ନାତୁଣୀ: ଦେବୀ, ଦିବ୍ୟା, ଓମ୍ ଓ ଅନ୍ୟାନ୍ୟ ବନ୍ଧୁ ଏବଂ ପରିବାରବର୍ଗ।
ଧ-୧୧୦୨

ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ବିଷ୍ଣୁପ୍ରିୟା ମହାନ୍ତି
ଆବିର୍ଭାବ: ୨୫।୦୪।୧୯୩୦
ତିରୋଧାନ: ୧୩।୦୮।୨୦୦୪
ମା' ତୋର ସ୍ୱର୍ଗବାସ ହେବାର ଆଜି ୧୮ବର୍ଷ ପୂରିଲା। ଆଜିର ଏହି ପବିତ୍ର ଦିନରେ ତୋର ସ୍ନେହ, ଦୃଢ଼ତା ଓ ଆଶୀର୍ବାଦକୁ ପାଥେୟ କରି ଆମେ ସମସ୍ତେ ଚାଲୁଅଛୁ।
ତୋର ଆଶୀର୍ବାଦ ଭିକ୍ଷୁ: ପୁତ୍ର: ମୁନ୍ନା, ବୋହୂ: ରିନି, ଝିଅ: ରୁନି, ରୁଜି ଓ ରେବା, ଜ୍ୱାଇଁ: ଅନିମେଷ, ଗଗନ, ସୁବ୍ରତ, ନାତୁଣୀ: ରିୟା ଓ ଶ୍ରୀୟା, ନାତି: ଶୁଭମ୍ ଓ ସୋନୁ।
ଧ-୧୦୯୬

# ମନ୍‌ସୁନ୍ ଟିପ୍ସ

**ବର୍ଷାଦିନେ ଥଣ୍ଡା, କାଶ ଭଳି ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଇଥାଏ। ପାଣିପାଗ ବଦଳୁଥିବାରୁ ଭାଇରାଲ୍ ଇନ୍‌ଫେକଶନ୍ ହୁଏ। ତେବେ ବିଭିନ୍ନ ପ୍ରକାର ଘରୋଇ ଉପାୟରେ ବି ଏହି ସମସ୍ୟାର ସମାଧାନ କରିପାରିବେ...**

- ବର୍ଷାଦିନେ ଯଦି କାଶ ହେଉଥାଏ ତେବେ ମହୁରେ ଲେମ୍ବୁରସ ମିଶାଇ ପିଅନ୍ତୁ। ଏକ ଗ୍ଲାସ୍ ପାଣି ଗରମକରି ସେଥିରେ ଲେମ୍ବୁରସ ଓ ମହୁ ମିଶାଇ ରାତିରେ ଶୋଇବା ପୂର୍ବରୁ ପିଅନ୍ତୁ। କିଛିଦିନ ପରେ କାଶ କମିଯିବ।
- ଥଣ୍ଡାରୁ ଅତି ସହଜରେ ମୁକ୍ତି ପାଇବା ପାଇଁ ତୁଳସୀପତ୍ର ସହ ଅଦା ମିଶାଇ ଖାଆନ୍ତୁ। ସକାଳୁ ସ୍ନାନ ପରେ ଏହାକୁ ସିଧାସଳଖ ଚୋବାଇ ଖାଇପାରିବେ କିମ୍ବା ଏହାକୁ ପାଣି ଅଥବା ଚା' ସହିତ ସିଝାଇ ପିଇପାରିବେ।
- ଥଣ୍ଡାକାଶ ଆଦି ବିଭିନ୍ନ ସମସ୍ୟା ଦୂରକରିବା ସହିତ ଅତି ସହଜରେ ନିଜ ଇମ୍ୟୁନିଟି ପାୱାର ବଢ଼ାଇବା ପାଇଁ ହେଲେ ଗୁଳୁଚି ଅତ୍ୟନ୍ତ ଉପକାରୀ। ତେଣୁ ଗୁଳୁଚିକୁ ପାଣିରେ ସିଝାଇ କାଢ଼ା କରି ପିଅନ୍ତୁ। ପ୍ରାକୃତିକ ଉପାୟରେ ଏହି ମାଧ୍ୟମରେ ଇମ୍ୟୁନିଟି ଶକ୍ତି ବଢ଼ିବା ସହ ରୋଗ ସଂକ୍ରମଣରୁ ରକ୍ଷା ମିଳିପାରିବ।
- ହଳଦୀରେ ମଧ୍ୟ ବିଭିନ୍ନ ପ୍ରକାର ଔଷଧୀୟ ଗୁଣ ରହିଛି। ଥଣ୍ଡା, କାଶ ପାଇଁ ତ ଏହା ଅତ୍ୟନ୍ତ ଫଳପ୍ରଦ। ଏକ ଗ୍ଲାସ୍ ଉଷୁମ କ୍ଷୀରରେ ୨ ଚାମଚ ହଳଦୀଗୁଣ୍ଡ ମିଶାଇ ପ୍ରତିଦିନ ପିଅନ୍ତୁ। ଖାଲି ସେତିକି ନୁହେଁ, ହଳଦୀକୁ ପାଣିରେ ସିଝାଇ କାଢ଼ା ଭଳି ମଧ୍ୟ ପିଇପାରିବେ।
- ସକାଳୁ ଗରମପାଣି ସହ ଗୋଲମରିଚ ଗୁଣ୍ଡ ମିଶାଇ ପିଇଲେ ଥଣ୍ଡା ଭଲ ହୋଇଥାଏ।



# ସହଜରେ ମନେରହିବ

**ପିଲାମାନଙ୍କୁ ଭଲ ପାଠ ପଢ଼ାଇବା ପାଇଁ ଅଭିଭାବକମାନେ ସବୁ ସୁବିଧା ସୁଯୋଗ ଯୋଗାଇଦେଇଥାନ୍ତି କିନ୍ତୁ ବାରମ୍ବାର ଏବଂ ବହୁ ସମୟ ପଢ଼ିବା ପରେ ବି କିଛି ପିଲା ପାଠ ମନେ ରଖିପାରନ୍ତି ନାହିଁ। ଏଭଳି କ୍ଷେତ୍ରରେ କ'ଣ କରିବେ ଜାଣିରଖନ୍ତୁ କିଛି ଟିପ୍ସ...**



- ପାଠ ମନେରହୁନି ବୋଲି ପିଲାଙ୍କ ଉପରେ ରାଗନ୍ତୁ ନାହିଁ। ବରଂ ପିଲାଙ୍କ ଏଭଳିସ୍ଥିତିରେ କିପରି ସାହାଯ୍ୟ କରିହେବ ସେଥିପ୍ରତି ଅଧିକ ଧ୍ୟାନ ଦିଅନ୍ତୁ।
- ପ୍ରଥମେ ପିଲାଙ୍କୁ କୌଣସି ଏକ ବିଷୟରେ ପାଠ ପଢ଼ାଉଥିଲେ ଭଲଭାବେ ବୁଝାନ୍ତୁ। ସଙ୍ଗେ ସଙ୍ଗେ ମନେରଖିବା ପାଇଁ ଚାପ ପକାନ୍ତୁ ନାହିଁ। ଯେକୌଣସି ବିଷୟକୁ ବୁଝାଇଥିଲେ ପିଲାର ହୁଏତ କିଛିଟା ଧାରଣା ରହିବ। ଏମିତି ବି ହୋଇପାରେ ଯଦି ସେ ସେହି ବିଷୟ ସମ୍ପର୍କିତ ଉତ୍ତର ଭୁଲିଯାଇଥିବ ତେବେ ନିଜେ ବୁଝିଥିବା ଭାଷାରେ କିଛିଟା ଲେଖିପାରିବ।
- ପିଲାଙ୍କୁ ସବୁବେଳେ ଜୀବନୀ ସହ ଉଦାହରଣ ଦେଇ ପାଠ ପଢ଼ାନ୍ତୁ। ପାଠ ମନେ ରଖିବା ପାଇଁ ଏହା ସବୁଠାରୁ ସହଜ ଉପାୟ। କାରଣ ଉଦାହରଣକୁ ପିଲାମାନେ ମନେରଖି ପାଠକୁ ମନେପକାଇ ପାରିବେ।
- ପିଲାଙ୍କୁ ବୋରିଂ ଲାଗୁଥିବା ବିଷୟକୁ ଗୀତ ମାଧ୍ୟମରେ ପଢ଼ାନ୍ତୁ। ସେମାନଙ୍କୁ କଷ୍ଟକର ମନେ ହେଉଥିବା ବିଷୟକୁ କବିତା ଭଳି ପଢ଼ାଇଲେ ତାଙ୍କୁ ଭିନ୍ନ ମନେହେବ ଏବଂ ସେମାନେ ସେଥିପ୍ରତି ଆକୃଷ୍ଟ ହୋଇ ଶୀଘ୍ର ମନେରଖିପାରିବେ। ଏମିତିକି କିଛି ବିଷୟରେ ବିଭିନ୍ନ ଫର୍ମୁଲା ମନେରଖିବା ପାଇଁ ସୁନ୍ଦର ଛୋଟ ଛୋଟ କବିତା ମଧ୍ୟ କରିପାରିବେ। ଏହି ମାଧ୍ୟମରେ ପିଲାମାନେ ନିଜେ ଗୁଣୁଗୁଣୁ ହୋଇ ସହଜରେ ପାଠ ମନେ ରଖିପାରିବେ।
- ପିଲାଙ୍କୁ ଯାହା ବି ପଢ଼ାଇବେ ସେସବୁକୁ ରିଭିଜନ ନିଶ୍ଚୟ କରାନ୍ତୁ। ଅର୍ଥାତ୍ ପୂର୍ବଦିନ ଯାହା ପଢ଼ିଥିବେ ସେସବୁକୁ ତା' ପରଦିନ ପ୍ରଶ୍ନ କରି ପୁଣି ଥରେ ମନେ ପକାଇଦେବେ।

## ଖାଦ୍ୟରୁଚି: ସୋୟାବିନ ଉପମା



**ଆବଶ୍ୟକ ସାମଗ୍ରୀ–** ସୋୟାବିନ୍ – ୨ କପ୍, ବାଦାମ– ୨ଚାମଚ, ଗାଜର – ଅଳ୍ପ (କଟା), ପିଆଜ– ୩ ଟି (କଟା), ସୋରିଷ– ୧ ଛୋଟ ଚାମଚ, ଭୃସୁଙ୍ଗପତ୍ର– ୧ ଚାମଚ, କଞ୍ଚାଲଙ୍କା– ୨ଟି (କଟା), ଲେମ୍ବୁରସ– ୨ ଚାମଚ, ଲୁଣ ଓ ତେଲ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ସୋୟାବିନ୍‌କୁ ଧୋଇ ଚିପୁଡ଼ି ରଖନ୍ତୁ। ଏବେ କଡ଼େଇରେ ଅଳ୍ପ ତେଲ ଗରମ କରି ସେଥିରେ ସୋୟାବିନ୍ ହାଲ୍‌କା ଭାଜନ୍ତୁ। ଏବେ ଏହାକୁ ଥଣ୍ଡାକରି ଗ୍ରାଇଣ୍ଡରରେ କିମା କରି ଦିଅନ୍ତୁ। ଏହାପରେ ଗ୍ୟାସ୍‌ରେ ମିଡିୟମ ଆଞ୍ଚରେ କଡ଼େଇ ବସାଇ ଗରମ କରନ୍ତୁ। କଡ଼େଇରେ୨/୩ ଚାମଚ ତେଲ ଗରମକରି ସେଥିରେ ସୋରିଷ ଫୁଟାଇ ଭୃସୁଙ୍ଗପତ୍ର ଓ କଟା ହୋଇଥିବା ଲଙ୍କା ପକାନ୍ତୁ। ଏହାପରେ ପିଆଜକୁ ଛୋଟ ଛୋଟ କରି କାଟି ପକାନ୍ତୁ। ଏବେ ସେଥିରେ କଟା ଗାଜର ପକାନ୍ତୁ। ସେଥିରେ ଲୁଣ ପକାଇ କିଛି ସମୟ ଭାଜନ୍ତୁ।

ପରିବା ନରମ ହୋଇଯିବା ପରେ ସେଥିରେ କିମା ସୋୟାବିନ୍ ଓ ବାଦାମ ମଞ୍ଜିକୁ ଭାଜି ପକାନ୍ତୁ। ଶେଷରେ ଲେମ୍ବୁରସ ପକାନ୍ତୁ। ଆବଶ୍ୟକ ହେଲେ ସେଥିରେ ଅଳ୍ପ ପାଣି ଛିଞ୍ଚି ଛିଞ୍ଚି ପକାଇପାରିବେ। ସୋୟାବିନ୍ ଉପମାକୁ ଚଟପଟା କରିବାକୁ ଚାହୁଁଥିଲେ ସେଥିରେ ଚାଟ୍ ମସଲା, ନଡ଼ିଆ କୋରା ଓ ଅଧିକ ଲଙ୍କା ମଧ୍ୟ ପକାଇପାରିବେ।

# ଅତିଥି ଆସୁଥିଲେ...





**ଘରେ ଅଚାନକ ପାର୍ଟି। ଏଥିପାଇଁ ସମୟ ବହୁତ କମ୍। ଏତେ ଶୀଘ୍ର କ'ଣ କେମିତି ହେବ! ଏକଥା ଭାବି ଚିନ୍ତାରେ ରହିବା ବଦଳରେ ଠିକ୍ ଭାବେ ପ୍ଲାନିଂକରି ଆପଣ ବି ହୋଇପାରିବେ ସ୍ମାର୍ଟ ଶ୍ରୀମତୀ...**

କେବେ ବନ୍ଧୁବାନ୍ଧବଙ୍କୁ ଏକାଠି କରିବା ପାଇଁ ତ କେବେ ଉତ୍ସବ ମନାଇବା ଲାଗି ଆଉ କେବେ ସାଙ୍ଗମାନଙ୍କ ସହ ମଜାମସ୍ତି କରିବା ନିମନ୍ତେ ଘରେ ଭୋଜିଭାତର ଆୟୋଜନ କରିବାକୁ ହୋଇଥାଏ। କିନ୍ତୁ ଏସବୁ ପାଇଁ ଗୃହିଣୀମାନଙ୍କୁ ପୂର୍ବରୁ ପ୍ରସ୍ତୁତି କରିବାକୁ ପଡ଼େ। ହେଲେ ବେଳେବେଳେ ହଠାତ୍ କମ୍ ସମୟ ମଧ୍ୟରେ ସବୁକିଛି କରିବା ପାଇଁ ପଡ଼େ। ତେବେ ଏମିତି ପରିସ୍ଥିତିରେ ଭୋଜି କରିବାକୁ ଥିଲେ ବ୍ୟସ୍ତ ହୁଅନ୍ତୁ ନାହିଁ, ବରଂ ଏଥିପାଇଁ କିଭଳି ସହଜରେ ପ୍ରସ୍ତୁତ ହୋଇପାରିବେ ପ୍ରୟାସ କରନ୍ତୁ।

**ଅତିଥିଙ୍କ ତାଲିକା:** ଘରକୁ ପାର୍ଟିରେ ଯୋଗଦେବା ପାଇଁ କେଉଁମାନେ ଆସିବେ ପ୍ରଥମେ ତାହାର ତାଲିକା କରନ୍ତୁ। ଯଦି ପାରିବାରିକ ଭୋଜି ହୋଇଥାଏ ତେବେ ବନ୍ଧୁମାନଙ୍କୁ ଫୋନ୍ କରି ମନେ ପକାଇ ଦିଅନ୍ତୁ। ଯଦି ସମସ୍ତଙ୍କୁ ଫୋନ୍ କରିବା ପାଇଁ ସମୟ ନ ଥାଏ ତେବେ ଏକ ମେସେଜ୍ ଲେଖି ସମସ୍ତଙ୍କ ପାଖକୁ ପଠାଇ ଦିଅନ୍ତୁ। ଅତିଥିଙ୍କ ତାଲିକା ଅନୁସାରେ ଭୋଜି ନିମନ୍ତେ କ'ଣ ଆଉ କେତେ ପରିମାଣର କରିବାକୁ ହେବ ସେହି ଅନୁସାରେ ପ୍ରସ୍ତୁତି କରନ୍ତୁ।

**ଏକାଠି କିଣନ୍ତୁ:** ପାର୍ଟି ନିମନ୍ତେ କ'ଣ ସବୁ ବ୍ୟବସ୍ଥା କରିବାକୁ ହେବ ସେନେଇ ସ୍ଥିରକରି ସେହି ଅନୁସାରେ ସବୁ ସାମଗ୍ରୀ କିଣନ୍ତୁ। ଯଦି କୌଣସି ପ୍ରକାର ସାଜସଜ୍ଜା କରିବାକୁ ଥାଏ ତେବେ ଆଗୁଆ କରି ଦିଅନ୍ତୁ। ସାଜସଜ୍ଜା କରିବା ପାଇଁ ଯଦି ସମୟ ନ ଥାଏ ତେବେ ଅତିଥିଙ୍କ ବସିବା ଓ ରହିବା ନିମନ୍ତେ ବ୍ୟବସ୍ଥା ନିଶ୍ଚୟ କରନ୍ତୁ। ଯଦି ସମ୍ଭବ ହୁଏ ତା'ହେଲେ ରେଡିମେଟ୍ ସାଜସଜ୍ଜା ହିଁ କରନ୍ତୁ। ତେବେ ଭୋଜି ନିମନ୍ତେ ଯାହା ସବୁ ଆବଶ୍ୟକ ସେସବୁର ତାଲିକା କରି ଏକାଠି କିଣି ଆଣନ୍ତୁ।

**ପୂର୍ବ ଦିନରୁ:** ପାର୍ଟି ଦିନ ହିଁ ସବୁ ପ୍ରକାର ରୋଷେଇ କରିବା ପାଇଁ ଯୋଜନା ରଖନ୍ତୁ ନାହିଁ। କିଛି ଖାଦ୍ୟ ଯେମିତିକି ମିଠା କିମ୍ବା ସ୍ନାକ୍ସ ଆଦି ଭୋଜି ପୂର୍ବ ଦିନରୁ କରି ରଖି ଦିଅନ୍ତୁ। ଆଗରୁ ଏସବୁ କରି ଦେଇଥିଲେ ଭୋଜି ଦିନ ଅନ୍ୟ ସବୁ ରୋଷେଇ କରିବା ପାଇଁ ଅଧିକ ସମୟ ମିଳିବ। ଏହା ସହିତ ଅତିଥିଙ୍କ ସହ ସମୟ କାଟିବା ପାଇଁ ବି ଅଧିକ ସମୟ ମିଳିବ।

**ଫ୍ରୋଜନ ଫୁଡ୍:** ସ୍ନାକ୍ସ ଆଇଟମ୍ କିଛି ତିଆରି କରିବା ବଦଳରେ ଫ୍ରୋଜନ ଫୁଡ୍ କିଣି ଆଣନ୍ତୁ। ଫଳରେ ରୋଷେଇ ପାଇଁ କମ୍ ସମୟ ଲାଗିବ ଏବଂ ଅତିଥିମାନଙ୍କ ସହ ଅଧିକ ସମୟ କଟାଇବାର ସୁଯୋଗ ମିଳିବ। ସ୍ନାକ୍ସ ଆଇଟମ୍‌ରେ ଫ୍ରୋଜନ୍ ଫୁଡ୍ ବହୁତ ଭଲ ବିକଳ୍ପ ହୋଇପାରିବ। ଲୋକଙ୍କୁ ମଧ୍ୟ ଏହା ଖୁବ୍ ପସନ୍ଦ ଆସିବ।

**କାମ ବାଣ୍ଟନ୍ତୁ:** ଘରେ ଭୋଜିର ଆୟୋଜନ ହେଲେ ବହୁତ କାମ ଆସିଥାଏ। ତେଣୁ ଏକୁଟିଆ କାମ କରିବା ବଦଳରେ ଘରର ସମସ୍ତଙ୍କୁ କାମ ବାଣ୍ଟିଦିଅନ୍ତୁ। ଘର ସଫା କାମ କିମ୍ବା ଘର ସଜାଡ଼ିବା ଅଥବା ରୋଷେଇ କାମରେ ସାହାଯ୍ୟ କରିବା ନିମନ୍ତେ ସମସ୍ତଙ୍କୁ କିଛି ନା କିଛି ଦାୟିତ୍ୱ ବାଣ୍ଟିଦେବା ଉଚିତ। ଫଳରେ ସହଜରେ ଏବଂ ଠିକ୍ ସମୟରେ ସବୁ କାମ ଶେଷ ହୋଇପାରିବ।

**ମଜାମସ୍ତି:** ଭୋଜି ପାଇଁ ଘରକୁ ସବୁ ଅତିଥି ଆସିଲେ ଗପସପ ଓ ମଜାମସ୍ତି ତ ନିଶ୍ଚୟ ହେବ। କିନ୍ତୁ ସାଙ୍ଗମାନଙ୍କ ସହ ମଜାମସ୍ତି କରୁଥିଲେ ସତର୍କ ରୁହନ୍ତୁ। କାରଣ ଘରେ ଅନ୍ୟ ଗୁରୁଜନଙ୍କ ସାମ୍ନାରେ ଶାଳୀନତା ବି ରଖିବାକୁ ହେବ। ତେଣୁ ଏସବୁକୁ ଦୃଷ୍ଟିରେ ରଖି ଗପସପ କରନ୍ତୁ।

ଭୋଜି ଶେଷରେ ସମସ୍ତେ ଘରକୁ ଫେରିବା ସମୟରେ ସେମାନଙ୍କୁ କିଛି ଉପହାର ଦେବାକୁ ଚେଷ୍ଟା କରନ୍ତୁ। ନ ହେଲେ ଭୋଜିର କିଛି ଖାଦ୍ୟ ମଧ୍ୟ ଅତିଥିଙ୍କୁ ଦିଅନ୍ତୁ।



ଜୟନ୍ତୀ ବିଶ୍ୱାଳ



ଦେବସ୍ମିତା



କ୍ଷୀରାବ୍ଧୀ

### ଏମାନେ କ'ଣ କରନ୍ତି

**ଅଭ୍ୟାସ ହୋଇଗଲାଣି**

ଆମର ଜଏଣ୍ଟ ଫ୍ୟାମିଲି ହେଇଥିବାରୁ ଆମ ଘରକୁ ଅଧିକାଂଶ ସମୟରେ ବନ୍ଧୁବାନ୍ଧବମାନେ ବିଭିନ୍ନ କାମରେ ଆସିଥାନ୍ତି। କିଏ ପରୀକ୍ଷା ଦେବାକୁ ତ କିଏ ଡାକ୍ତରଙ୍କ ପାଖକୁ ଏମିତି ବିଭିନ୍ନ କାମରେ ଆସି ଆମ ଘରେ ରୁହନ୍ତି। ସେମାନଙ୍କ ଆସିବାର ସୂଚନା ନ ଥିଲେ ବି ସଙ୍ଗେ ସଙ୍ଗେ ସେମାନଙ୍କର ରହିବା ଓ ଖାଇବାର ବ୍ୟବସ୍ଥା କରିଥାଏ। ଏସବୁ ଅଭ୍ୟାସରେ ପରିଣତ ହୋଇଗଲାଣି। ଆଉ କିଛି ଅଡୁଆ ଲାଗୁନି।

*–ଜୟନ୍ତୀ ବିଶ୍ୱାଳ, ଗୃହିଣୀ*
*ନୟାପଲ୍ଲୀ, ଭୁବନେଶ୍ୱର*

**ବହୁତ ଖୁସି ଲାଗେ**

ମୋ ସ୍ୱାମୀ ଅନେକ ଥର ଫୋନ୍ କରି କହିବେ ଆମେ ପାଞ୍ଚ ଛଅ ଜଣ ମିଶି ଘରକୁ ଯାଇ ଖାଇବୁ। ମାତ୍ର ଘଣ୍ଟାଏ ଆଗରୁ ସୂଚନା ପାଇ ୫ଜଣଙ୍କ ଲାଗି ରୋଷେଇ କରିବାକୁ ବେଳେବେଳେ କଷ୍ଟ ଲାଗେ। କିନ୍ତୁ ସମସ୍ତଙ୍କୁ ଖାଇବାକୁ ଦେବା ପରେ ବହୁତ ଖୁସି ଲାଗେ।

*–ଦେବସ୍ମିତା ପଣ୍ଡା*
*କର୍ମଜୀବୀ, ମୁମ୍ବାଇ, ମହାରାଷ୍ଟ୍ର*

**ରୋଷେଇ କରିବାକୁ ଭଲ ଲାଗେ**

ସବୁଦିନେ ଏମିତି ରୋଷେଇକରି ମୋର ଅଭ୍ୟାସ ହୋଇଗଲାଣି। ପ୍ରାୟ ଅଧିକାଂଶ ଥର ମୋ ସ୍ୱାମୀ କିମ୍ବା ଶ୍ୱଶୁରଙ୍କର ବନ୍ଧୁମାନେ ହଠାତ୍ ଆସି ଘରେ ପହଞ୍ଚିଯାଆନ୍ତି। ଆଉ ସେମାନେ ଖାଇକି ଯିବା ପାଇଁ ମୁଁ ସଙ୍ଗେ ସଙ୍ଗେ ରୋଷେଇ କରିଦେଇଥାଏ। ଯାହା କିଛି ବି ହେଉ ସେମାନଙ୍କ ଖାଇବା ନିମନ୍ତେ ମୁଁ ସଙ୍ଗେ ସଙ୍ଗେ ରୋଷେଇ କରିଥାଏ। ଏଥିପାଇଁ ତ ଘର ଲୋକେ ମୋ ଉପରେ ବହୁତ ଖୁସି ହୋଇଥାନ୍ତି। ତା' ଛଡ଼ା ମତେ ବି ରୋଷେଇ କରି ସମସ୍ତଙ୍କୁ ଖୁଆଇବା ପାଇଁ ବହୁତ ଭଲ ଲାଗେ।

*–କ୍ଷୀରାବ୍ଧୀ ତନୟା ପତ୍ରୀ*
*ଗୃହିଣୀ, ସଛିଆ, ଭଦ୍ରକ*





# ବର୍ଷାଦିନେ ଲଗାନ୍ତୁ ନିମ୍ବପତ୍ର



**ବର୍ଷାଦିନେ ତ୍ୱଚାର ବିଭିନ୍ନ ସମସ୍ୟା ଦୂରକରି ସୁନ୍ଦରତା ବଢ଼ାଇବା ପାଇଁ ନିମ୍ବପତ୍ର ବ୍ୟବହାର କରନ୍ତୁ।**

ସୌନ୍ଦର୍ଯ୍ୟ

- ତ୍ୱଚାରେ ଥିବା କଳାଦାଗ ଦୂରକରିବା ପାଇଁ ନିମ୍ବପତ୍ରରେ ଟୋନର ତିଆରି କରିପାରିବେ। ଏଥିପାଇଁ ନିମ୍ବପତ୍ରକୁ ପାଣିରେ ଭଲଭାବେ ସିଝାଇ ଦିଅନ୍ତୁ। ଥଣ୍ଡା ହେବା ପରେ ତୁଳାରେ ଏହି ପାଣିକୁ ରାତିରେ ମୁହଁରେ ଲଗାନ୍ତୁ।
- ନିମ୍ବ ଫେସ୍ ପ୍ୟାକ୍ ଲଗାଇ ତ୍ୱଚାର ସୌନ୍ଦର୍ଯ୍ୟ ବଢ଼ାଇପାରିବେ। ଏଥିପାଇଁ ନିମ୍ବପତ୍ରକୁ ବାଟି ସେଥିରେ ମହୁ ମିଶାଇ ମୁହଁରେ ଲଗାନ୍ତୁ। ଏହି ଫେସ୍ ପ୍ୟାକ୍‌କୁ ମୁହଁରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ତା'ପରେ ଧୋଇଦିଅନ୍ତୁ।
- ତ୍ୱଚାରେ ବ୍ରଣ ନ ହେବା ପାଇଁ ବି ନିମ୍ବପତ୍ରକୁ ଲଗାଇପାରିବେ। ନିମ୍ବପତ୍ରକୁ ବାଟି ସେଥିରେ ହଳଦୀ ମିଶାଇ ଫେସ୍ ପ୍ୟାକ୍ ତିଆରି କରନ୍ତୁ। ଏହି ପ୍ୟାକ୍ ମୁହଁରେ ଲଗାଇ ୨୦ ମିନିଟ୍ ପରେ ଧୋଇଦିଅନ୍ତୁ। କିଛିଦିନ ପରେ ବ୍ରଣ ହେବ ନାହିଁ।
- ତ୍ୱଚା ଅତ୍ୟଧିକ ତୈଳାକ୍ତ ହୋଇଥିଲେ ନିମ୍ବପତ୍ର ପ୍ୟାକ୍ ଲଗାନ୍ତୁ। ଏହି ପ୍ୟାକ୍ ତିଆରି କରିବା ପାଇଁ ନିମ୍ବପତ୍ରକୁ ବାଟି ସେଥିରେ ମୁଲତାନୀ ମାଟି ଓ ମହୁ ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଧୋଇଦିଅନ୍ତୁ। ଏହି ପ୍ୟାକ୍ ଲଗାଇଲେ କିଛିଦିନ ପରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଭିଙ୍ଗେଗାର୍ଡଙ୍କୁ ଟାଇଟଲ

**ପ୍ୟାରିସ, ୨୫।୭**

ଡେନମାର୍କର ଜୋନାସ ଭିଙ୍ଗେଗାର୍ଡ ପ୍ରଥମ ଥର ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍ ଜିତିଛନ୍ତି। ଫଳରେ ଗତ ଦୁଇବର୍ଷ ହେଲା ଏହି ରେସ୍ ଜିତିଆସୁଥିବା ଟାଡେଜ ପୋଗାକାରଙ୍କ ଆଧିପତ୍ୟର ଅନ୍ତ ଘଟିଛି। ୩,୩୫୦ କିଲୋମିଟର ଦୂରତା ବିଶିଷ୍ଟ ଏହି କଷ୍ଟସାଧ୍ୟ ରେସ୍ ସପ୍ତାହ ଧରି ଚାଲିଥିଲା। ବେଲଜିୟମର ଜାସ୍ପର ଫିଲିପ୍ସେନ୍ ଫାଇନାଲ ଷ୍ଟେଜ୍‌ର ସ୍ପ୍ରିଣ୍ଟ ଜିତିଥିଲେ। ଜେନେରାଲ କ୍ଲାସିଫିକେଶନରେ ଭିଙ୍ଗେଗାର୍ଡ ଗତବର୍ଷ ଚାମ୍ପିୟନ ଟାଡେଜ

## ଟୁର୍ ଡି' ଫ୍ରାନ୍ସ

ପୋଗାକାରଙ୍କଠାରୁ ୨ ଘଣ୍ଟା ୪୩ ମିନିଟ୍ ଆଗରେ ରହିଛନ୍ତି। ବ୍ରିଟେନର ପୂର୍ବନ ବିଜେତା ଜରେଣ୍ଟ ଥେମାସ ଓଭରାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୩୫ ବର୍ଷୀୟ ୱେଲ୍ସର ରାଇଡର ତାଙ୍କ କ୍ୟାରିୟରରେ ତୃତୀୟ ଥର ପୋଡିୟମ ଫିନିଶ କରିପାରିଛନ୍ତି। ରେସ୍ ଜିତିବା ପରେ ଭିଙ୍ଗେଗାର୍ଡ କହିଛନ୍ତି, ସେ ବିଶ୍ୱା କରିପାରୁ ନ ଥିଲେ ମଧ୍ୟ ଶେଷରେ ରେସ୍ ଜିତିବାରେ ସମର୍ଥ ହୋଇପାରିଛନ୍ତି। ଗତବର୍ଷ ରନର୍ସ ଅପ୍ ଆହୁରି ମଧ୍ୟ ପୋଲ୍‌କା ଡଟ୍ କିଙ୍ଗ୍ ଅଫ୍ ଦି ମାଉଣ୍ଟେନ୍ସ ଜର୍ସି ହାସଲ କରିଛନ୍ତି। ତାଙ୍କ ଟିମ୍‌ମେଟ୍ ଆଉଟ ଭ୍ୟାନ୍ ଏରଟ ପଏଣ୍ଟ୍ସ କ୍ଲାସିଫିକେଶନ ଗ୍ରୀନ୍ ଜର୍ସି ଲାଭ କରିଛନ୍ତି।



ଟ୍ରଫି ସହ ଜୋନାସ ଭିଙ୍ଗେଗାର୍ଡ।

## ବିଶେଶ୍ୱର ନନ୍ଦୀ ମହିଳା ଜିମ୍ନାଷ୍ଟିକ୍ସ ଦଳ କୋଚ୍

**ନୂଆଦିଲ୍ଲୀ, ୨୫।୭ (ପି.ଟି.):** ଆସନ୍ତା ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ବିଶେଶ୍ୱର ନନ୍ଦୀ ଭାରତୀୟ ମହିଳା ଜିମ୍ନାଷ୍ଟିକ୍ସ ଦଳର କୋଚ୍ ମନୋନୀତ ହୋଇଛନ୍ତି। ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀପା କର୍ମକାର ରିଓ ଅଲିମ୍ପିକ୍ସ ୨୦୧୬ରେ ଐତିହାସିକ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ବିଶେଶ୍ୱରଙ୍କୁ ବିବାଦୀୟ ରୋହିତ ଜୟସ୍ୱାଲଙ୍କ ସ୍ଥାନରେ ନିଯୁକ୍ତି ମିଳିଥିଲା। ରୋହିତ ପୂର୍ବରୁ ମହିଳା ଦଳର କୋଚ୍ ରହିଥିଲେ। ଜିମ୍ନାଷ୍ଟ ଅରୁଣ ବୁଡା ରେଡ୍ଡୀଙ୍କ ଅଭିଯୋଗକୁ ଭିତ୍ତିକରି ତାଙ୍କୁ କୋଚ୍ ପଦବୀରୁ ବହିଷ୍କାର କରାଯାଇଥିଲା। ଅରୁଣ ଅଭିଯୋଗ କରିଥିଲେ ଯେ, ତାଙ୍କ ବିନା ଅନୁମତିରେ ରୋହିତ ତାଙ୍କର ଭିଡିଓଗ୍ରାଫି କରୁଥିଲେ। ନନ୍ଦୀ ଦଳ ସହ ଜୁଲାଇ ୨୯ରେ ଯୋଗଦେବା ଆଶା ରଖିଛନ୍ତି। ଜୟସ୍ୱାଲ ବହିଷ୍କୃତ ହେବାପରେ ତାଙ୍କ ପାଖରେ ଟ୍ରେନିଂ ନେଉଥିବା ପ୍ରଣତି ନାୟକଙ୍କ ପାଇଁ ସମସ୍ୟା ଉପୁଜିପାରେ। ମାତ୍ର ମୁଁ ଦଳର ପ୍ରତିଟି ସଦସ୍ୟଙ୍କୁ ସମାନ ଦୃଷ୍ଟିରେ ଦେଖିବି ବୋଲି ନନ୍ଦୀ କହିଛନ୍ତି। ଭାରତୀୟ ଜିମ୍ନାଷ୍ଟ ଦଳ: (ପୁରୁଷ) ସତ୍ୟଜିତ୍ ମଣ୍ଡଳ, ଯୋଗେଶ୍ୱରୀ ସିଂ ଓ ସଇଫ ଟାମ୍ବୋଲି। (ମହିଳା): ପ୍ରଣତି ନାୟକ, ରୁଥୁଜା ନଟରାଜ, ପ୍ରୋତିଷ୍ଠା ସାମନ୍ତ, ବଲଭିନ୍ କୌର।

# ଆଉ ଜଣେ ଆଥ୍‌ଲେଟ ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ, ୨୫।୭ (ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେବା ଲାଗି ମନୋନୀତ ଅନ୍ୟ ଜଣେ ଆଥ୍‌ଲେଟ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ସେ ହେଲେ ମହିଳା ୪x୧୦୦ ମିଟର ରିଲେ ଟିମ୍‌ର ଜଣେ ସଦସ୍ୟା। ସେ ଦଳରୁ ବାଦ୍ ପଡ଼ିବା ନିଶ୍ଚିତ। ଡୋପ୍ ଅପରାଧୀଙ୍କ ନାମ ପ୍ରକାଶ କରାଯାଇନାହିଁ। ଆଥ୍‌ଲେଟ ଜଣକ ବାଦ୍ ପଡ଼ିବା ପରେ ମହିଳା ୪x୧୦୦ ମିଟର ରିଲେ ଟିମ୍‌ର ସଦସ୍ୟ ସଂଖ୍ୟା ବର୍ତ୍ତମାନ କେବଳ ୪ ରହିବ। ଯଦି ଏହି ୪ ଜଣଙ୍କ ମଧ୍ୟରୁ ଜଣେ ଆଘାତପ୍ରାପ୍ତ ହୁଅନ୍ତି ତେବେ କାମ ଚଳାଇବା ପାଇଁ ଅନ୍ୟ ଟ୍ରାକ୍ ଇଭେଣ୍ଟରୁ ଜଣେ ଆଥ୍‌ଲେଟଙ୍କୁ ଅଣାଯାଇପାରେ। ହେଲେ ଏହା ଦ୍ୱାରା ଟିମ୍‌ର ପ୍ରଦର୍ଶନ ପ୍ରଭାବିତ ହେବ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ପ୍ରଥମେ ୩୭ଜଣିଆ ଭାରତୀୟ ଦଳରେ ମହିଳା ୪x-୧୦୦ ମିଟର ରିଲେ ଟିମ୍ ପାଇଁ ଦ୍ୟୁତୀ ଚାନ୍ଦ, ହୀମା ଦାସ, ଶ୍ରାବଣୀ ନନ୍ଦ, ଏନ୍.ଏସ୍. ସିମି, ସେକର ଧନଲକ୍ଷ୍ମୀ ଓ ଏମ୍‌ଭି ଜିଲ୍‌ନାଙ୍କୁ ମନୋନୀତ କରିଥିଲା। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ମୋଟ ଆଥ୍‌ଲେଟଙ୍କ ସଂଖ୍ୟା ୩୬ରେ ରଖିବା ପାଇଁ କହିବାରୁ ଜିଲ୍‌ନାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ତେବେ ପରବର୍ତ୍ତୀ କାଳରେ ଧନଲକ୍ଷ୍ମୀ ଡୋପ୍ ଟେଷ୍ଟରେ ଧରାପଡ଼ିବାରୁ ତାଙ୍କ ସ୍ଥାନରେ ଜିଲ୍‌ନାଙ୍କୁ ନିଆଯାଇଥିଲା। ଡୋପ୍ ଅପରାଧୀ ଜଣକ ବିଳମ୍ବରେ ଦଳ ସହ ଯୋଗଦେଇଥିବା କୁହାଯାଉଛି। ହେଲେ ଏହା କେତେଦୂର ସତ୍ୟ ତାହା ସ୍ପଷ୍ଟ ହୋଇନାହିଁ। ନିଷିଦ୍ଧ ଡ୍ରଗ୍ସ ପାଇଁ ୨ଟି ଟେଷ୍ଟରେ ପଜିଟିଭ୍ ଯୋଗୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ ଲାଗି ମନୋନୀତ ଅନ୍ୟ ଦୁଇ ଆଥ୍‌ଲେଟ ସେକର ଧନଲକ୍ଷ୍ମୀ ଓ ଟ୍ରିପଲ ଜମ୍ପର ଐଶ୍ୱର୍ଯ୍ୟ ବାବୁ ଭାରତୀୟ ଦଳରୁ ବାଦ୍ ପଡ଼ିଥିଲେ। ପ୍ରକାଶ ଯେ, ଧନଲକ୍ଷ୍ମୀଙ୍କ ପ୍ରତିଯୋଗିତା ବାହାରେ ଦୁଇଥର ଏବଂ ଐଶ୍ୱର୍ଯ୍ୟଙ୍କର ପ୍ରତିଯୋଗିତା ସମୟରେ ଦୁଇଥର ଡୋପ୍ ଟେଷ୍ଟ ହୋଇଥିଲା।







For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.

**Authorized Dealers: Bhubaneswar:** Rohan Hero - 9289922474; Bharat Hero - 7799766378; DD Hero - 7799766329, Arundhati Hero - 9289923183; **Balasore:** Neelam Hero - 9289922519; **Baripada:** Aditya Hero - 7799766370; **Bhadrak:** Sanjib Hero - 9289922608; **Chandikhol:** S. K. Hero - 9289922900; **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078; **Jagatsinghpur:** Trishul Hero - 9289922675; **Jajpur Road:** Soumik Hero - 9289922611; **Jaleswar:** Sai Hero - 9289922844; **Jatni:** Vishal Hero - 9289922984; **Keonjhar:** Supreme Hero - 9289922182; **Nayagarh:** Bhagabati Hero - 9289922687; **Puri:** Sanjib Hero - 9289923107; **Authorized Service Centre: Baliapal:** Baba Motors - 9238551897. **Balugaon:** Mahamayee Motors - 8327793865. **Jajpur:** Ayush Automobiles -9437440240. **Kendrapada:** Baishnabi Motors - 9853471301. **Khurda:** Dinesh Trading Company - 9861242100 **Nimapada:** Basudev Automobiles - 9437185858. **Paradip:** Paradip Motors - 9238120001. **Pattamundai:** Mishra Auto - 9438139116. **Pipili:** Sree Ram Motors - 9437110789. **Puri:** Laxmi Priya Motors - 9437055552. **Rahama:** Sarala Automobiles - 9937018532. **Rairangpur:** Maa Sakambari Motors - 7978560171. **Soro:** Twinkle Motors - 9861594852. **Udla:** Mahaver Motors - 9853290346.